ବର୍ଷ-୨୬, ସଂଖ୍ୟା-୧୮୩
ଭୁବନେଶ୍ୱର
୦୯, ଜୁଲାଇ ୨୦୨୬ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 183
Bhubaneswar
09 July, 2026, Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ବିବାଦରେ କଙ୍ଗନାଙ୍କ 'କୁଇନ୍-୨'



# ଆଜି ଆସୁଛନ୍ତି ଉପରାଷ୍ଟ୍ରପତି

ଭୁବନେଶ୍ୱର,୮।୭(ମହାଭାରତ): ଉପରାଷ୍ଟ୍ରପତି ସି. ପି. ରାଧାକ୍ରିଷ୍ଣନ ଆସନ୍ତାକାଲି ଦ୍ୱିତୀୟ ଥର ପାଇଁ ଓଡ଼ିଶା ଗସ୍ତରେ ଆସୁଛନ୍ତି। ତାଙ୍କର ଏହି ହାଇ-ପ୍ରୋଫାଇଲ୍ ଗସ୍ତକୁ ନଜରରେ ରଖି ରାଜଧାନୀ ଭୁବନେଶ୍ୱରରେ କଡ଼ା ସୁରକ୍ଷା ବ୍ୟବସ୍ଥା ସହ ସ୍ୱତନ୍ତ୍ର ଟ୍ରାଫିକ କଟକଣା ଜାରି କରାଯାଇଛି। କମିଶନରେଟ୍ ପୋଲିସ ପକ୍ଷରୁ ଯାନବାହନ ଚଳାଚଳ ପାଇଁ ଆଡଭାଇଜରି ଜାରି କରାଯାଇଥିବାରୁ ସହରବାସୀଙ୍କୁ ବିକଳ୍ପ ରାସ୍ତା ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି।



ସୂଚନା ଅନୁଯାୟୀ, ସକାଳ ୧୦ଟା ୨୫ ମିନିଟ୍‌ରୁ ୧୦ଟା ୪୫ ମିନିଟ୍ ପର୍ଯ୍ୟନ୍ତ ଏୟାରପୋର୍ଟ ଛକରୁ ଓୟୁଏଟି ଛକ ପର୍ଯ୍ୟନ୍ତ ଟ୍ରାଫିକ କଟକଣା ଲାଗୁ ରହିବ। ସେହିପରି ଲୋକସେବା ଭବନ, ପାୱାର ହାଉସ ଛକ ଓ ଅପରାହ୍ନ ୩ଟା ୫୫ ମିନିଟ୍‌ରେ ଜୟଦେବ ବିହାର ଅଞ୍ଚଳରେ ମଧ କିଛି ସମୟ ପାଇଁ ଯାତାୟାତ ନିୟନ୍ତ୍ରଣ କରାଯିବ।

ଉପରାଷ୍ଟ୍ରପତି ଭୁବନେଶ୍ୱରରେ ଆୟୋଜିତ ଜାତୀୟ ବ୍ଲୁ-ଇକୋନୋମି ଓ ମତ୍ସ୍ୟ କ୍ଷେତ୍ର ସମ୍ବନ୍ଧୀୟ ବୃହତ କାର୍ଯ୍ୟକ୍ରମରେ ଯୋଗଦେବେ। ଏହି ଅବସରରେ ସେ ଗଭୀର ସମୁଦ୍ର ମତ୍ସ୍ୟଚାଷ ପାଇଁ ଜାତୀୟ 'ଅନୁମତି ପତ୍ର'ର ଶୁଭାରମ୍ଭ କରିବା ସହ 'ଓଡ଼ିଶା ଗଭୀର ସମୁଦ୍ର ମତ୍ସ୍ୟଚାଷ ମିଶନ' ଦଲିଲର ଉନ୍ମୋଚନ କରିବେ। ଏହି ପଦକ୍ଷେପ ଓଡ଼ିଶାର ସାମୁଦ୍ରିକ ମତ୍ସ୍ୟ ସମ୍ପଦର ବିକାଶ ଓ ଦେଶର ବ୍ଲୁ-ଇକୋନୋମି କ୍ଷେତ୍ରକୁ ନୂଆ ଦିଗ ଦେବ ବୋଲି ଆଶା କରାଯାଉଛି।

ଗସ୍ତକୁ ନେଇ ବିମାନବନ୍ଦରରୁ କାର୍ଯ୍ୟକ୍ରମ ସ୍ଥଳ ଓ ରାଜଭବନ ପର୍ଯ୍ୟନ୍ତ କାରକେଡ୍‌ର ମକ୍ ଡ୍ରିଲ୍ ଶେଷ ହୋଇଛି। ସୁରକ୍ଷା ପାଇଁ ୩୦ରୁ ଅଧିକ ପ୍ଲାଟୁନ ପୋଲିସ ଫୋର୍ସ, ବରିଷ୍ଠ ଆଇପିଏସ୍ ଅଧିକାରୀ ଏବଂ ସାଧା ପୋଷାକଧାରୀ ସୁରକ୍ଷାକର୍ମୀଙ୍କୁ ମୁତୟନ କରାଯାଇଛି। ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଉଚ୍ଚସ୍ତରୀୟ ବୈଠକ କରାଯାଇ ରହଣି, ସ୍ୱାଗତ, ପ୍ରୋଟୋକଲ୍ ଓ ସୁରକ୍ଷା ବ୍ୟବସ୍ଥାର ଶେଷ ସମୀକ୍ଷା କରାଯାଇଛି। ଉପରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ରାଜଧାନୀରେ ଉତ୍ସାହ ସହ ସୁରକ୍ଷା ବ୍ୟବସ୍ଥା ମଧ ସର୍ବୋଚ୍ଚ ସ୍ତରକୁ ବୃଦ୍ଧି କରାଯାଇଛି। ତେଣୁ ଟ୍ରାଫିକ କଟକଣାକୁ ଦୃଷ୍ଟିରେ ରଖି ନାଗରିକମାନଙ୍କୁ ଯାତ୍ରା ପୂର୍ବରୁ ରୁଟ୍ ଯୋଜନା କରିବାକୁ ପୋଲିସ ପରାମର୍ଶ ଦେଇଛି।

# ଆମେରିକା-ଇରାନ ପୁଣି ଭୟଙ୍କର ଯୁଦ୍ଧ

ନୂଆଦିଲ୍ଲୀ,୮।୭(ମହାଭାରତ): ପୁଣିଥରେ ବିଗିଡି ଯାଇଛି ମଧ୍ୟପ୍ରାଚ୍ୟର ସ୍ଥିତି। ଶାନ୍ତି ପ୍ରତିଷ୍ଠା ପାଇଁ ଇରାନ ସହ ଆମେରିକା କରିଥିବା ଶାନ୍ତି ଚୁକ୍ତି ଓ ଯୁଦ୍ଧ ବିରତି ଶେଷ ହୋଇଥିବା ଘୋଷଣା କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଇରାନ ସହ ଆଉ କୌଣସି ଯୁଦ୍ଧ ବିରତି ଲାଗୁ ହେଉ ନାହିଁ ଓ ଆମେରିକା ସେନା ତେହରାନର ୮୦ଟି ସାମରିକ ଠିକଣାରେ ଆଟକା କରିଥିବା ଟ୍ରମ୍ପ ସ୍ପଷ୍ଟ କରିଛି। ଇରାନ ଦାବି କରିଛି, ବାହାରିନ ଏବଂ କୁଏତରେ ଥିବା ୮୫ଟି ଆମେରିକୀୟ ସାମରିକ ଘାଟିକୁ ଟାର୍ଗେଟ କରାଯାଇଛି। ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି) ଅନୁଯାୟୀ, ଏହାର ନୌସେନା ଏବଂ ବାୟୁସେନା ଆମେରିକାର ବୋମା ମାଡର ଜବାବରେ ଏହି ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।



ଟ୍ରମ୍ପଙ୍କ ଏପରି ଘୋଷଣା ପରେ ମାର୍କେଟ୍ କ୍ରାସ୍ କରିଯାଇଛି। ଇରାନ ସହ ଯୁଦ୍ଧ ବିରତି ଶେଷ ହୋଇଥିବା ଟ୍ରମ୍ପ କହିବା ପରେ ଭାରତୀୟ ଶେୟାର ମାର୍କେଟ୍ କ୍ରାସ ହୋଇଯାଇଛି। ନିବେଶକମାନେ ମାତ୍ର କିଛି ସେକେଣ୍ଡରେ ୮ ଲକ୍ଷ କୋଟି ଟଙ୍କା ହରାଇଛନ୍ତି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦରରେ ଦାମ ମଧ ୬% ବଢ଼ିଯାଇଛି। ଡଲାର ତୁଳନାରେ ଟଙ୍କାର ମୂଲ୍ୟ ମଧ ୭୦ ପଏଣ୍ଟ ହ୍ରାସ ପାଇଛି। ଟ୍ରମ୍ପଙ୍କ ଯୁଦ୍ଧ ବିରତି ଶେଷ ଘୋଷଣା କରିବାର ସାଂଘାତିକ ପ୍ରଭାବ ଭାରତ ଉପରେ ହିଁ ପଡିବା ଆରମ୍ଭ ହୋଇଛି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଜି କହିଛନ୍ତି ଯେ "ଇରାନ ସହିତ ସ୍ୱାକ୍ଷରିତ ହୋଇଥିବା ମଧ୍ୟବର୍ତ୍ତୀକାଳୀନ ଶାନ୍ତି ଚୁକ୍ତି ମୋ ଦୃଷ୍ଟିରେ ବର୍ତ୍ତମାନ ଶେଷ ହୋଇଯାଇଛି।" ହର୍ମୁଜ୍ ପ୍ରଣାଳୀରେ ୩ଟି ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣର ପ୍ରତିଶୋଧ ନେବାକୁ ଆମେରିକା ସେନା ଇରାନର ବିଭିନ୍ନ ସାମରିକ ପ୍ରତିଷ୍ଠାନ ଉପରେ ନୂଆ ହମଲା କରିବାର କିଛି ଘଣ୍ଟା ପରେ ଟ୍ରମ୍ପ ଏପରି ବୟାନ ଦେଇଛନ୍ତି। ତୁର୍କୀର ଅଙ୍କାରାରେ ଆୟୋଜିତ ନାଟୋ ଶିଖର ସମ୍ମିଳନୀ ଅବସରରେ ଟ୍ରମ୍ପ କହିଛନ୍ତି, "ମୋ ପାଇଁ ଏହି ଚୁକ୍ତି ଶେଷ। ମୁଁ ଆଉ ଇରାନ ସହ କୌଣସି କାରବାର କରିବାକୁ ଚାହୁଁନି। ସେମାନଙ୍କ ସହ କଥା ହେବା କେବଳ ସମୟର ଅପଚୟ। ଆମେରିକୀୟ ପ୍ରତିନିଧିମାନେ ଆଲୋଚନା ଜାରି ରଖିପାରନ୍ତି କିନ୍ତୁ ସେହି ଆଲୋଚନାରୁ କୌଣସି ସକାରାତ୍ମକ ଫଳ ବାହାରିବାର ଆଶା ନାହିଁ। ମୁଁ ସେମାନଙ୍କ ସହ ଆଉ କୌଣସି ସମ୍ପର୍କ ରଖିବାକୁ ଚାହୁଁନାହିଁ। ସେମାନେ ନିକୃଷ୍ଟ ଲୋକ। ସେମାନଙ୍କ ନେତୃତ୍ୱ କିଛି ମାନସିକ ବିକୃତ ଲୋକଙ୍କ ହାତରେ ଅଛି। ମୁଁ ଆମ ବୁଝାମଣାକାରୀ ମାନଙ୍କ ସହ କଥା ହେବା ଗତକାଲି ରାତିରେ ଆମେ ଇରାନରେ ଶକ୍ତିଶାଳୀ ଆକ୍ରମଣ କରିଛୁ। ସେମାନଙ୍କର କିଛି ସମସ୍ୟା ଅଛି। ଆମେ କହୁଛୁ, 'ଯାଅ ଓ ଶବ ସଂସ୍କାର କାମ କର। କିନ୍ତୁ ସେମାନେ ହର୍ମୁଜରେ ଜାହାଜଗୁଡ଼ିକ ଉପରକୁ ରକେଟ୍ ମାଡ଼ କରିଥିଲେ। ତେଣୁ ଏହାର ଦଣ୍ଡ ଜୋରଦାର ଢଙ୍ଗରେ ଆକ୍ରମଣ କରିଛୁ। ସେମାନେ ମାନସିକସ୍ତରରେ ଅସୁସ୍ଥ। ସେମାନଙ୍କର ନେତାମାନେ ମଧ ବିକୃତ ମାନସିକତାର। ସେମାନେ ଅତ୍ୟନ୍ତ ହିଂସ୍ର ଲୋକ। ଯଦି ସେମାନଙ୍କ ପାଖରେ ପରମାଣୁ ଅସ୍ତ୍ର ଥାନ୍ତା, ତେବେ ସେମାନେ ସେଗୁଡ଼ିକୁ ବ୍ୟବହାର କରିସାରନ୍ତେଣି।" ମଙ୍ଗଳବାର ରାତିରେ ଆମେରିକା କରିଥିବା ଆକ୍ରମଣ ପରେ ଇରାନ ମଧ ଏହାର ଜବାବ ଦେଇଛି। ଇରାନ ପକ୍ଷରୁ ବାହାରିନ ଓ କୁଏତ ଉପରେ ପାଲଟା ଆକ୍ରମଣ କରାଯାଇଛି। ଆକ୍ରମଣ ଓ ପ୍ରତି ଆକ୍ରମଣର ପ୍ରଭାବ ମାର୍କେଟ ଉପରେ ପଡିଛି। ବ୍ରେଣ୍ଟ ଅଶୋଧିତ ତୈଳ ଦର ପ୍ରାୟ ୫.୪% ବଢ଼ି ପ୍ରତି ବ୍ୟାରେଲ ୭୮ ଡଲାରରୁ ଅଧିକ ହୋଇଯାଇଛି।

# ଭିଜିଲାନ୍ସ ଜାଲରେ କୋଟିପତି ରେଞ୍ଜର

ଭୁବନେଶ୍ୱର,୮।୭(ମହାଭାରତ): ଭିଜିଲାନ୍ସ ଜାଲରେ ପଡିଛନ୍ତି ଫରେଷ୍ଟ ରେଞ୍ଜର ରବୀନ୍ଦ୍ର କୁମାର ନାୟକ। କଟକ ଫରେଷ୍ଟ ଡିଭିଜନ ଅନ୍ତର୍ଗତ କେନ୍ଦ୍ରାପଡା ଫରେଷ୍ଟ ରେଞ୍ଜରେ କାର୍ଯ୍ୟରତ ଥିବା ଶ୍ରୀ ନାୟକ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ଅଭିଯୋଗରେ ଆଜି ଭିଜିଲାନ୍ସ ପକ୍ଷରୁ ତାଙ୍କର ୪ଟି ଠିକଣାରେ ଚଢ଼ାଉ କରିଛି। ଚାଉ ଜାରି ରହିଥିବା ବେଳେ ଶ୍ରୀ ନାୟକ ଓ ତାଙ୍କ ପରିବାର ଲୋକଙ୍କ ନାଁରେ ଥିବା ବହୁ ସଂପତ୍ତି ଠାବ କରିଛି ଭିଜିଲାନ୍ସ।



ରେଞ୍ଜର ଶ୍ରୀ ନାୟକ ଓ ତାଙ୍କ ପରିବାର ଲୋକଙ୍କ ନାଁରେ ଥିବା ସଂପତ୍ତି ମଧ୍ୟରେ ରହିଛି ଏକ ଚାରି ମହଲା କୋଠା। ଏହି କୋଠା କଟକର ବାରଙ୍ଗର ମୁଣ୍ଡଳୀଠାରେ ଅଛି। ଏହା ପ୍ରାୟ ୬୪୦୦ ବର୍ଗଫୁଟ ଜାଗାରେ ନିର୍ମାଣ ହୋଇଛି। ସେହିପରି କଟକ ଜିଲ୍ଲା ବାଙ୍କୀର ସାହାଡାପଡାରେ ଏକ କୋଠା ଅଛି। କଟକର ବାରଙ୍ଗ ଅଞ୍ଚଳରେ ତାଙ୍କର ୬ଟି ମୂଲ୍ୟବାନ ପ୍ଲଟ୍ ରହିଛି। ଏହି କୋଠା ଓ ପ୍ଲଟ୍‌ଗୁଡିକର ମୂଲ୍ୟ ଜାଣିବା ପାଇଁ ଭିଜିଲାନ୍ସର ବୈଷୟିକ ଟିମ୍ ପକ୍ଷରୁ ମାପଚୁପ ଓ ମୂଲ୍ୟାଙ୍କନ କାର୍ଯ୍ୟ ଜାରି ରହିଛି।

ଭିଜିଲାନ୍ସ ଚଢ଼ାଉ ବେଳେ ରେଞ୍ଜର ଶ୍ରୀ ନାୟକଙ୍କ ଘରୁ ନଗଦ ୨ ଲକ୍ଷ ୧୪ ହଜାର ଟଙ୍କା ଓ ସୁନା ଗହଣା ଜବତ କରାଯାଇଛି। ଖବର ଲେଖାଯିବା ସୁଦ୍ଧା, ତାଙ୍କ ଘରୁ ମିଳିଥିବା ସୁନାଗହଣାଗୁଡିକର ଓଜନ କରାଯାଇ ନଥିଲା। ସେହିପରି ସେ ୪୩ ଲକ୍ଷ ଟଙ୍କା ଜମା ରଖିଛନ୍ତି। ତାଙ୍କର ଗୋଟିଏ କାର ଓ ଗୋଟିଏ ଦୁଇ ଚକିଆ ଗାଡି ଅଛି। ସୂଚନାଯୋଗ୍ୟ, ଗତକାଲି ଜଣେ ଲିଜ୍‌ଧାରୀଙ୍କଠାରୁ ୨ ଲକ୍ଷ ଟଙ୍କା ଲାଞ୍ଚ ନେଇ ଧରାପଡିଥିବା କୋରାପୁଟ ଜିଲ୍ଲା ଜୟପୁର ଖଣି ଉପନିର୍ଦ୍ଦେଶକ ତଥା ଭୂତତ୍ତ୍ୱ ଉପନିର୍ଦ୍ଦେଶକ ସତ୍ୟଜିତ ରାଉତଙ୍କୁ ଆଜି ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ୨ ଲକ୍ଷ ଟଙ୍କାର ଲାଞ୍ଚ ଅର୍ଥ ସମେତ ତାଙ୍କଠାରୁ ନଗଦ ମୋଟ ୬ଲକ୍ଷ ୯୦ ହଜାର ଟଙ୍କା ଜବତ କରାଯାଇଛି।

## ଖୋଲିବ ହୀରାକୁଦ୍ ଗେଟ୍

ଭୁବନେଶ୍ୱର,୮।୭(ମହାଭାରତ): ଆସନ୍ତାକାଲି ହୀରାକୁଦରୁ ନିଷ୍କାସିତ ହେବ ପ୍ରଥମ ବନ୍ୟା ଜଳ। ଦିନ ୧୧ଟାରେ ୪ଟି ଗେଟ୍ ଖୋଲାଯିବ। ପରବର୍ତ୍ତୀ ସମୟରେ ଅଧିକ ଗେଟ୍ ଖୋଲି ୧ଲକ୍ଷ କ୍ୟୁସେକ୍ ପର୍ଯ୍ୟନ୍ତ ପାଣି ଛଡାଯିବ। ତେବେ ଜଳ ଛଡାଯିବା ପୂର୍ବରୁ ମହାନଦୀରେ ବନ୍ୟା ନିୟନ୍ତ୍ରଣ ପାଇଁ ଓଡିଶା ଓ ଛତିଶଗଡ ଅଧିକାରୀଙ୍କ ମଧ୍ୟରେ ହୋଇଛି ବଡ ବୈଠକ। କିନ୍ତୁ ଏହି ବୈଠକରୁ ସାମନାକୁ ଆସିଛି ସାଂଘାତିକ ତଥ୍ୟ। ଛତିଶଗଡ ସରକାର ଜଳନିଷ୍କାସନର ସଠିକ୍ ତଥ୍ୟ ପ୍ରଦାନ କରୁଥିବା ଜଣାପଡିଛି। ହୀରାକୁଦର ଜଳଭଣ୍ଡାରରର ଜଳସ୍ତର ୬୧୧ ଫୁଟ ଟପିବା ପରେ ଗେଟ୍ ଖୋଲିବାକୁ ହୋଇଛି ନିଷ୍ପତ୍ତି। କାଲି ପ୍ରଥମେ ୪ଟି ଗେଟ୍ ଖୋଲି ଛଡାଯିବ ବନ୍ୟାଜଳ। ପାଣି ଛଡାଯିବା ପରେ ମହାନଦୀର ତଳମୁଣ୍ଡରେ ବଢ଼ିବ ଜଳପ୍ରବାହ ବଢ଼ିବ। ୧୦ରୁ ଅଧିକ ଜିଲ୍ଲା ଦେଇ ମହାନଦୀ ପ୍ରବାହିତ ହେଉଥିବାରୁ, ତଳିଆ ଅଂଚଳର ଲୋକଙ୍କୁ ପ୍ରଶାସନ କରିଛି ସତର୍କ ।

# କଲରାପତରିଆ ବାଘ ମୃତ୍ୟୁ ମାମଲାରେ ୩ ଜଣ ଅଟକ

ଗଞ୍ଜାମ,୮।୭(ମହାଭାରତ): ଗଞ୍ଜାମ ଜିଲ୍ଲାର କବିସୂର୍ଯ୍ୟନଗର ଅଞ୍ଚଳରେ ଗଛରେ ଝୁଲନ୍ତା ଅବସ୍ଥାରେ କଲରାପତରିଆ ବାଘର ମୃତଦେହ ମିଳିବା ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣାକୁ ନେଇ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ବଡ଼ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଘଟଣାରେ ୩ ଜଣଙ୍କୁ ଅଟକ ରଖାଯାଇଛି ଏବଂ ବନ ବିଭାଗ ପକ୍ଷରୁ ଘଟଣାର କଡ଼ା ତଦନ୍ତ ଚାଲିଛି। ମନ୍ତ୍ରୀ କହିଛନ୍ତି, ଡିଏଫ୍‌ଓଙ୍କ ପ୍ରାଥମିକ ରିପୋର୍ଟ ଅନୁସାରେ ବାଘଟି ବାରହା ଶିକାର ପାଇଁ ପତାଯାଇଥିବା ଫାଶରେ ପଡ଼ିଥିଲା। ଫାଶରୁ ବଞ୍ଚିବାକୁ ଚେଷ୍ଟା କରି ବାଘଟି ଗଛ ଉପରକୁ ଚଢ଼ିଥିଲେ ମଧ ଶେଷରେ ତାହାର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ତେବେ ତଦନ୍ତ ଶେଷ ହେବା ପରେ ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

ଘଟଣା ସମ୍ପର୍କରେ ଖବର ପାଇ କବିସୂର୍ଯ୍ୟନଗର ପୁଲିସ ଓ ପୋଲସରା ବନଖଣ୍ଡର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲେ। ବାଘଟିର ମୃତ୍ୟୁ ପଛରେ ଶିକାରୀଙ୍କ ସମ୍ପୃକ୍ତି ରହିଛି କି ନାହିଁ, ନା ଅନ୍ୟ କୌଣସି କାରଣ ରହିଛି, ସେନେଇ ବନ ବିଭାଗ ସବୁ ଦିଗରୁ ତଦନ୍ତ କରୁଛି। ମୃତ ବାଘର ବ୍ୟବଚ୍ଛେଦ କରାଯାଇଥିବା ବେଳେ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ। ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ, ଯେଉଁମାନେ ଦୋଷୀ ସାବ୍ୟସ୍ତ ହେବେ ସେମାନଙ୍କ ବିରୋଧରେ ବନ୍ୟଜନ୍ତୁ ସୁରକ୍ଷା ଆଇନ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହି ଘଟଣା ବନ୍ୟଜନ୍ତୁ ସୁରକ୍ଷାକୁ ନେଇ ପୁଣିଥରେ ଗୁରୁତର ପ୍ରଶ୍ନ ଉଠାଇଛି।

## ରାଜଧାନୀ ଆପାର୍ଟମେଣ୍ଟରେ ଦୁଷ୍କର୍ମ : ମଉସା ଗିରଫ

ଭୁବନେଶ୍ୱର,୮।୭(ମହାଭାରତ): ରାଜଧାନୀ ଭୁବନେଶ୍ୱରରୁ ସାମ୍ନାକୁ ଆସିଛି ସମ୍ପର୍କକୁ କଳଙ୍କିତ କରିଦେବା ଭଳି ଏକ ଘଟଣା। ନୟାପଲ୍ଲୀ ଥାନା ଅଞ୍ଚଳର ଏକ ଆପାର୍ଟମେଣ୍ଟରେ ନାବାଳିକା ଝିଅାରୀଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ପୋଲିସ ମଉସାଙ୍କୁ ଗିରଫ କରିଛି। ଏହି ମାମଲାରେ ମାଉସୀଙ୍କ ସମ୍ପୃକ୍ତି ଅଭିଯୋଗ ଆସିବା ପରେ ତାଙ୍କୁ ମଧ ଗିରଫ କରାଯାଇଛି। ଅଭିଯୋଗ ଅନୁଯାୟୀ, କନ୍ଧମାଳ ଜିଲ୍ଲାର ଜଣେ ନାବାଳିକା ପାଠପଢ଼ା ପାଇଁ ଭୁବନେଶ୍ୱରରେ ତାଙ୍କ ମାଉସୀଙ୍କ ଘରେ ରହୁଥିଲେ। ସେହି ସମୟରେ ମଉସା ଜୟକୃଷ୍ଣ ନାୟକ ବାରମ୍ବାର ତାଙ୍କୁ ଯୌନ ନିର୍ଯାତନା ଦେଇଆସୁଥିବା ପୀଡ଼ିତା ଅଭିଯୋଗ କରିଛନ୍ତି।

# ବାଲେଶ୍ୱରରେ ଜଣ୍ଡିସ ଆତଙ୍କ

ବାଲେଶ୍ୱର,୮।୭(ମହାଭାରତ): ବାଲେଶ୍ୱର ସହରରେ ଜଣ୍ଡିସ ରୋଗ ଏବେ ଚିନ୍ତାର କାରଣ ପାଲଟିଛି। ଗତ ଏକ ମାସ ମଧ୍ୟରେ ସହରର ୨୪, ୨୫, ୨୭ ଓ ୧୨ ନମ୍ବର ୱାର୍ଡରେ ୧୫ରୁ ଅଧିକ ଲୋକ ଜଣ୍ଡିସରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ଆକ୍ରାନ୍ତଙ୍କ ସଂଖ୍ୟା ଲଗାତାର ବଢୁଥିବାରୁ ସହରବାସୀଙ୍କ ମଧ୍ୟରେ ଆତଙ୍କର ପରିବେଶ ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ସହରର ଅନେକ ସ୍ଥାନରେ ନର୍ଦ୍ଦମା ଭିତର ଦେଇ ପାନୀୟ ଜଳ ପାଇପ୍ ଯାଇଛି। କେତେକ ସ୍ଥାନରେ ପାଇପ୍ ଫାଟି ଜଳ ଲିକ୍ ହେଉଥିବା ବେଳେ ଷ୍ଟାଣ୍ଡ ପୋଷ୍ଟଗୁଡ଼ିକ ଡ୍ରେନ୍ ଭିତରେ ରହିଛି ଏବଂ ସେଥିରେ ସୁରକ୍ଷା ବ୍ୟବସ୍ଥା ମଧ ନାହିଁ। ଫଳରେ ଦୂଷିତ ପାଣି ପାନୀୟ ଜଳ ସହ ମିଶି ଜଣ୍ଡିସ ବ୍ୟାପୁଥିବା ଅଭିଯୋଗ ହେଉଛି। ବାରମ୍ବାର ପ୍ରଶାସନ ଓ ଜନ ସ୍ୱାସ୍ଥ୍ୟ ବିଭାଗକୁ ଜଣାଇଥିଲେ ମଧ ସ୍ଥାୟୀ ସମାଧାନ ହୋଇନଥିବାରୁ ସ୍ଥାନୀୟ ବାସିନ୍ଦାଙ୍କ ଅସନ୍ତୋଷ ବଢ଼ିଛି।



ଏପରିସ୍ଥିତିରେ ଆକ୍ରାନ୍ତଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ତଦନ୍ତ ଜାରି ରହିଛି। ଅନ୍ୟପଟେ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି ଯେ, ଦୂଷିତ ପାଣି ପିଇବା କାରଣରୁ ଜଣ୍ଡିସ ସଂକ୍ରମଣ ବଢୁଛି। ଅନ୍ୟପକ୍ଷରେ ଜନ ସ୍ୱାସ୍ଥ୍ୟ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ସୂଚନା ଦେଇଛନ୍ତି ଯେ, ନୂତନ ପାଇପ୍ ସଂଯୋଗ କାମ ଚାଲିଥିବା ବେଳେ କ୍ଷତିଗ୍ରସ୍ତ ପାଇପ୍ ?ଗୁଡ଼ିକର ମରାମତି କରି ଖୁବଶୀଘ୍ର ସମସ୍ୟାର ସମାଧାନ କରାଯିବ। ତେବେ ପ୍ରଶାସନ ତୁରନ୍ତ ଏଦିଗରେ ପଦକ୍ଷେପ ନେଇ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ସହ ଜଣ୍ଡିସ ସଂକ୍ରମଣକୁ ରୋକିବାକୁ ଦାବି କରିଛନ୍ତି ସହରବାସୀ।

# ପିଏମ୍-ଆବାସ ସହ ଯୋଡିବ ପିଏମ୍ ସୂର୍ଯ୍ୟଘର

ଭୁବନେଶ୍ୱର,୮।୭(ମହାଭାରତ): ରାଜ୍ୟରେ ଶକ୍ତିକ୍ଷେତ୍ର ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବେଠକ ଅନୁଷ୍ଠିତ ହୋଇଛି। ବେଠକରେ ପ୍ରଧାନମନ୍ତ୍ରୀ ଅବାସ ଯୋଜନାର ପ୍ରଦତ୍ତ ଘର ସହ ପ୍ରଧାମନ୍ତ୍ରୀ ସୂର୍ଯ୍ୟଘର ଯୋଜନାକୁ ସମନ୍ୱିତ କରାଯିବ। ଏହାଦ୍ୱାରା ଘରର ବିଦ୍ୟୁତ୍ ବ୍ୟବହାର ଉପରେ ନିର୍ଭରତା ହ୍ରାସ ପାଇବ।

ଆଜିର ଏହି ବେଠକରେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବେଠକର ଅଧକ୍ଷତା କରିଥିଲେ। ଶକ୍ତି କ୍ଷେତ୍ରର ସୁଧାର, ସୁରକ୍ଷା ଏବଂ କେନ୍ଦ୍ର ଓ ରାଜ୍ୟ ଯୋଜନାର କାର୍ଯ୍ୟକାରିତା ଉପରେ ଦୀର୍ଘ ଆଲୋଚନା ହୋଇଥିଲା। ପିଏମ୍ ସୂର୍ଯ୍ୟ ଘର ମାଗଣା ବିଜୁଳି ଯୋଜନା ଓ ୟୁଟିଲିଟି ଲେଡ୍ ଆଗ୍ରିଗେସନ ମଡେଲ୍ ର କାର୍ଯ୍ୟାନ୍ୱୟନର ମଧ ସମୀକ୍ଷା କରାଯାଇଥିଲା।

ଏହି ବୈଠକରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ କୃଷ୍ଣଚନ୍ଦ୍ର ମହାପାତ୍ର, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାୟକ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶକ୍ତି ବିଭାଗ, ବିଶାଳ କୁମାର ଦେବ ଓପିଟିସିଏଲ୍ ର ସିଏମ୍‌ଡି ଭାସ୍କର ଜ୍ୟୋତି ଶର୍ମା, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ କମିଶନର ତଥା ଶାସନ ସଚିବ ଏସ୍ ଏନ୍ ଗିରୀଶ ଙ୍କ ସମେତ ଶକ୍ତି ବିଭାଗ ଓ ବିଦ୍ୟୁତ ବିତରଣ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ନବୀକରଣୀୟ ଶକ୍ତି ଏବଂ ସୁଲଭ ଗୃହ ନିର୍ମାଣ ଉପରେ ଗୁରୁତ୍ୱ ଦେଇ ଉପ ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହ ଦେଓ କହିଛନ୍ତି, ପିଏମ୍-ସୂର୍ଯ୍ୟ ଘର ଯୋଜନାକୁ ଓଡ଼ିଶା ସରକାରଙ୍କ ବିଭିନ୍ନ ଗୃହ ନିର୍ମାଣ ଯୋଜନା ଯଥା ପିଏମ-ଆବାସ ଯୋଜନା ସହ ସଂଯୋଜନ କରାଯିବ। ଏହା ସେମାନଙ୍କ ଇଚ୍ଛାଧୀନ ରହିବ। ଆମର ଲକ୍ଷ୍ୟ ହେଉଛି ପିଏମ୍ ଆବାସ ଏବଂ ଅନ୍ୟାନ୍ୟ ଗୃହ ଯୋଜନାର ପ୍ରତ୍ୟେକ ହିତାଧିକାରୀ ମଧ ସୌର ଶକ୍ତିର ସୁବିଧା ପାଇପାରନ୍ତୁ। ରାଜ୍ୟ ଗୃହ ଯୋଜନା ସହ ପିଏମ୍-ସୂର୍ଯ୍ୟ ଘରକୁ ସଂଯୋଜନ କରି ଆମେ ଲୋକଙ୍କୁ ୨୪ ଘଣ୍ଟିଆ ପରିଷ୍କାର ଏବଂ ସୁଲଭ ବିଜୁଳି ଯୋଗାଇ ଦେବା ସହ ସେମାନଙ୍କ ବିଜୁଳି ବିଲ୍ ମଧ ହ୍ରାସ କରିବ। ଏହି ଯୋଜନା ଅଧୀନରେ ସହରାଞ୍ଚଳରେ ୧ କିଲୋ ୱାଟ ବିଶିଷ୍ଟ ଛାତ ଉପର ସୌର ଶକ୍ତି ପ୍ୟାନେଲ ସ୍ଥାପନ ପାଇଁ କେନ୍ଦ୍ରରୁ ୩୦୦୦୦ ଟଙ୍କା ଏବଂ ରାଜ୍ୟରୁ ୨୫୦୦୦ ଟଙ୍କା ସବସିଡି ସହାୟତା ଦିଆଯାଉଛି। ହିତାଧିକାରୀଙ୍କୁ ମାତ୍ର ୧୮୭୫ ଟଙ୍କା ବ୍ୟୟରେ ଏହି ସୁବିଧା ମିଳିବ। ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଜନ ସୁରକ୍ଷାକୁ ପ୍ରାଥମିକତା ଦେବାକୁ ଡିସ୍କମ୍ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଓଡ଼ିଶାର ସମସ୍ତ ୪ଟି ବିଦ୍ୟୁତ ବିତରଣ କମ୍ପାନୀ ଅଧୀନରେ ୩୭୦୮ କୋଟି ବ୍ୟୟରେ ଭୂତଳ କେବୁଲ ତାର ବିଛାଯିବ। ଏହା ଦ୍ୱାରା ବାତ୍ୟା କିମ୍ବା କାଳବୈଶାଖୀ ସମୟରେ ବିଦ୍ୟୁତ ସେବା ବାଧାପ୍ରାପ୍ତ ହେବ ନାହିଁ। ଓଡ଼ିଶା ବିଦ୍ୟୁତ ବିତରଣ କମ୍ପାନୀ ପାଇଁ ଏକ ସମଗ୍ର ସୁରକ୍ଷା ଡିପିଆର ପ୍ରସ୍ତୁତ କରାଯାଉଛି।

ଆଜାଦ୍ ନଗର ବୋମା ବିସ୍ଫୋରଣ ମାମଲା

# ୟୁପିରୁ ଆଉ ଜଣେ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୮।୭(ମହାଭାରତ); ସୁନ୍ଦରପଦା ବୋମା ବିସ୍ଫୋରଣ ଘଟଣାରେ ଏନଆଇଏର ବଡ ଆକ୍ସନ। ୟୁପିରୁ ରୋହନ ରଞ୍ଜନ ରାଉତରାୟଙ୍କୁ ଉଠାଇଲା ଜାତୀୟ ତଦନ୍ତକାରୀ ସଂସ୍ଥା। ଭୁବନେଶ୍ୱର ସୁନ୍ଦରପଦା ବୋମା ବିସ୍ଫୋରଣ ଘଟଣାରେ ରୋହନର ସମ୍ପୃକ୍ତି ଥିବା ଏନଆଇଏ ଜାଣିବାକୁ ପାଇଥିଲା। ରୋହନ ବିରୋଧରେ ବିସ୍ଫୋରକ ରଖିବା, ଅନ୍ୟର ଜୀବନକୁ ବିପଦରେ ପକାଇବା, ଅପରାଧିକ ଷଡଯନ୍ତ୍ର ଭଳି ବିଭିନ୍ନ ଦଫାରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ରୋହନ ରଞ୍ଜନ ରାଉତରାୟର ଘର ଭୁବନେଶ୍ୱର ପଟିଆ ଅଞ୍ଚଳରେ। ବିସ୍ଫୋରଣ ଘଟଣାର ତଦନ୍ତ ବେଳେ ସେ ଉତ୍ତର ପ୍ରଦେଶ ପଳାଇଥିଲା। ସୂଚନାନୁଯାୟୀ, ସୁନ୍ଦରପଦା ଆଜାଦ୍‌ନଗରରେ ୨୦୨୬ ଜାନୁଆରୀ ୨୭ରେ ହୋଇଥିବା ବିସ୍ଫୋରଣରେ ମୁଖ୍ୟ ଅଭିଯୁକ୍ତ ସେହନୱାଜ ଓ ତାଙ୍କ ମାଆଙ୍କର ମୃତ୍ୟୁ ହୋଇଥିଲା । ସେହନୱାଜର ପ୍ରେମିକା ଓ ସାଙ୍ଗ ଆହତ ହୋଇଥିଲେ । ଏନଆଇଏ ରୋହନକୁ ଗିରଫ କରି ଝାରପଡା ଜେଲକୁ ପଠାଇଛି ।

# "ଓଡିଶା ଗଭୀର ସମୁଦ୍ର ମାଛଧରା ମିଶନ"ର ଶୁଭାରମ୍ଭ, ୩୭୦ କି.ମି ଯାଏଁ ମାଛଧରା

ଭୁବନେଶ୍ୱର,୮।୭(ମହାଭାରତ): ଆସନ୍ତାକାଲି ମତ୍ସ୍ୟ ବ୍ୟବସାୟରେ ଏକ ନୂତନ ଅଧ୍ୟାୟ ଯୋଡ଼ି ହେବାକୁ ଯାଉଛି । କେବଳ ଉପକୂଳରେ ନୁହେଁ ଗଭୀର ସମୁଦ୍ରରେ ମାଛ ଧରିପାରିବାର ସୁଯୋଗ ପାଇବେ ଓଡ଼ିଶାର ମତ୍ସ୍ୟଜୀବୀ। ଦିନିକିଆ ଓଡିଶା ଗସ୍ତରେ ଆସୁଛନ୍ତି ମାନ୍ୟବର ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଭାରତ ସରକାରଙ୍କ ମତ୍ସ୍ୟପାଳନ, ପଶୁପାଳନ ଏବଂ ଦୁଗ୍ଧ ଉତ୍ପାଦନ ମନ୍ତ୍ରାଳୟ ପକ୍ଷରୁ ସ୍ଥାନୀୟ ଓୟୁଏଟି କୃଷି ଶିକ୍ଷା ସଦନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଗଭୀର ସମୁଦ୍ରରୁ ମତ୍ସ୍ୟ ସମ୍ପଦର ସ୍ଥାୟୀ ଉପଯୋଗ ପାଇଁ ମତ୍ସ୍ୟଜୀବୀଙ୍କୁ ପ୍ରାଧିକରଣ ପତ୍ର ବଣ୍ଟନ କରିବା ସହ "ଓଡିଶା ଗଭୀର ସମୁଦ୍ର ମାଛଧରା ମିଶନ"ର ଶୁଭାରମ୍ଭ କରିବେ। ଏଥିରେ ରାଜ୍ୟପାଳ ହରିବାବୁ କମ୍ଭମପାଟି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଅନ୍ୟାନ୍ୟ ମନ୍ତ୍ରୀଗଣ ଓ ବିଭାଗୀୟ ଅଧିକାରୀ ଯୋଗ ଦେବେ । ଏହା ସହିତ ରାଜ୍ୟର ବିଭିନ୍ନ କୋଣ ଅନୁକୋଣରୁ ଆସିଥିବା ୧,୦୦୦ ମତ୍ସ୍ୟଚାଷୀ ଏବଂ ମତ୍ସ୍ୟଜୀବୀ, ମତ୍ସ୍ୟ ଉଦ୍ୟୋଗୀ ଅଂଶଗ୍ରହଣ କରିବେ ।

ତେବେ ଏହି ମାଛଧରା ମିଶନରୁ ଓଡ଼ିଶାର ମତ୍ସ୍ୟଜୀବୀ ଏବଂ ମତ୍ସ୍ୟ ବ୍ୟବସାୟୀ ବେଶ ଲାଭାନ୍ୱିତ ହେବେ ବୋଲି ଆଶା ରଖାଯାଇଛି । ସାଧାରଣତଃ ସମୁଦ୍ର କୂଳରୁ (୧୨ ନଟିକାଲସ ମାଇଲ୍ସ) ୨୩ କିଲୋମିଟର ପର୍ଯ୍ୟନ୍ତ ଭିତରେ ମାଛଧରା କାର୍ଯ୍ୟ ସୀମିତ ରହିଥାଏ । "ଓଡିଶା ଗଭୀର ସମୁଦ୍ର ମାଛଧରା ମିଶନ" କାର୍ଯ୍ୟକାରୀ ହେବା ଦ୍ୱାରା ଓଡିଶାର ମତ୍ସ୍ୟଜୀବୀମାନେ (୨୦୦ ନଟିକାଲସ ମାଇଲ୍ସ) ୩୭୦ କିଲୋମିଟର ସୀମା ମଧ୍ୟରେ ମାଛ ଧରି ପାରିବେ । ଏହା ସହିତ ପ୍ରାଧିକରଣ ପତ୍ର ପାଇଥିବା ମତ୍ସ୍ୟଜୀବୀମାନେ (୨୦୦ ନଟିକାଲସ ମାଇଲ୍ସ) ସୀମା ଅତିକ୍ରମ କରି ଅନ୍ତର୍ଜାତୀୟ ସମୁଦ୍ରରେ ମଧ ମାଛ ଧରି ପାରିବେ । ଏହି ପଦକ୍ଷେପ ଦ୍ୱାରା ମତ୍ସ୍ୟଜୀବୀଙ୍କ ଜୀବନ-ଜୀବିକା ଅଧିକ ସଶକ୍ତ ହେବା ସହ ସମୃଦ୍ଧ ନୀଳ ଅର୍ଥନୀତିର ନବ ଦିଗନ୍ତକୁ ଉନ୍ମୋଚନ କରିବ ।



ମତ୍ସ୍ୟଚାଷୀ ଉତ୍ପାଦକ ସଂଗଠନ ଏବଂ ମତ୍ସ୍ୟ ସମବାୟ ସମିତିଗୁଡିକୁ ସୁଦୃଢ଼ କରିବା ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି । ଡିଜିଟାଇଜେସନ୍ ଉପରେ ବ୍ୟାପକ ପଦକ୍ଷେପ ନିଆଯାଉଛି । ମତ୍ସ୍ୟଜୀବୀ, ଜାତୀୟ ସମବାୟ ରପ୍ତାନି ଲିମିଟେଡ୍, ମାଛ ଧରିବା ଜାହାଜ ମାଲିକମାନଙ୍କ ସମେତ ମତ୍ସ୍ୟ ସମବାୟ ସମିତିଗୁଡିକୁ ମାନ୍ୟବର ଉପରାଷ୍ଟ୍ରପତି ପ୍ରାଧିକରଣ ପତ୍ର ବଣ୍ଟନ କରିବେ । ଏହା ଦ୍ୱାରା ଯୋଗ୍ୟ ଭାରତୀୟ ଜାହାଜଗୁଡିକ ସମୁଦ୍ରରେ ମାଛ ଧରିବା କାର୍ଯ୍ୟ କରିପାରିବେ । ଏହି ପଦକ୍ଷେପ ଦ୍ୱାରା ମାଛ ଚାଷୀ ଉତ୍ପାଦକ ସଂଗଠନ ଏବଂ ମତ୍ସ୍ୟ ସମବାୟ ସମିତି ଅଧିକ ସୁଦୃଢ଼ ହୋଇପାରିବ । ଗଭୀର ସମୁଦ୍ରରୁ ମାଛ ଧରିବା ଦ୍ୱାରା ମତ୍ସ୍ୟଚାଷୀମାନଙ୍କ ପାଇଁ ଅଧିକ ଆୟର ସୁଯୋଗ ସୃଷ୍ଟି ହେବ । ପ୍ରାଧିକରଣ ପତ୍ର ପ୍ରକ୍ରିୟା ସମ୍ପୂର୍ଣ୍ଣ ଅନ୍‌ଲାଇନ୍‌ରେ ହେଉଥିବାରୁ ସ୍ୱଚ୍ଛତା, ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସେବା ପ୍ରଦାନ ଓ ପ୍ରଶାସନିକ ପ୍ରକ୍ରିୟା ଗୁଣାତ୍ମକ ହେବ ।

"ଓଡିଶା ଗଭୀର ସମୁଦ୍ର ମାଛଧରା ମିଶନ" (୨୦୨୬-୨୦୩୬) ଓଡିଶା ସରକାରଙ୍କ ଏକ ପ୍ରମୁଖ ପଦକ୍ଷେପ । ଏହା ଆନ୍ତର୍ଜାତିକ ସମୁଦ୍ର ଓ ଗଭୀର ସମୁଦ୍ରରୁ ମାଛ ଧରିବା ସହ ମତ୍ସ୍ୟ ରପ୍ତାନି କ୍ଷେତ୍ରରେ ଓଡିଶାକୁ ଶୀର୍ଷ ସ୍ଥାନରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖିଛି । ଉନ୍ନତ ମାଛଧରା ଉପକରଣ, ପରିଚାଳନା ଏବଂ ବଜାର ସଂଯୋଗ ପାଇଁ ସହଯୋଗ ଯୋଗାଇ ଦିଆଯିବ । ଏହା ମତ୍ସ୍ୟ ଉତ୍ପାଦନ ବୃଦ୍ଧି, ନିଯୁକ୍ତି ସୃଷ୍ଟି, ମତ୍ସ୍ୟଜୀବୀଙ୍କ ଆୟ ବୃଦ୍ଧି ଏବଂ ସାମୁଦ୍ରିକ ଖାଦ୍ୟ ରପ୍ତାନି ବୃଦ୍ଧି କରିବା ଦିଗରେ ସହାୟକ ହେବ ।

ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ କେନ୍ଦ୍ର ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ, ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ, ପଞ୍ଚାୟତିରାଜ ରାଷ୍ଟ୍ରମନ୍ତ୍ରୀ ପ୍ରଫେସର ଏସ୍. ପି. ସିଂହ ବାଘେଲ, ରାଜ୍ୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ଏବଂ ଏମ୍‌ଏସଏମଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ସାଂସଦ ଅପରାଜିତା ଷଡଙ୍ଗୀ, ସାଂସଦ ସୁକାନ୍ତ ପାଣିଗ୍ରାହୀ ଓ ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଯୋଗ ଦେବେ । ରାଜ୍ୟ ସରକାର, ସମ୍ପୃକ୍ତ ମନ୍ତ୍ରାଳୟ ଏବଂ ବିଭାଗୀୟ ଅଧିକାରୀମାନେ ମଧ ଉପସ୍ଥିତ ରହିବେ ।

ସୂଚନାଯୋଗ୍ୟ ଯେ, ଭାରତରେ ପ୍ରାୟ ୧୧,୦୯୯ କିଲୋମିଟର ସୁଦୀର୍ଘ ଉପକୂଳ ଏବଂ ପ୍ରାୟ ୨୪ ଲକ୍ଷ ବର୍ଗ କିଲୋମିଟରର ଏକ ବିଶାଳ ଅର୍ଥନୈତିକ କ୍ଷେତ୍ର ରହିଛି । ଏହି ଅଞ୍ଚଳରେ ପ୍ରାୟ ୫୮.୬ ଲକ୍ଷ ମେଟ୍ରିକ ଟନ୍‌ର ପର୍ଯ୍ୟାପ୍ତ ମାଛ ଅଛି, ଯାହା ପ୍ରାୟ ୫୦ ଲକ୍ଷ ମତ୍ସ୍ୟଜୀବୀଙ୍କ ଜୀବନ-ଜୀବିକାକୁ ସମୃଦ୍ଧ କରିଛି । ୨୦୨୫-୨୬ରେ ଭାରତ ପ୍ରାୟ ୭୩,୮୯୦ କୋଟି ମୂଲ୍ୟର ସାମୁଦ୍ରିକ ଖାଦ୍ୟ ରପ୍ତାନି କରିଛି ।

ଓଡିଶାରେ ୫୭୫ କିଲୋମିଟରରେ ବିସ୍ତୀର୍ଣ୍ଣ ସମୁଦ୍ର ଉପକୂଳ ରହିଛି । ସାଧାରଣତଃ ସମୁଦ୍ର କୂଳରୁ (୧୨ ନଟିକାଲ୍ ମାଇଲସ) ୨୩ କିଲୋମିଟର ପର୍ଯ୍ୟନ୍ତ ଭିତରେ ମାଛଧରା କାର୍ଯ୍ୟ ସୀମିତ ରହିଛି। କିନ୍ତୁ ଟୁନା, ବିଲ୍‌ଫିସ୍, ସାମୁଦ୍ରିକ ସ୍କୁଇଡ୍ , ଗଭୀର ସମୁଦ୍ର ଚିଙ୍ଗୁଡ଼ି ଏବଂ ଅନ୍ୟ ପ୍ରଜାତିର ମାଛସବୁ ଆମ ହାତ ପାଆନ୍ତାକୁ ଆସି ପାରୁନି। ଏହି ପଦକ୍ଷେପ ଦ୍ୱାରା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନରେ ବ୍ୟାପକ ପରିବର୍ତ୍ତନ ଆସିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ଓଡିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ପ୍ରାୟ ୫ ଲକ୍ଷ ମତ୍ସ୍ୟଜୀବୀ ବଙ୍ଗୋପସାଗର ଉପରେ ପେଟପାଟଣା ପାଇଁ ନିର୍ଭର କରନ୍ତି । ୨୦୨୪-୨୫ ଆର୍ଥିକ ବର୍ଷରେ ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ ପ୍ରାୟ ୨.୪ ଲକ୍ଷ ମେଟ୍ରିକ ଟନ ରହିଛି ।

## ପ୍ରସ୍ତୁତ କରନ୍ତୁ ଚକଲେଟ



ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତଙ୍କୁ ଚକଲେଟ ପସନ୍ଦ ହୋଇଥାଏ। ତେଣୁ କରୋନା ପାଇଁ ବାହାରକୁ ବାହାରି ହେଉନାହିଁ। ଏଣୁ ଘରେ ରହି ମଧ୍ୟ ଆସନ୍ତୁ ଆଜି ପ୍ରସ୍ତୁତ କରିବା ଚକଲେଟ।

ଆବଶ୍ୟକୀୟ ସାମଗ୍ରୀ : ଲୁଣ ନଥିବା ବଟର , ଆଇସିଙ୍ଗ ସୁଗାର, ଭାନିଲା ଇସେନ୍ସ, କୋକୋ ପାଉଡ଼ର, ମିଲ୍କି ପାଉଡ଼ର,ଆଲମଣ୍ଡ ଖଣ୍ଡ , ଗୁଆ ଘିଅ।

ପ୍ରସ୍ତୁତି ପ୍ରଣାଳୀ : ଗ୍ୟାସ ଅନ କରି ସେଥିରେ ଏକ ପାତ୍ର ବସାନ୍ତୁ। ଅଳ୍ପ ଗୁଆ ଘିଅ ପକାନ୍ତୁ ସେଥିରେ ଖଣ୍ଡ ଆଲମଣ୍ଡ ପକାଇ ଧୀରେ ଧୀରେ ଭାଜନ୍ତୁ। ଟିକେ କଲର ହେବା ପରେ ତାକୁ ଗାଡ଼ି ଦିଅନ୍ତୁ। ଚିନି ଗୁଣ୍ଡ , କୋକୋ ପାଉଡ଼ର , ମିଲକି ପାଉଡ଼ର ଆଦିକୁ ଭଲ ଭାବେ ଏକ ଚଲାରେ ଚଲେଇ ଦିଅନ୍ତୁ। ଯାହା ଦ୍ୱାରା ଏଥିରେ ଥିବା ଖଦଡ଼ା ଅଂଶ ଅଲଗା ହୋଇଯିବ। ଏକ ପାତ୍ର ନିଅନ୍ତୁ ଏବଂ ସେଥିରେ କିଛି ବଟର ପକାନ୍ତୁ। ବଟର ମେଲଟ ହେଲା ପରେ ଚିନି ଗୁଣ୍ଡକୁ ପକାନ୍ତୁ। ଭଲ ଭାବରେ ମିଶିଗଲା ଦୁଇ ବୁଧା ଭାନିଲା , ମିଲକି ପାଉଡ଼ର ଏବଂ କୋକ ପାଉଡ଼ରକୁ ପକାଇ ଭଲ ଭାବେ ମିଶାନ୍ତୁ। ଭଲ ଭାବେରେ ମିଶିଗଲା ପରେ ଏଥିରେ ବାଦାମ ଖଣ୍ଡ ପକାଇ ଦିଅନ୍ତୁ। ଏହ ପରେ ଏହି ମିଶ୍ରଣକୁ ଚକଲେଟ ଛାଞ୍ଚରେ ପକାନ୍ତୁ। ଏହାକୁ ଫ୍ରିଜରେ ରଖନ୍ତୁ। ଦୁଇ ଘଣ୍ଟା ପର୍ଯ୍ୟନ୍ତ ଏହାକୁ ରଖନ୍ତୁ। ଚକଲେଟ ସେଟ ହୋଇଗଲା ପରେ ଏହାକୁ ଛାଞ୍ଚରୁ ବାହାର କରନ୍ତୁ। ପ୍ରସ୍ତୁତ ହୋଇଗଲା ଚକେଲଟ।

**..... ପରଦା ଖବର ......**

## ପ୍ୟାରିସ୍ ଫ୍ୟାସନ୍ ଉଇକରେ ସ୍ୱାମୀଙ୍କ ସହ ଜଲୱା ଦେଖାଇଲେ ପ୍ରିୟଙ୍କା ଚୋପ୍ରା

ପ୍ରିୟଙ୍କା ଚୋପ୍ରା ପ୍ୟାରିସ୍ ଫ୍ୟାସନ୍ ଉଇକରେ ଯୋଗ ଦେଇଥିଲେ। ସେ ଏହି କାର୍ଯ୍ୟକ୍ରମର କିଛି ଫଟୋ ସୋସିଆଲ ମିଡିଆରେ ସେୟାର କରିଥିଲେ। ସ୍ୱାମୀ ନିକ୍ ଜୋନାସଙ୍କ ସହିତ ପ୍ରିୟଙ୍କା ଚୋପ୍ରାଙ୍କ ଷ୍ଟାଇଲିସ୍ ପ୍ରବେଶ ସମସ୍ତଙ୍କୁ ମୋହିତ କରିଥିଲା। କାର୍ଯ୍ୟକ୍ରମରେ ଆଗ ଧାଡ଼ିରେ ବସିଥିବା ଏହି ଷ୍ଟାର ଦମ୍ପତି ସେମାନଙ୍କର ନିଖୁଣ ଫ୍ୟାଶନ୍ ସେନ୍ସ ପ୍ରଦର୍ଶନ କରିଥିଲେ।ସୋସିଆଲ୍ ମିଡିଆରେ ପ୍ରିୟଙ୍କା ଚୋପ୍ରା ଏବଂ ନିକ୍ ଦୁହେଁ ହାତ ଧରିଥିବାର ଦେଖାଯାଇଛି। ପ୍ରିୟଙ୍କା ଚୋପ୍ରା ଏକ କମଳା ରଙ୍ଗର ଗାଉନ୍ ଏବଂ ସନଗ୍ଲାସ୍ ପିନ୍ଧିଥିଲେ। ନିକ୍ ଜୋନାସ୍ ଏକ କ୍ଲାସିକ୍ ଗ୍ରେ ସୁଟ୍ ପିନ୍ଧିଥିଲେ। ତାଙ୍କ ଜୋଡା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଘଟଣାସ୍ଥଳରେ ପହଞ୍ଚିବା ପରେ ପ୍ରିୟଙ୍କା ଏବଂ ନିକ କ୍ୟାମେରା ଆଗରେ ପୋଜ୍ ଦେଇଥିଲେ। ଜଣେ ଭଲ ସ୍ୱାମୀଙ୍କ ପରି ନିକ ତାଙ୍କ ପତ୍ନୀଙ୍କ ଅଣ୍ଟାରେ ହାତ ରଖି ଫଟୋ ପାଇଁ ପୋଜ୍ ଦେଇଥିଲେ। ଫଟୋ ସେସନ୍ ପରେ, ଦମ୍ପତି ସ୍ଥାନ ଭିତରକୁ ଯାଇ ସେମାନଙ୍କ ଆଗ ଧାଡ଼ିରେ ବସିଥିଲେ ପ୍ରିୟଙ୍କା ଚୋପ୍ରା ତାଙ୍କ ପୋଷ୍ଟରେ ଲେଖିଛନ୍ତି, 'ନିକ୍ ଜୋନାସ୍, ଏହି ଚମତ୍କାର ସଂଗ୍ରହ ପାଇଁ ଧନ୍ୟବାଦ।' ସେ କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ ନିଜର ଏକ ଫଟୋ ମଧ୍ୟ ପୋଷ୍ଟ କରିଥିଲେ। ସେ ତାଙ୍କ ଝିଅ ମାଲତୀଙ୍କୁ ମଧ୍ୟ ନିଜ ସହିତ ନେଇଥିଲେ। ସେ ତାଙ୍କର ଏକ ଫଟୋ ମଧ୍ୟ ସେୟାର କରିଥିଲେ।





## ଗୋଲାପ ଚା' ପିଇଲେ ଚମକିବ ତ୍ୱଚା ,କମିବ ଓଜନ



ତ୍ୱଚାର ଚମକ ପାଇଁ ଆପଣ ନିଜ ସ୍କିନ୍ ରୁଟିନରେ ଗୋଲାପ ଜଳ ପ୍ରୟୋଗ କରନ୍ତି। ଗୋଲାପ ଜଳରୁ ତ୍ୱଚାକୁ ଅତ୍ୟଧିକ ଲାଭ ମିଳିଥାଏ। ତ୍ୱଚାରେ ଗୋଲାପ ଲଗାଇବାର ତ ଅନେକ ଫାଇଦା ରହିଛି କିନ୍ତୁ ଯଦି ଆପଣ ଏହାକୁ ଖାଇବା ପାଇଁ ବ୍ୟବହାର କରୁଛନ୍ତି ତେବେ ମଧ୍ୟ ଆପଣଙ୍କୁ ଭରପୂର ଫାଇଦା ମିଳିଥାଏ। ଗୋଲାପ ଖାଇବା ଦ୍ୱାରା ଆପଣଙ୍କୁ ଅନେକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଲାଭ ହୋଇପାରେ। ଆମେ ସାଧାରଣତଃ ଗୋଲାପ ଜଳକୁ କସମେଟିକ୍ ରୂପକୁ ବ୍ୟବହାର କରିଥାଉ। କିନ୍ତୁ ଆଜି ଆମେ ଆପଣଙ୍କୁ ଗୋଲାପ ଚା' ବିଷୟରେ କହିବାକୁ ଯାଉଛୁ। ଗୋଲାପ ଚା' ଦ୍ୱାରା ଆପଣଙ୍କ ଶରୀରକୁ ଅନେକ ଲାଭ ମିଳିଥାଏ। ଓଜନ କମଠୁ ନେଇ ତ୍ୱଚାରେ ଚମକ ଆଣିବାର କାମ କରୁଥିବା ଏହି ଚା ଅତ୍ୟନ୍ତ ଲାଭଦାୟକ ହୋଇଥାଏ।

## ଶ୍ରୀରାମଙ୍କ ନାମର ମହିମା



'ରାମ' ଶବ୍ଦର ଅର୍ଥ ଯେତିକି ତାତ୍ପର୍ଯ୍ୟପୂର୍ଣ୍ଣ ଏହାର ଉଚ୍ଚାରଣ ସେତିକି ମଧୁର । ଶ୍ରଦ୍ଧାର ସହ 'ରାମ' ନାମ ଉଚ୍ଚାରଣ କରିବା ମାତ୍ରେ ଶରୀର ଏବଂ ମନରେ ଏକ ଅଦ୍ଭୁତ ପ୍ରତିକ୍ରିୟା ସୃଷ୍ଟି ହୋଇଥାଏ । ଯାହା ଆତ୍ମାକୁ ଶାନ୍ତି ପ୍ରଦାନ କରିଥାଏ । ଏହି ଶବ୍ଦର ଧ୍ୱନିକୁ ନେଇ ଅନେକ ଗବେଷଣା ହୋଇଛି । ଏହାଦ୍ୱାରା ରାମନାମ ଉଚ୍ଚାରଣ ଦିବ୍ୟ ପ୍ରଭାବ ସିଦ୍ଧ ହୋଇପାରିଛି । ସେଥିପାଇଁ କୁହାଯାଏ ରାମଙ୍କ ଠାରୁ ଶ୍ରେଷ୍ଠ 'ଶ୍ରୀରାମଙ୍କ ନାମ" । ଶ୍ରୀରାମଙ୍କ ନାମ ଜପ କରି ଅନେକ ସାଧୁସନ୍ଥ ମୁକ୍ତିଲାଭ କରିଛନ୍ତି । ପ୍ରଭୁ ଶ୍ରୀରାମଙ୍କ ନାମ ଉଚ୍ଚାରଣ ଦ୍ୱାରା ଜୀବନରେ ସକାରାତ୍ମକ ଶକ୍ତିର ସଞ୍ଚାର ହୋଇଥାଏ । ଏହି ଧ୍ୱନିର ବିଜ୍ଞାନ ସହିତ ପରିଚିତ ଥିବା ଲୋକମାନେ 'ରାମ' ନାମର ମହିମାକୁ ନିଶ୍ଚିତରୂପେ ଅନୁଭବ କରିଥିବେ । 'ରାମ' ଶବ୍ଦର ଉଚ୍ଚାରଣ କରିବା ମାତ୍ରେ ପବନରେ ଏକ ବିଶେଷ ଆକୃତି ସୃଷ୍ଟି ହୋଇଥାଏ । ଫଳରେ ବିଚାର ଶୁଦ୍ଧ ହୋଇଥାଏ । ବ୍ୟକ୍ତି ଲଗାତାର 'ରାମ' 'ରାମ' ଜପ କରି ଚାଲିଲେ ସମଗ୍ର ଶରୀରରେ ଏହାର ଅନୁଭବ ହୋଇଥାଏ । ମନୁଷ୍ୟ ଶରୀର ବାହାରେ ଏକ ଅଦ୍ଭୂତ ସୁରକ୍ଷା ବଳୟ ସୃଷ୍ଟି ହୋଇଥାଏ । ଏହି ସକାରାତ୍ମକ ସୁରକ୍ଷା ବଳୟ ଅର୍ନ୍ତମନ ଏବଂ ବାହାରେ ଥିବା ସମସ୍ତ ନକାରାତ୍ମକ ଶକ୍ତିକୁ ଦୂର କରିଥାଏ ।



## ରୁଦ୍ରାକ୍ଷର ଧାର୍ମିକ ମହତ୍ୱ



ରୁଦ୍ରାକ୍ଷ ଏକମାତ୍ର ଏମିତି ଫଳ ଯାହାର ଧର୍ମ, କର୍ମ, ଅର୍ଥ ଏବଂ ମୋକ୍ଷ ପ୍ରଦାନ କରିବାରେ ମହତ୍ୱପୁର୍ଣ୍ଣ ଭୂମିକା ରହିଛି । ଶିବ ପୁରାଣ, ପଦ୍ମା ପୁରାଣ, ରୁଦ୍ରାକ୍ଷକଳ୍ପ, ରୁଦ୍ରାକ୍ଷ ମାହାତ୍ମ୍ୟ ଆଦି ରୁଦ୍ରାକ୍ଷ ମହିମା ସମ୍ପର୍କରେ ଉଲ୍ଲେଖ ରହିଛି । ରୁଦ୍ରାକ୍ଷ ସମସ୍ତଙ୍କ ଲଭଦାୟୀ । କିନ୍ତୁ ମୁଖ ଅନୁସାରେ ଏହାର ମହତ୍ୱ ଭିଭ ଭିଭ ରହିଥାଏ । ପ୍ରତ୍ୟେକ ରୁଦ୍ରାକ୍ଷ ଉପରେ ଧାରା ରହିଥାଏ । ଧାରା ଅନୁଯାୟୀ ରୁଦ୍ରାକ୍ଷର ମୁଖ ନିର୍ଣ୍ଣୟ ହୋଇଥାଏ । ରୁଦ୍ରାକ୍ଷ ଏକମୁଖୀରୁ ଏକୋଇଶ ମୁଖୀ ରହିଛି ।

ଧାର୍ମିକ ମାନ୍ୟତା ଅନୁସାରେ ଯେଉଁ ଘରେ ନିୟମିତ ରୁଦ୍ରାକ୍ଷ ପୂଜା ହୋଇଥାଏ । ସେଠାରେ ଅନ୍ନ, ବସ୍ତ୍ର, ଧନର ଅଭାବ ରହେନାହିଁ । ଏମିତି ଘରେ ସର୍ବଦା ମା ଲକ୍ଷ୍ମୀ ବାସ କରନ୍ତି । ବିଶ୍ୱାସ ରହିଛି ଯେ ରୁଦ୍ରାକ୍ଷ ଧାରଣ କରୁଥିବା ବ୍ୟକ୍ତି କିମ୍ୱା ପୂଜା କରୁଥିବା ବ୍ୟକ୍ତି ଶେଷ ସମୟରେ ଶରୀରକୁ ତ୍ୟାଗ କରି ଶିବଲୋକରେ ସ୍ଥାନ ପ୍ରାପ୍ତ କରିଥାଏ । ପୁରାଣରେ ଉଲ୍ଲେଖ ରହିଛି ଯେ ସତୀଙ୍କ ଦେହ ତ୍ୟାଗରେ ଶିବ ଅତ୍ୟନ୍ତ ଦୁଖୀ ହୋଇଯାଇଥିଲେ । ଶିବଙ୍କ ଆଖିରୁ ଝରିଥିବା ଲୁହ ଯେଉଁଠାରେ ପଡିଥିଲା । ସେଠାରେ ରୁଦ୍ରାକ୍ଷ



ଉତ୍ପତ୍ତ ହୋଇଥିଲା । ସେଥିପାଇଁ ଶନି ଚନ୍ଦ୍ରମାଙ୍କୁ ପୀଡିତ କରି ଆପଣଙ୍କୁ କଷ୍ଟ ଦିଅନ୍ତୁ, ରୁଦ୍ରାକ୍ଷ ସବୁ ଦୃଷ୍ଟିରୁ ଫଳଦାୟୀ ହୋଇଥାଏ ।

ଯଦି କୁଣ୍ଡଳୀରେ କଳସର୍ପ ଦୋଷ ଥାଏ ଏବଂ ଜୀବନରେ ସମସ୍ୟା ଦେଖାଦିଏ ତାହେଲେ ରୁଦ୍ରାକ୍ଷ ଧାରଣ କଲେ ଅନୁକୂଳ ଫଳ ପ୍ରାପ୍ତ ହୋଇଥାଏ । ଯଦି କୌଣସି ଶୁଭ ଦିନରେ ଗଙ୍ଗା ସ୍ନାନ କରିବାକୁ ଚାହୁଁଛନ୍ତି ଏବଂ କୌଣସି କାରଣବଶତଃ ଗଙ୍ଗାକୂଳକୁ ଯାଇ ନ ପାରନ୍ତି ତାହେଲେ ରୁଦ୍ରାକ୍ଷକୁ ମୁଣ୍ଡରେ ରଖି ଭଗବାନ ଶିବଙ୍କୁ ଧ୍ୟାନ କଲେ ଗଙ୍ଗା ସ୍ନାନର ଫଳ ପ୍ରାପ୍ତ ହୋଇଥାଏ ।

## ମଣିଷ ଭଳି ଆଚରଣ ଜରୁରୀ

ଋଗବେଦ୍‌ରେ ଏକ ମନ୍ତ୍ର ରହିଛି- ମନୁର୍ଭବ ଅର୍ଥାତ୍ ମନୁଷ୍ୟ ହୁଅ । ବୈଦିକ ବିଦ୍ୱାନ ବେଦମୂର୍ତ୍ତି ପଣ୍ଡିତ ସାତ୍‌ବଲେକର୍ ଏକ ସଭାରେ ଏହି ମନ୍ତ୍ର ଦୋହରାଇଥିଲେ । ଏହି ସମୟରେ ତାଙ୍କୁ ଜଣେ ସଜ୍ଜନ ପଚାରିଲେ, ସଭାରେ



ଉପସ୍ଥିତ ସମସ୍ତ ଶ୍ରୋତା କ'ଣ ମନୁଷ୍ୟ ନୁହନ୍ତି ? ପଣ୍ଡିତଜୀ କହିଲେ, ସମସ୍ତ ଜୀବଙ୍କର କିଛି ନା କିଛି ଲକ୍ଷଣ ରହିଛି । ଯଦି ମାନବତା ନାହିଁ, ତା'ହେଲେ କେହି କିପରି ମନୁଷ୍ୟ ହୋଇପାରିବ ? ଲକ୍ଷଣ ବା ଆଚରଣ ଆଧାରରେ ହିଁ ସୁର ଏବଂ ଅସୁର ମଧ୍ୟରେ ପ୍ରଭେଦ ଜାଣି ହୋଇଥାଏ ।

ସ୍ୱାମୀ ବିବେକାନନ୍ଦ ଆମେରିକା ଯାଇଥିଲେ । ଭୋଗ-ବିଳାସରେ ଆକଣ୍ଠ ବୁଡ଼ି ରହିଥିବା ସେଠାକାର ଲୋକମାନଙ୍କ ସାର୍ବଜନୀନ ସ୍ଥଳରେ ମର୍ଯ୍ୟାଦାହୀନ ଭାବେ ଖୋଲା ପ୍ରଦର୍ଶନ ଦେଖି ସେ ହତପ୍ରଭ ହୋଇ ଉଠିଥିଲେ । ଆମେରିକାରେ ଉଦ୍‌ବୋଧନ ଦେବା ସମୟରେ ଋଗ୍‌ବେଦର 'ମନୁର୍ଭବ' ମନ୍ତ୍ରର ଉଚ୍ଚାରଣ କରି ବିବେକାନନ୍ଦ କହିଲେ, କେବଳ ମାନବ ଭାବେ ଜନ୍ମ ନେଲେ କେହି ମାନବ ହୋଇପାରିବ ନାହିଁ । ଭାରତୀୟ ସଂସ୍କୃତି 'ଧର୍ମେଣ ହୀନଃ ପଶୁଭି ସମାନଃ'ର ବାର୍ତ୍ତା ଦେଇଥାଏ । କେତେକ ନିର୍ଦ୍ଦିଷ୍ଟ ନିୟମ ପାଳନ କରୁଥିବା ଲୋକକୁ ହିଁ ମାନବ କୁହାଯାଇପାରିବ । ଏହାର ଉଦାହରଣ ଦେଇ ବିବେକାନନ୍ଦ କହିଥିଲେ, ମାନବ ହୃଦୟରେ ସର୍ବଦା ଦୟା, କରୁଣା ରହିବା ଆବଶ୍ୟକ । ମାନବ ସଂଯମୀ ହେବା ଉଚିତ୍ । ଯିଏ ନିଜର ଧର୍ମ ଅର୍ଥାତ୍ କର୍ତ୍ତବ୍ୟ ପାଳନ କରିନଥାଏ, ତା'କୁ ମାନବ କୁହାଯାଇ ପାରିବ ନାହିଁ । ସ୍ୱାମୀ ରାମତୀର୍ଥ ମଧ୍ୟ କହିଥିଲେ, ଗୁଣ ଏବଂ କର୍ମ ଆଧାରରେ ହିଁ ମନୁଷ୍ୟକୁ ଏହି ଲୋକରେ ମାନବ ଅଥବା ଦାନବର ସଂଜ୍ଞା ମିଳିଥାଏ । ସେଥିପାଇଁ କାହାରିକୁ ଦୁଷ୍କର୍ମ କରୁଥିବା ଦେଖିଲେ ଆପେ ଆପେ ପାଟିରୁ ବାହାରି ଆସିଥାଏ, ଇଏତ' ପଶୁ ଠାରୁ ମଧ୍ୟ ବଳିଯାଇଛି ।

## ଡ.ଶ୍ୟାମାପ୍ରସାଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ ଯୁବବର୍ଗ

ଭୁବନେଶ୍ୱର,୮।୭ (ମହାଭାରତ): ଭାରତୀୟ ଜନସଂଘର ପ୍ରତିଷ୍ଠାତା ସ୍ୱର୍ଗତଃ ଡ.ଶ୍ୟାମାପ୍ରସାଦ ମୁଖାର୍ଜୀ ଆମ ସମସ୍ତଙ୍କ ପ୍ରେରଣାର କେନ୍ଦ୍ରବିନ୍ଦୁ ଥିଲେ। ତାଙ୍କ ରାଷ୍ଟ୍ରବାଦୀ ବିଚାର ଓ ଆଦର୍ଶରେ ଆଜିର ଯୁବ ବର୍ଗ ଅନୁପ୍ରାଣିତ ହେବା ନିତ୍ୟାନ୍ତ ଆବଶ୍ୟକ। ତାଙ୍କ କୃତିତ୍ୱ ବିଷୟରେ ଲୋକମାନେ ଜାଣିବା ଦରକାର। ମାତ୍ର ୫୨ ବର୍ଷ ଅବଧି ମଧ୍ୟରେ ସ୍ୱର୍ଗତଃ ମୁଖାର୍ଜୀ ଦେଶର ସର୍ବକନିଷ୍ଠ କୁଳପତି ହୋଇପାରିଥିଲେ। ଶିକ୍ଷାବିତ୍ ହେବା ପୂର୍ବରୁ ସେ ଜଣେ ଦକ୍ଷ ଆଇନଜୀବୀ ଭାବେ ମଧ୍ୟ ବେଶ୍ କୃତିତ୍ୱ ହାସଲ କରିଥିଲେ। ଦେଶର ପ୍ରଥମ ଶିଳ୍ପ ଓ ଯୋଗାଣ ମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ ଭାରତର ପ୍ରଥମ ଶିଳ୍ପନୀତି ପ୍ରଣୟନ କରିଥିଲେ। ଭାରତରେ ମିଶ୍ରିତ ଅର୍ଥନୀତିର ସୂତ୍ରପାତ କରିବାରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେ ଯେଉଁ ସବୁ କାର୍ଯ୍ୟ କରିଥିଲେ ସବୁଥିରେ ଶୀର୍ଷ ସ୍ଥାନ ହାସଲ କରିଥିଲେ। ସେ ପଶ୍ଚିମବଙ୍ଗ ଓ ଜାମ୍ମୁ କାଶ୍ମୀର ବିଭାଜନକାରୀ ଶକ୍ତିଗୁଡ଼ିକ ସହ ସାଲିସ କରି ନ ଥିଲେ। ସମ୍ବିଧାନରେ ୩୭୦



ଧାରାକୁ ବିରୋଧ କରିଥିଲେ । 'ଏକ ଦେଶ ମେଁ, ଦୋ ବିଧାନ, ଦୋ ପ୍ରଧାନ, ଦୋ ନିଶାନ ନହିଁ ଚଲେଙ୍ଗେ' ବୋଲି କହିବା ସହ ପରମିଟ୍ ବ୍ୟବସ୍ଥାକୁ ବିରୋଧ କରି "କାଶ୍ମୀର ଚଲୋର" ଆହ୍ୱାନ ଦେଇଥିଲେ। ୧୯୫୧ରେ ସେ ଯେଉଁ ଭାରତୀୟ ଜନସଂଘର ପ୍ରତିଷ୍ଠାତା କରିଥିଲେ ତାହା ଆଜି 'ଭାରତୀୟ ଜନତା ପାର୍ଟି' ଭଳି ବଡ ବଟବୃକ୍ଷର ରୂପ ନେଇଛି। ତାଙ୍କ ବିଚାରଧାରା, ନିଷ୍ଠା ଓ କାର୍ଯ୍ୟପଦ୍ଧତିକୁ ଆଧାର କରି ଆଜି ବିଜେପି ଦେଶର ୨୨ଟି ରାଜ୍ୟରେ ଶାସନ କରୁଛି ବୋଲି ଡ.ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜନ୍ମଜୟନ୍ତୀ ପାଳନ ଅବସରରେ ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ଶ୍ରୀ ମନମୋହନ ସାମଲ କହିଛନ୍ତି। ଭୁବନେଶ୍ୱରସ୍ଥିତ ଡ.ଶ୍ୟାମାପ୍ରସାଦ ମୁଖାର୍ଜୀ ପାର୍କରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରୀ ସାମଲ କହିଛନ୍ତି ଯେ, ଦେଶର ସାମଗ୍ରିକ ବିକାଶ, ଅର୍ଥନୀତି ବିକାଶ, ସାମାଜିକ ନୀତି ଏବଂ ଦେଶର ରାଷ୍ଟ୍ରୀୟ ସୁରକ୍ଷା ନୀତି କିଭଳି ସୁଦୃଢ଼ ହେବ ସେନେଇ ସ୍ୱର୍ଗତଃ ମୁଖାର୍ଜୀ ସର୍ବଦା କାର୍ଯ୍ୟ କରୁଥିଲେ। ତାଙ୍କ ସ୍ମୃତିରେ ୨୩ ଜୁନ୍ ବଳିଦାନ ଦିବସରୁ ୬ ଜୁଲାଇ ଜନ୍ମଦିବସ ପର୍ଯ୍ୟନ୍ତ ସ୍ୱର୍ଗତଃ ମୁଖାର୍ଜୀଙ୍କ ସ୍ମୃତିପକ୍ଷ ସାରା ରାଜ୍ୟରେ ପାଳନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ବୁଥ୍, ମଣ୍ଡଳ ଓ ଜିଲ୍ଲାସ୍ତରରେ ଆଲୋଚନାଚକ୍ର କରାଯିବା ସହ ସ୍ୱର୍ଗତଃ ମୁଖାର୍ଜୀଙ୍କ ଫଟୋଚିତ୍ରରେ ମାଲାର୍ପଣ କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା। ସ୍ୱର୍ଗତଃ ମୁଖାର୍ଜୀଙ୍କ ଜନ୍ମଜୟନ୍ତୀ ଉପଲକ୍ଷେ ବର୍ଷସାରା ବିଭିନ୍ନ ସ୍ଥାନରେ ତାଙ୍କ ବିଷୟରେ ଆଲୋଚନା ଓ ପର୍ଯ୍ୟାଲୋଚନା ଜାରି ରହିବ। ଏଥିସହ ବିଭିନ୍ନ ସ୍ଥାନରେ ଡ. ମୁଖାର୍ଜୀଙ୍କ ନାମରେ ରାସ୍ତା, ପାର୍କ, ପାଠାଗାର, ସାମାଜିକ ଅନୁଷ୍ଠାନ ଓ ବିଭିନ୍ନ ଛକ ଆଦି ନାମକରଣ କରିବାକୁ ପ୍ରସ୍ତାବ ରହିଛି।

## ରଥଯାତ୍ରା ପ୍ରସ୍ତୁତିର ସମୀକ୍ଷା କଲେ ରେଳ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୮।୭ (ମହାଭାରତ): ଆଗାମୀ ରଥଯାତ୍ରାକୁ ନଜରରେ ରଖି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭାରତୀୟ ରେଳବାଇର ପ୍ରସ୍ତୁତିର ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି। ଲକ୍ଷାଧିକ ଭକ୍ତଙ୍କ ପାଇଁ ସୁରକ୍ଷିତ, ସୁଚାରୁ ଏବଂ ସୁବିଧାଜନକ ଯାତ୍ରା ବ୍ୟବସ୍ଥା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଏହି ସମୀକ୍ଷା କରାଯାଇଥିଲା। ସମୀକ୍ଷା ସମୟରେ ଭିଡ଼ ପରିଚାଳନା, ଯାତ୍ରୀ ଗତିପଥ, ସୁରକ୍ଷା ପ୍ରୋଟୋକଲ ଏବଂ ସ୍ଥାନୀୟ ପ୍ରଶାସନ ସହ ରେଳବାଇର ସମନ୍ୱୟ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ରେଳବାଇର ବରିଷ୍ଠ ଅଧିକାରୀମାନେ ମିଳିତ ପ୍ରସ୍ତୁତି ଏବଂ ପର୍ବ ପରିଚାଳନା ପାଇଁ ତିଆରି ହୋଇଥିବା ବିସ୍ତୃତ ଯୋଜନା ବିଷୟରେ ସୂଚନା ଦେଇଥିଲେ। ଏହି ବର୍ଷ ରଥଯାତ୍ରା ସମୟରେ ରେଳବାଇ ପକ୍ଷରୁ ୩୦୦ରୁ ଅଧିକ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଯିବାର ଯୋଜନା ରହିଛି, ଯାହା ଯାତ୍ରୀ ଭିଡ଼କୁ ପରିଚାଳନା କରିବାରେ ସହାୟକ ହେବ। ପୁରୀ ରେଳ ଷ୍ଟେସନ୍ ଏବଂ ତାହାର ଆସପାସରେ ୩୦,୦୦୦ରୁ ଅଧିକ ଯାତ୍ରୀ ପାଇଁ ହୋଲ୍ଡିଂ ଏରିଆ, ଅତିରିକ୍ତ ଟିକେଟ୍ କାଉଂଟର, ଖାଦ୍ୟ ଓ ପାନୀୟ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ଯାତ୍ରୀ ସୁବିଧାକୁ ଆହୁରି ସୁଦୃଢ଼ କରାଯାଉଛି। ରେଳମନ୍ତ୍ରୀ ଷ୍ଟେସନ୍ ସୁବିଧା, ସୁରକ୍ଷା ବ୍ୟବସ୍ଥା, ପ୍ଲାଟଫର୍ମ ପରିଚାଳନା ଏବଂ ଯାତ୍ରୀ ପ୍ରବାହ ନିୟନ୍ତ୍ରଣ ପ୍ରଣାଳୀକୁ ମଧ୍ୟ ଯାଂଚ କରିଥିଲେ। ସେ କହିଥିଲେ ଯେ କେନ୍ଦ୍ର ସରକାର, ଭାରତୀୟ ରେଳବାଇ ଏବଂ ଓଡ଼ିଶା ସରକାରଙ୍କ ମିଳିତ ପ୍ରୟାସ ଦେଶର ସବୁଠାରୁ ବଡ଼ ଧାର୍ମିକ ସମାଗମଗୁଡ଼ିକ ମଧ୍ୟରୁ ଗୋଟିଏରେ ସୁରକ୍ଷିତ ଏବଂ ସୁଚାରୁ ଯାତ୍ରା ସୁନିଶ୍ଚିତ କରିବ।

## ସିପିଆଇ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା

ଭୁବନେଶ୍ୱର,୮।୭ (ମହାଭାରତ): ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ରାଜ୍ୟ ସମ୍ପାଦକ ମଣ୍ଡଳୀ, ରାଜ୍ୟ କାର୍ଯ୍ୟକାରୀ କମିଟି ଓ ରାଜ୍ୟ ପରିଷଦ ବୈଠକ ଯଥାକ୍ରମେ ଜୁଲାଇ ୩, ୪ ଓ ୫ ତାରିଖରେ ସିପିଆଇ ରାଜ୍ୟ ଦପ୍ତର ଭଗବତୀ ଭବନଠାରେ କମ୍ରେଡ୍ ଦାମୋଦର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସମ୍ପାଦକ ଡଃ ପ୍ରଶାନ୍ତ କୁମାର ମିଶ୍ର ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ଦୁର୍ନୀତି, ଭ୍ରଷ୍ଟାଚାର, ନାରୀ ନିର୍ଯାତନା, ପାଠ୍ୟପୁସ୍ତକ ପ୍ରକାଶନ ଦୁର୍ନୀତିରେ କ୍ଷୋଭ ପ୍ରକାଶ ସହ ରାଜ୍ୟର ଅର୍ଥନୈତିକ ପରିସ୍ଥିତି ସହ ପାର୍ଟିର ସାଙ୍ଗଠନିକ କାର୍ଯ୍ୟାବଳୀ ସଂପର୍କରେ ରିପୋର୍ଟ ଉପସ୍ଥାପନ କରିଥିଲେ। ଜାତୀୟ ସମ୍ପାଦକମଣ୍ଡଳୀ ସଦସ୍ୟ ରାମକୃଷ୍ଣ ପଣ୍ଡା କେନ୍ଦ୍ରର ବିଜେପି-ଏନଡିଏ ସରକାରଙ୍କ ଜନବିରୋଧୀ ନୀତି, ଦରବୃଦ୍ଧି, ବେକାରୀ, ଶ୍ରମ କୋଡ୍, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରର ଅବ୍ୟବସ୍ଥା ଏବଂ ସାମ୍ପ୍ରଦାୟିକ ବିଭାଜନ ବିରୋଧରେ ତୀବ୍ର ସମାଲୋଚନା କରିଥିଲେ । ସେ ସୂଚନା ଦେଇଥିଲେ ଯେ, ସିପିଆଇ ଜାତୀୟ ପରିଷଦର ନିଷ୍ପତ୍ତି ଅନୁଯାୟୀ ଆସନ୍ତା ୬ରୁ ୧୫ ଅଗଷ୍ଟ ପର୍ଯ୍ୟନ୍ତ ସାରା ଦେଶରେ ଘରକୁ ଘର ଜନସମ୍ପର୍କ ପଦଯାତ୍ରା ଏବଂ ୧ ସେପ୍ଟେମ୍ବରରେ ଦିଲ୍ଲୀରେ ଦେଶର ବ୍ୟବସ୍ଥା ପରିବର୍ତ୍ତନ ଦାବିରେ ମହାସମାବେଶ ଅନୁଷ୍ଠିତ ହେବ। ରାଜ୍ୟ ସହ-ସମ୍ପାଦକ ଜୟନ୍ତ ଦାସ ଓଡ଼ିଶାରେ ଏହି କାର୍ଯ୍ୟକ୍ରମ ସଫଳ କରିବା ପାଇଁ ଏହାର ମୁଖ୍ୟ ଦାବି ଯଥା ଦରବୃଦ୍ଧି ରୋକିବା, ସମସ୍ତଙ୍କୁ ରୋଜଗାର, ବୈଜ୍ଞାନିକ ଶିକ୍ଷା ଓ ସ୍ୱାସ୍ଥ୍ୟସେବା, ଏମ୍ଏସ୍ପିର ଆଇନଗତ ଗ୍ୟାରେଣ୍ଟି, ଶ୍ରମ କୋଡ୍ ରଦ୍ଦ, ବାଲଟ ପେପରରେ ନିର୍ବାଚନ ଓ ଗଣତନ୍ତ୍ରର ସୁରକ୍ଷା ସମେତ ବିଭିନ୍ନ ଦାବି ନେଇ ଜନ ଜାଗରଣ କରାଇବାକୁ ନିବେଦନ କରିଥିଲେ, ରାଜ୍ୟ ସହ-ସମ୍ପାଦକ କ୍ଷୀରୋଦ ସିଂହଦେଓ ଏବଂ ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ଦେଶର ବ୍ୟବସ୍ଥା ପରିବର୍ତ୍ତନ ଜରୁରୀ ଓ ଏଥିପାଇଁ ୧ ସେପ୍ଟେମ୍ବର 'ଦିଲ୍ଲୀ ଚାଲ' କାର୍ଯ୍ୟକ୍ରମରେ ଓଡ଼ିଶାର ବ୍ୟାପକ ଅଂଶଗ୍ରହଣ ପାଇଁ ପ୍ରସ୍ତାବ ରଖିଥିଲେ । ବୈଠକରେ ଏହି ଦେଶବ୍ୟାପୀ ଆନ୍ଦୋଳନକୁ ସଫଳ କରିବାକୁ ଅନ୍ୟମାନଙ୍କ ମଧ୍ୟରେ ଆଶିଷ କାନୁନଗୋ, ଅଶୋକ କୁମାର ଦାଶ, ଏନ୍ ନାରାୟଣ ରେଡ୍ଡି, ରମଣୀ ରଞ୍ଜନ ରାଉତରାୟ, ସୁର ଜେନା, ଭାଗବତ ପ୍ରତିହାରୀ, ଅଜୟ ବେହେରା, ଶ୍ରୀହର୍ଷ ରଥ, ମହେଶ୍ୱର ରାଉତ, ନୀରଞ୍ଜନ ବାରିକ, ସଂଘମିତ୍ରା ଜେନା, ବ୍ରଜବନ୍ଧୁ ପ୍ରଧାନ, ପ୍ରଦୋଷ ମହାନ୍ତି ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ।

## ଶ୍ରେଷ୍ଠ ୧୦ ମେଡିକାଲ କଲେଜ ମଧ୍ୟରେ ଏମ୍ସ ଭୁବନେଶ୍ୱର

ଭୁବନେଶ୍ୱର,୮।୭ (ମହାଭାରତ): ଉତ୍କର୍ଷତାର ଉଲ୍ଲେଖନୀୟ ଯାତ୍ରା ଜାରି ରଖିବା ସହିତ, ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଏମ୍ସ ଭୁବନେଶ୍ୱର, ପ୍ରତିଷ୍ଠିତ ଇଣ୍ଡିଆ ଟୁଡେ-ଏମଡିଆରଏ ମେଡିକାଲ କଲେଜ ସର୍ଭେ ୨୦୨୬ରେ ସମଗ୍ର ଦେଶରେ ଦଶମ ଶ୍ରେଷ୍ଠ ମେଡିକାଲ କଲେଜ ଭାବେ ସ୍ଥାନ ପାଇଛି। ଏଥିସହିତ ଏହି ପ୍ରତିଷ୍ଠାନ ଦେଶର ଶ୍ରେଷ୍ଠ ଉନ୍ନତ ମେଡିକାଲ କଲେଜ ବର୍ଗରେ ମଧ୍ୟ ଦ୍ୱିତୀୟ ସ୍ଥାନ ହାସଲ କରିଛି। ଯାହାକି ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଏବଂ ମେଡିକାଲ୍ ଶିକ୍ଷା କ୍ଷେତ୍ରରେ ଶ୍ରେଷ୍ଠତାର ଦ୍ରୁତ ବର୍ଦ୍ଧିତ ପ୍ରତିଷ୍ଠାର ପ୍ରମାଣ ଦେଇଛି। ଏହି ମାଇଲଖୁଂଟ ଶିକ୍ଷାଗତ ଉତ୍କର୍ଷତା, ଅତ୍ୟାଧୁନିକ ଗବେଷଣା ଏବଂ ସମର୍ପିତ ରୋଗୀ ସେବା ପ୍ରତି ଏମ୍ସ ଭୁବନେଶ୍ୱରର ଅଟଳ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। 'ଇଂଟେକ୍ କ୍ୱାଲିଟି ଆଣ୍ଡ ଗଭର୍ନାନ୍ସ', 'ଏକାଡେମୀକ ଉତ୍କର୍ଷତା', 'ଭିତ୍ତିଭୂମି ଏବଂ ଅଭିଜ୍ଞତା', 'ବ୍ୟକ୍ତିତ୍ୱ ଏବଂ ନେତୃତ୍ୱ ବିକାଶ', 'ବୃତ୍ତିଗତ ଉନ୍ନତି ଏବଂ ପ୍ଲେସମେଂଟ ଆଦି ଭଳି ପାଂଚଟି ବ୍ୟାପକ ପାରାମିଟରକୁ ନେଇ ଗଠିତ ମାପଦଣ୍ଡ ଆଧାରରେ ସାରା ଦେଶରେ ଥିବା ମେଡିକାଲ କଲେଜଗୁଡିକୁ ନେଇ ଏହି ସର୍ଭେ କରାଯାଇଥିଲା। ଇଣ୍ଡିଆ ଟୁଡେ ପକ୍ଷରୁ ଏହି ସମ୍ମାନଜନକ ସର୍ଭେ



ଖ୍ୟାତନାମା ଅନୁସନ୍ଧାନ ଏଜେନ୍ସି ମାର୍କେଟିଂ ଆଣ୍ଡ ଡେଭଲପମେଂଟ ରିସର୍ଚ୍ଚ ଆସୋସିଏଟ୍ସ (ଏମଡିଆରଏ) ସହିତ ମିଳିତ ଭାବରେ କରାଯାଇଛି । ଏହି ଅବସରରେ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ କହିଛନ୍ତି ଯେ ଏହି ମାନ୍ୟତା ଉତ୍କର୍ଷତା ପାଇଁ ଆମର ନିରନ୍ତର ପ୍ରୟାସର ପ୍ରତିଫଳନ। ଏମ୍ସ ଭୁବନେଶ୍ୱର ସ୍ୱାସ୍ଥ୍ୟସେବା ଏବଂ ଚିକିତ୍ସା ବିଜ୍ଞାନରେ ବିଶ୍ୱାସ, ନବସୃଜନ ଏବଂ ଅଖଣ୍ଡତାର ପ୍ରତୀକ ଭାବରେ ଉଭା ହୋଇଛି। ଏହିପରି ଜାତୀୟ ରାଙ୍କିଂରେ ଆମର ନିରନ୍ତର ବୃଦ୍ଧି ଭବିଷ୍ୟତର ଚିକିତ୍ସକଙ୍କୁ ପ୍ରସ୍ତୁତ କରିବା ସହିତ ସର୍ବୋତ୍ତମ ରୋଗୀ ଫଳାଫଳ ସୁନିଶ୍ଚିତ କରିବା ପ୍ରତି ଆମର ସାମଗ୍ରିକ ଆଭିମୁଖ୍ୟକୁ ପ୍ରଦର୍ଶନ କରେ।' ୨୦୨୧ରେ ଏହି ସର୍ଭେରେ ଏମ୍ସ ଭୁବନେଶ୍ୱର ୨୫ତମ ସ୍ଥାନ ପାଇଥିଲା। ୨୦୨୬ ରେ ଏହି ସୂଚୀରେ ୧୦ମ ସ୍ଥାନକୁ ଉନ୍ନୀତ ହେବା ଏମ୍ସର ଦଳଗତ କାର୍ଯ୍ୟ ଏବଂ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱର ପରାକାଷ୍ଠାର ନିଦର୍ଶନ ବୋଲି ଡ. ବିଶ୍ୱାସ ମତବ୍ୟକ୍ତ କରିଛନ୍ତି। ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱ ଏଂ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ଜଗତ ପ୍ରସାଦ ନଡ୍ଡାଙ୍କ ତତ୍ତ୍ୱାବଧାନରେ ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ସମଗ୍ର ପୂର୍ବ ଭାରତରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଦାହରଣ ସୃଷ୍ଟି କରିଛି। ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ବିଶ୍ୱାସ ଏଭଳି ସଫଳତାରେ ଖୁସି ବ୍ୟକ୍ତ କରିବା ସହିତ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏନେଇ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଡିନ୍ (ଏକାଡେମିକ) ଡ. ଦିଲ୍ଲୀପ କୁମାର ପରିଡ଼ା, ଡିନ୍ (ପରୀକ୍ଷା) ଡ. ମନସ୍ୱିନୀ ମଙ୍ଗରାଜ, ଡିନ୍ (ଗବେଷଣା) ଡ. ବୈଜୟନ୍ତୀମାଳା ମିଶ୍ର, ଡିଡିଏ ଲେଫ୍ଟନାଂଟ କର୍ଣ୍ଣେଲ ଅଭିଜିତ ସରକାର, କୁଳସଚିବ ଡ. ସୁଦୀପ୍ତ ରଂଜନ ସିଂହ, ଡ. ସୌଭାଗ୍ୟ କୁମାର ଜେନା, ଡ. ସଞ୍ଜୟ କୁମାର ଗିରି ପ୍ରମୁଖ ଯୋଗ ଦେଇଥିଲେ।

## ରଥଯାତ୍ରା ଉପଲକ୍ଷେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସମୀକ୍ଷା ବୈଠକ

ଭୁବନେଶ୍ୱର,୮।୭ (ମହାଭାରତ): ପୁରୀ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ପବିତ୍ର ରଥଯାତ୍ରା ଉପଲକ୍ଷେ ସ୍ୱତନ୍ତ୍ର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ ଯୋଗ ଦେଇଥିଲେ । ରଥଯାତ୍ରା ସମୟରେ ଲକ୍ଷାଧିକ ଭକ୍ତଙ୍କୁ ନିରବଚ୍ଛିନ୍ନ ଓ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ କରାଯାଇଥିବା ପ୍ରସ୍ତୁତି, ଆବଶ୍ୟକୀୟ ବ୍ୟବସ୍ଥା ଓ ଜରୁରୀକାଳୀନ ସେବା ସମ୍ପର୍କରେ ଅଧିକାରୀମାନଙ୍କ ସହ ବିସ୍ତୃତ ଆଲୋଚନା କରିଛନ୍ତି ମନ୍ତ୍ରୀ। ବୈଠକରେ ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଅତିରିକ୍ତ ବିଶେଷଜ୍ଞ ଡାକ୍ତର, ନର୍ସିଂ ଅଫିସର ଏବଂ ଫାର୍ମାସିଷ୍ଟମାନଙ୍କୁ ରଥଯାତ୍ରା ଡ୍ୟୁଟିରେ



ମୁତୟନ କରାଯିବ। ଜିଲ୍ଲାର ବିଭିନ୍ନ ସ୍ଥାନ ମାନଙ୍କରେ ଅତିରିକ୍ତ ୪୬ଟି ୧୦୮ ଆମ୍ବୁଲାନ୍ସ ମୁତୟନ କରାଯିବ। ଏହାସହ ଏମର୍ଜେନ୍ସି ପରିଚାଳନା ପାଇଁ ୨୦୩ନଂ ଜାତୀୟ ରାଜଥର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଅତିରିକ୍ତ ୧୦ଟି ୧୦୮ ଆମ୍ବୁଲାନ୍ସ ମଧ୍ୟ ମୁତୟନ ରହିବ। ଶ୍ରୀମନ୍ଦିର ବେଢା ଭିତରେ ଟ୍ରାଫିକ ସମସ୍ୟାର ସମାଧାନ, ପ୍ରାଥମିକ ଚିକିତ୍ସା କେନ୍ଦ୍ର ଏବଂ ଆମ୍ବୁଲାନ୍ସ ପରିଚାଳନାକୁ ଅଧିକ ବ୍ୟବସ୍ଥିତ କରାଯିବ। ଏଥିସହ ନିୟୋଜିତ ହେବାକୁ ଥିବା ସମସ୍ତ ଡାକ୍ତର ଓ ପାରାମେଡିକାଲ ଷ୍ଟାଫ୍ଙ୍କ ରହିବା ଓ ଖାଇବାର ସୁବିଧା ପାଇଁ ଲଜିଷ୍ଟିକ୍ସ ବ୍ୟବସ୍ଥାକୁ ସୁଦୃଢ଼ କରାଯିବ। ଭକ୍ତମାନଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟସେବା ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା। ମହାପ୍ରଭୁଙ୍କ ଅପାର କୃପାରେ ଚଳିତ ବର୍ଷର ରଥଯାତ୍ରା ସୁରକ୍ଷିତ, ସୁଶୃଙ୍ଖଳିତ ଏବଂ ସଫଳତାର ସହ ସମ୍ପନ୍ନ ହେବ ବୋଲି ଆମର ଦୃଢ଼ ବିଶ୍ୱାସ। ଏହି ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସଚିବ, ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶକ, ଓଡ଼ିଶା ରାଜ୍ୟ ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଏବଂ ବିଭାଗୀୟ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

## ବଜାର ସୃଷ୍ଟି ହେଲେ ଆଦିବାସୀଙ୍କ ଆର୍ଥିକ ଅଭିବୃଦ୍ଧି ହେବ

ଭୁବନେଶ୍ୱର,୮।୭ (ମହାଭାରତ): ଭାରତର ଓଡ଼ିଶା, ପଶ୍ଚିମବଙ୍ଗ, ଝାରଖଣ୍ଡ, ଛତିଶଗଡ, ଦିଲ୍ଲୀ, ଉତର ପ୍ରଦେଶ, ମଧ୍ୟ ପ୍ରଦେଶ ଓ ଗୁଜୁରାଟରେ ଜଙ୍ଗଲରେ ବସବାସ କରୁଥିବା ଆଦିବାସୀ ମୁଖ୍ୟତଃ ଜଙ୍ଗଲ ଓ ଲଘୁ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ବିକ୍ରୟ କରି ନିଜର ଜୀବନ ଭରଣ ପୋଷଣ କରିଥାନ୍ତି। ଓଡ଼ିଶା ସମେତ କେତେକ ରାଜ୍ୟରେ ଏହା ସ୍ଥାନୀୟ ସୋସାଇଟ୍ ମାଧ୍ୟମରେ କରାଯାଉଥିଲେ ହେଁ ସମବାୟ ବ୍ୟବସାୟ ପାଇଁ ପୁଞ୍ଜି ଓ ଜାତୀୟ ଆନ୍ତର୍ଜାତିୟ ବଜାର ସହିତ ସଂପର୍କ ନଥିବା ଆଦିବାସୀମାନେ ଉଚିତ୍ ମୁଲ୍ୟ ପାଉନାହାନ୍ତି। ଏଣୁ ଜଙ୍ଗଲରୁ ମିଳୁଥିବା ଶାଳପତ୍ର, ଶାଳମଞ୍ଜି, କେନ୍ଦୁପତ୍ର, ମହୁଆ, ରବ, ଚା, କଫି, କାଜୁ, ପ୍ରଭୃତି ରଘୁ ଜଙ୍ଗଲ ଜାତ ଦ୍ରବ୍ୟର ଜଙ୍ଗଲୀ ଫଳ, ମହୁଆ, ଔଷଧୀୟ ଗଛ, ମସରୁମ୍, ଆଳମଣ୍ଡ, ପନିପରିବା, ଅଠା, ଲଙ୍କା ପ୍ରଭୃତି ଲଘୁ ଜଙ୍ଗଲ ଜାତ ଦ୍ରବ୍ୟରେ ମୂଲ୍ୟବୃଦ୍ଧି କରି ଜାତୀୟ ଆନ୍ତର୍ଜାତୀୟ ବଜାର ସୃଷ୍ଟି କରି ଆଦିବାସୀମାନେ ସାରା ବର୍ଷ ପାଇଁ ରୋଜଗାର କରିପାରିବେ ବୋଲି ଭାରତ ଓ ଦକ୍ଷିଣ ଏସିଆ ନନ୍-ଟିମ୍ବର ଜଙ୍ଗଲ ଜାତ ଦ୍ରବ୍ୟକୁ ଅଧିକ ଗୁରୁତ୍ୱ ଦେଇ ସାର୍ଟିଫାଏ କରିବାକୁ ଜଙ୍ଗଲ ପରିଷଦର ଏସିଆ ଓ ପ୍ରଶାନ୍ତ ମହାସାଗରୀୟ ଅଂଚଳୀୟ ମାଲାସିଆର କୁଲାଲାମପୁର ଠାରେ ଅନୁଷ୍ଠିତ ଏସିଆ ପ୍ରଶାନ୍ତ ମହାସାଗରୀୟ ଆନ୍ତଜାତିକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଡ. ରାମଚନ୍ଦ୍ର ଖୁଂଟିଆ ପ୍ରାକ୍ତନ ସାଂସଦ, ଜାତୀୟ ଉପସଭାପତି ତଥା ରାଜ୍ୟ ସଭାପତି ଉଦ୍‌ବୋଧନ ଦେଇ କହିଛନ୍ତି। ଏହି ସମ୍ମିଳନୀରେ ପରିବେଶ ପ୍ରଦୂଷଣ, ଜଳ ବାୟ ପରିବର୍ତ୍ତନ, ଜଙ୍ଗଲ ସଂରକ୍ଷଣ, ସମସ୍ତ ଜଙ୍ଗଲ ଓ ଜଙ୍ଗଲଜାତ ଦ୍ରବ୍ୟ ଚୋରୀ ଓ ଅବକ୍ଷୟ ରୋକିବା ସହିତ ଜଙ୍ଗଲରେ କାର୍ଯ୍ୟ କରୁଥିବା ସମସ୍ତ କର୍ମଚାରୀ, ଶ୍ରମିକ ଓ ଆଦିବାସୀ ମାନଙ୍କର ଅଧିକାର ସୁରକ୍ଷା ଓ ଜଙ୍ଗଲ, କାଠ ତଥା ଆନ୍ତର୍ଜାତିକ ନିର୍ମାଣ ବ୍ୟବସାୟରେ ଶ୍ରମିକ କର୍ମଚାରୀମାନଙ୍କର ଅଧିକାରରୁ ସୁରକ୍ଷା ସମ୍ବନ୍ଧରେ ଆଲୋଚନା କରାଯିବ। ଏହି ସମ୍ମିଳନୀରେ ଦିଲ୍ଲୀ, ଗୁଜୁରାଟ, କେରଳ, ତାମିଲନାଡୁ, ଉତ୍ତର ପ୍ରଦେଶ ଓ ଓଡ଼ିଶାରୁ ୨୫ ରୁ ଉର୍ଦ୍ଧ୍ୱ ପ୍ରତିନିଧି ଯୋଗ ଦେଉଛନ୍ତି। ଶ୍ରମିକ କର୍ମଚାରୀଙ୍କ ତରଫରୁ ଜାତୀୟ ଉପସଭାପତି ତଥା ରାଜ୍ୟ ସାଭାପତି ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଓଡ଼ିଶା ଶାଖା ଡ. ରାମଚନ୍ଦ୍ର ଖୁଣ୍ଟିଆ, ପ୍ରାକ୍ତନ ସାଂସଦ ଙ୍କ ନେତୃତ୍ୱରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ସାଧାରଣ ସମ୍ପାଦକ କିଶୋର ଜେନା, କାର୍ଯ୍ୟକାରୀ ସଭାପତି ମଦନ ମୋହନ ଧଳ, ସତ୍ୟବ୍ରତ ନାୟକ, ପ୍ରଣତୀ ମିଶ୍ର, ନିର୍ମଳ ସାମଲ, ସୁବାସ ସ୍ୱାଇଁ ଯୋଗ ଦେଇ ଜଙ୍ଗଲ ଉପରେ ଗୁରୁତ୍ୱ ପୂର୍ଣ୍ଣ ସଂପର୍କରେ ଆଲୋଚନା କରାଯାଇଛି।

## ଭୁବନେଶ୍ୱର ବ୍ଲକରେ ଜନଶୁଣାଣି

ଭୁବନେଶ୍ୱର,୮।୭ (ମହାଭାରତ): ଭୁବନେଶ୍ୱର ବ୍ଲକ କାର୍ଯ୍ୟାଳୟ ପରିସରରେ ମିଳିତ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଖୋରଧା ଜିଲ୍ଲାପାଳ ଅମ୍ରିତ ରତୁରାଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ମିଳିତ ଜଣାଶୁଣାଣିରେ ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀ ଓ ସ୍ଥାନୀୟ ଜନ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଉପରେ ଶୁଣାଣି କରାଯାଇଛି । ଏଥିରେ ଦାଖଲ ହୋଇଥିବା ୩୫ଟି ଅଭିଯୋଗ ମଧ୍ୟରୁ ୨୫ଟି ବ୍ୟକ୍ତିଗତ ଥିବାବେଳେ ୧୦ଟି ଅଭିଯୋଗ ସାମୟିକ ରହିଥିଲା । ଏଥମଧ୍ୟରୁ ୫ଟି ଅଭିଯୋଗକୁ ତତ୍କାଳ ସମାଧାନ କରାଯାଇଥିଲା। ଏତଦବ୍ୟତୀତ ସମସ୍ତ ଅଭିଯୋଗ ଗୁଡିକୁ ବିଚାରକୁ ନେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ଶ୍ରୀ ଅମ୍ରିତ ରତୁରାଜ ନିର୍ଦ୍ଦେଶ ଦେଇଛନ୍ତି । ଜନସାଧାରଣ ମାନଙ୍କୁ ସେବା ଯୋଗାଇ ଦେବା ଉପରେ ଅଧିକାରୀ ମାନେ ଗୁରୁତ୍ୱାରୋପ କରିଥିଲେ ।

ମିଳିତ ଜନଶୁଣାଣି ଅବସରରେ ଅନ୍ୟ ମାନଙ୍କ ମଧ୍ୟରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଭୁବନେଶ୍ୱର ଉପ ଜିଲ୍ଲାପାଳ ମନୋରଞ୍ଜନ ସାହୁ, ଭୁବନେଶ୍ୱର ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ନିରୁପମା ସାହୁ, ତହସିଲଦାର ଜୟନ୍ତ କୁମାର ଜୟସିଂହ, ବିଡ଼ିଓ ଦେବୀ ପ୍ରସାଦ ମହାନ୍ତି,ଅନ୍ୟ ବରିଷ୍ଠ ଅଧିକାରୀ, ସ୍ଥାନୀୟ ଜନପ୍ରତିନିଧି ଓ ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ବର୍ଷାରେ କ୍ଷତିଗ୍ରସ୍ତ ଚାଷଜମିର କ୍ଷୟକ୍ଷତି ଆକଳନ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୮।୭ (ମହାଭାରତ): ବୈତରଣୀ ନଦୀ ଅବବାହିକାରେ ଲଗାଣ ବର୍ଷାଜନିତ ଉଚ୍ଚ ଜଳସ୍ତର ଏବଂ ସେ ପ୍ରଭାବରୁ ଆଶଙ୍କା କରାଯାଉଥିବା ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ରାଜୀବ ଭବନଠାରେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟରେ ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି। ବୈଠକରେ ବୈତରଣୀ ନଦୀର ବର୍ତ୍ତମାନ ଜଳସ୍ତର, ଆଶଙ୍କା କରାଯାଉଥିବା ବନ୍ୟା ପରିସ୍ଥିତି, ସମ୍ଭାବ୍ୟ ପ୍ରଭାବିତ ଅଞ୍ଚଳ ଓ ଜନସଂଖ୍ୟା, ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିବା ପ୍ରସ୍ତୁତି, ଉଦ୍ଧାର ଓ ସ୍ଥାନାନ୍ତରଣ ବ୍ୟବସ୍ଥା, ଆଶ୍ରୟସ୍ଥଳ ପରିଚାଳନା, ରିଲିଫ ସାମଗ୍ରୀର ମହଜୁଦ ଏବଂ ଉଦ୍ଧାରକାରୀ ଦଳର ନିୟୋଜନ ସମ୍ପର୍କରେ ସବିଶେଷ ସମୀକ୍ଷା କରାଯାଇଥିଲା। ଗତ କିଛି ଦିନ ଧରି ଲଗାଣ ବର୍ଷା ଯୋଗୁଁ ସମଗ୍ର ଓଡ଼ିଶାର ବିଭିନ୍ନ ସ୍ଥାନ ପ୍ରଭାବିତ ହୋଇଛି। ତେବେ, ମହାନଦୀ, ଦେବୀ, ଜଳକା, କୁଶଭଦ୍ରା, ଋଷିକୁଲ୍ୟା, ଇବ୍ ଆଦି ନଦୀର ଜଳସ୍ତର ବିପଦ ସ୍ତରଠୁଁ କମ୍ ଅଛି। ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, ଓଡ଼ିଶାରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣାଧୀନ ଅଛି। କୌଣସି ପ୍ରକାର ବିପଦ ନିମନ୍ତେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି କ୍ଷ କୌଣସି ଜଣେ ଲୋକକୁ ମଧ୍ୟ ସ୍ଥାନାନ୍ତରଣ କିମ୍ବା ସହାୟତା ଆବଶ୍ୟକ ଥିଲେ ତାହାକୁ ଗୁରୁତ୍ୱର ସହିତ ଦୃଷ୍ଟିରେ ରଖି ସହଯୋଗ ଯୋଗାଇ ଦେବାକୁ ପ୍ରଶାସନକୁ ଦୃଢ଼ ନିର୍ଦ୍ଦେଶ ଦିଆଯାଇଛି। ଆନନ୍ଦପୁର ଏବଂ ଓକୁଆପଡାଠାରେ ବୈତରଣୀ



ନଦୀରେ ଜଳସ୍ତର ଅପେକ୍ଷାକୃତ ବୃଦ୍ଧି ଘଟିଥିଲେ ମଧ୍ୟ ବିପଦ ସ୍ତରଠୁଁ ଖୁବ୍ କମ୍ ଅଛି। ବିଭିନ୍ନ ନଦୀର ଜଳପତ୍ତନ ସ୍ତର ଉପରେ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ତୀକ୍ଷଣ ନଜର ରଖାଯାଇଛି। ତେବେ ଏପର୍ଯ୍ୟନ୍ତ ଲଗାଣ ବର୍ଷାରେ ବିଶେଷ ଭାବେ କୌଣସି ବ୍ୟକ୍ତି କିମ୍ବା ଘର କ୍ଷତିଗ୍ରସ୍ତ ହୋଇ ନାହାଁନ୍ତି। ବିଭିନ୍ନ ବିଭାଗ ସହିତ ଜିଲ୍ଲା ପ୍ରଶାସନ ସହିତ ସମନ୍ୱୟ ରକ୍ଷା ସହ କୌଣସି ବି ପରିସ୍ଥିତିର ମୁକାବିଲା କରିବା ପାଇଁ ସରକାର ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ରହିଛନ୍ତି। ତେବେ, କିଛି ଅଞ୍ଚଳରେ ଚାଷଜମି କ୍ଷତିଗ୍ରସ୍ତ ହେବାର ସୂଚନା ମିଳିଛି। ଏହି ପରିପ୍ରେକ୍ଷୀରେ ଲଗାଣ ବର୍ଷା ଯୋଗୁ ଚାଷଜମି କ୍ଷତିଗ୍ରସ୍ତ ହେଲେ ଜିଲ୍ଲାପ୍ରଶାସନକୁ ତାହାର ସର୍ଭେ ଏବଂ କ୍ଷତି ଆକଳନ କରି ବିପର୍ଯ୍ୟୟ ପରିଚାଳନା ବିଭାଗକୁ ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ କ୍ଷୟକ୍ଷତିର ଚବିଶ ଘଣ୍ଟା ପୂରଣ ହେବା ପୂର୍ବରୁ ହିଁ କ୍ଷତିପୂରଣ ପ୍ରଦାନ କରିବାକୁ ମନ୍ତ୍ରୀ ଶ୍ରୀ ପୂଜାରୀ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜଳସ୍ତର ହ୍ରାସ ପରେ ସମ୍ଭାବ୍ୟ ସାପ କାମୁଡ଼ା ଜନିତ ବିପଦ ହ୍ରାସ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ସହ ଡାକ୍ତରଖାନାରେ ଆଣ୍ଟିଭେନମ୍ ପ୍ରସ୍ତୁତ ରଖିବା ପାଇଁ ବୈଠକରେ ଆଲୋଚନା କରାଯାଇଛି। ଏଥିସହିତ ରଥଯାତ୍ରା ପରେ ତିରିଶଟି ଜିଲ୍ଲା ସହିତ ଗୁରୁତ୍ୱପୂର୍ଣ୍ଣ ବୈଠକ ଡ଼ାକି ଆଗାମୀ ଦିନରେ ଲଗାଣ ବର୍ଷାଜନିତ ସମ୍ଭାବ୍ୟ ସମସ୍ତ ପ୍ରକାର ବିପଦର ପରିଚାଳନା ନିମନ୍ତେ ବିସ୍ତୃତ ଆଲୋଚନା କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ସେହିପରି ସ୍ୱତନ୍ତ୍ର ସହାୟତା ଆୟୁକ୍ତ ଶ୍ରୀ ପାଟିଲ୍ କହିଛନ୍ତି ଯେ, ପଲିଥିନ ଏବଂ ଅନ୍ୟାନ୍ୟ ସମସ୍ତ ରିଲିଫ୍ ସମାଗ୍ରୀ ମହଜୁଦ ଥିବା ସହିତ ଓଡ୍ରାଫ୍ ଟିମ୍ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ରହିଛନ୍ତି।

# ବ୍ୟବହାରିକ ଭାଷା

ଇଂରାଜୀ ଭାଷା ହେଉଛି ବିଶ୍ୱର ସର୍ବାଧିକ କଥିତ ବା ବ୍ୟବହୃତ ଭାଷା। ଆଧୁନୀକ ଶିକ୍ଷାର ଏହା ହେଉଛି ଶ୍ରେଷ୍ଠ ମାଧ୍ୟମ। ତେଣୁ ଏହାକୁ ଉପେକ୍ଷା କରାଯାଇପାରିବନି। କିନ୍ତୁ ଏହାର ସୀମିତ ବ୍ୟବହାର ଆବଶ୍ୟକ। କେବଳ ଶିକ୍ଷା କ୍ଷେତ୍ରରେ ଏହାର ଆବଶ୍ୟକତା ରହିଛି। ଏହାକୁ ଅନ୍ୟ ଦେଶ ବ୍ୟବହାରିକ ଭାଷା ଭାବେ ବିଚାର କରିବା ଅନୁଚିତ। ଜାପାନ, କୋରିଆ, ଚୀନ ଏବଂ ବିଶ୍ୱର ଅନ୍ୟ ବହୁ ସମୃଦ୍ଧ ରାଷ୍ଟ୍ର ଇଂରାଜୀ ଭାଷାର ସୀମିତ ବ୍ୟବହାର ବା ଆଦୌ ବ୍ୟବହାର ନକରି ଆଗକୁ ଯାଇପାରିଛନ୍ତି। ଚୀନ ଓ ଜାପାନର ରାଷ୍ଟ୍ରମୁଖ୍ୟ ବିଦେଶ ଗସ୍ତରେ ଗଲେ ବା କୌଣସି ଅନ୍ତର୍ଜାତୀୟ ସମ୍ମିଳନୀରେ ଯୋଗ ଦେଲେ ନିଜ ମାତୃଭାଷାରେ ବକ୍ତବ୍ୟ ପ୍ରଦାନ କରନ୍ତି। ଅନ୍ୟମାନଙ୍କ ବୁଝିବା ପାଇଁ ଜଣେ ଭାଷାନ୍ତର ଜାଣିଥିବା ବ୍ୟକ୍ତିର ଆବଶ୍ରକତା ପଡ଼ିଥାଏ। କିନ୍ତୁ ଭାରତ ବା ଦକ୍ଷିଣ ଏସିଆ ତଥା ଆଫ୍ରିକାର ଅନ୍ୟ ବହୁ ରାଷ୍ଟ୍ରରେ ଇଂରାଜୀକୁ ମାତ୍ରାଧିକ ଗୁରୁତ୍ୱ ଦିଆଯାଉଛି। ଉପମହାଦେଶରେ ଇଂରାଜୀ ଭାଷାରେ ଲେଖା ପଢ଼ା ଜାଣିନଥିବା ବ୍ୟକ୍ତିଙ୍କୁ ମୂର୍ଖ ବୋଲି ବିଚାର କରାଯାଏ ଏବଂ ତାଙ୍କୁ ହେୟଜ୍ଞାନ କରାଯାଇଥାଏ। ଭାରତରେ ଦୁଇ ଶହ ବର୍ଷର ବ୍ରିଟିଶ ଶାସନ କାଳରେ ଇଂରାଜୀ ଭାଷାର ପ୍ରସାର ଏତେ ଗଭୀରକୁ ଯାଇନଥିଲା। ଯଦିଓ ଏହାର ଭିତ୍ତିଭୂମି ସେତେବେଳେ ପଡ଼ିଥିଲା। କିନ୍ତୁ ସ୍ୱାଧୀନତା ପରେ ଭାରତ ସରକାର ଇଂରାଜୀ ଭାଷାକୁ ମାତ୍ରାଧିକ ଗୁରୁତ୍ୱ ଦେଲେ ଏବଂ ବ୍ରିଟିଶ ଶାସନ କାଳରେ ଯେପରି ଇଂରାଜୀ ଭାଷା ସରକାରୀ ଭାଷା ଭାବେ ବ୍ୟବହୃତ ହେଉଥିଲା, ଏବେ ବି ସେହି ବ୍ୟବସ୍ଥା ଚାଲିଛି। ଇଂରାଜୀ ଭାଷାରେ ଦୁର୍ବଳ ବ୍ୟକ୍ତି କଦାପି ଉଚ୍ଚ ଶିକ୍ଷା ଲାଭ କରିପାରିବ ନାହିଁ କିମ୍ବା ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହୋଇପାରିବ ନାହିଁ। ଭାରତରେ ଶିକ୍ଷାର ମାଧ୍ୟମ ହେଉଛି ଇଂରାଜୀ। ଗତ କିଛି ବର୍ଷ ହେବ ଓଡ଼ିଶା ସମେତ ସମଗ୍ର ଦେଶରେ ଇଂରାଜୀ ମାଧ୍ୟମ ସ୍କୁଲ ଏଭଳି ଛତୁ ଫୁଟିବା ଭଳି ପ୍ରତିଷ୍ଠିତ ହୋଇଛି ଯେ, ଆମ ଦେଶର ପିଲାମାନେ ନିଜ ମାତୃଭାଷାରେ ଲେଖା ପଢ଼ା ଖୁବ କମ କରୁଛନ୍ତି। ନିଜ ମାତୃଭାଷାକୁ ଅନେକ ଭଲଭାବେ ବୁଝିପାରୁନାହାଁନ୍ତି। ମାତୃଭାଷାରେ ପ୍ରକାଶିତ ଖବର କାଗଜ ବା ବହି ପଢ଼ିବା ସେମାନଙ୍କ ମଧ୍ୟରେ ଖୁବ କ୍ୱଚିତ ଦେଖିବାକୁ ମିଳୁଛି। ଫଳରେ ଭାରତରେ ମାତୃଭାଷାଦିନକୁ ଦିନ ରସାତଳଗାମୀ ହୋଇଚାଲିଛି। ଓଡ଼ିଶାରେ ପରିସ୍ଥିତି ଏପରି ହୋଇଛି ଯେ, ଆଉ କିଛି ବର୍ଷ ପରେ ଓଡ଼ିଆ କେବଳ ଏକ କଥିତ ଭାଷା ହୋଇ ରହିଯିବ। ଯେଉଁମାନେ ଇଂରାଜୀ ଶବ୍ଦ ବ୍ୟବହାର ନକରି କଞ୍ଚା ଓଡ଼ିଆ ଭାଷା ବ୍ୟବହାର କରୁଛନ୍ତି, ସେମାନଙ୍କୁ ଗାଉଁଲି ବୋଲି କୁହାଯାଉଛି। ଅବଶ୍ୟ ଦକ୍ଷିଣ ଭାରତରେ ପରିସ୍ଥିତି ଟିକେ ଅଲଗା। ସେଠାରେ ଇଂରାଜୀ ଭାଷାର ପ୍ରଚାର ପ୍ରସାର ସହିତ ମାତୃଭାଷାକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଉଲ୍ଲେଖ ଯୋଗ୍ୟ ଯେ, ଭାରତର ପ୍ରତ୍ୟେକ ରାଜ୍ୟରେ ସ୍ୱତନ୍ତ୍ର ଆଞ୍ଚଳିକ ଭାଷା ରହିଛି। ଓଡ଼ିଶାରେ ଓଡ଼ିଆ ହେଉଛି ମାତୃଭାଷା। ଇଂରାଜୀ ବା ଅନ୍ୟ ଯେ କୌଣସି ଭାଷା ତୁଳନାରେ ଏହା ଅଧିକ ସମୃଦ୍ଧ। ଓଡ଼ିଆରେ ବହୁ ପୁରାତନ ପୁସ୍ତକ ରହିଛି ଯାହା ବିଶ୍ୱ ସାହିତ୍ୟର ଅମୂଲ୍ୟ ଗ୍ରନ୍ଥ ଭାବେ ବିବେଚିତ ହୋଇପାରେ। ସନ୍ଥକବି ଭୀମ ଭୋଇଙ୍କ ରଚନା 'ମୋଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ' ଆଜି ଜାତିସଂଘରେ ସ୍ଥାନ ପାଇଛି। ଭୀମଭୋଇ ଇଂରାଜୀ ଭାଷା ଜାଣିନଥିଲେ। ତାଙ୍କର ପାରମ୍ପରିକ ଶିକ୍ଷାଗତ ଯୋଗ୍ୟତା କିଛି ନଥିଲା। କିନ୍ତୁ ସେ ଆଜି ବିଶ୍ୱର ଜଣେ ମହାନ କବି ଏବଂ ଦାର୍ଶନିକ ଭାବେ ବିବେଚିତ ହେଉଛନ୍ତି। ଉଚ୍ଚଶିକ୍ଷା ନିମନ୍ତେ ଇଂରାଜୀ ଭାଷା ଶିକ୍ଷା ଜରୁରୀ। ଇଂରାଜୀ ଭାଷାରେ ଦୁର୍ବଳତା ଜୀବନରେ ଉନ୍ନତିରେ ଏକ ବଡ଼ ପ୍ରତିବନ୍ଧକ ହୋଇଥାଏ। ସେଥିପାଇଁ ସରକାରୀ ଶିକ୍ଷାନୁଷ୍ଠାନରେ ଇଂରାଜୀ ଭାଷାରେ ଉନ୍ନତ ଶିକ୍ଷାଦାନ ଜରୁରୀ ଏବଂ ସରକାର ମଧ୍ୟ ଏ ଦିଗରେ ଚିନ୍ତା କରୁଛନ୍ତି। ଆଜି ଇଂରାଜୀ ମାଧ୍ୟମ ସ୍କୁଲରେ ମଧ୍ୟ ଏକ ନିର୍ଦ୍ଦିଷ୍ଟ ଶ୍ରେଣୀ ପର୍ଯ୍ୟନ୍ତ ଓଡ଼ିଆ ବା ଅନ୍ୟ ମାତୃଭାଷାକୁ ଏକ ବିଷୟ ଭାବେ ଗ୍ରହଣ କରାଯାଇଛି।

# ପୁନଶ୍ଚ ଅଜନଲା -ପୁନଶ୍ଚ ଦେଶଦ୍ରୋହ

॥ ସୌମେନ୍ଦ୍ର ଜେନା ॥

ଖବରକାଗଜ ପୃଷ୍ଠାରେ ହଠାତ୍ କିଛିଦିନ ପୂର୍ବେ ଖବର ଆସିଲା ଯେ ପଞ୍ଜାବର ଅମୃତସର ନିକଟବର୍ତ୍ତୀ ଅଜନଲାଠାରେ ଏକ ଥାନା ଉପରେ ଆକ୍ରମଣ କରି ଲୋକେ ପୁଲିସ ଉପସ୍ଥିତିରେ ଅଭିଯୁକ୍ତକୁ ଥାନାରୁ ଖସାଇ ନେଇଛନ୍ତି । ଖାଲିସ୍ତାନୀ ସମର୍ଥକ ଅମୃତପାଲ ସିଂହର ସହଯୋଗୀ ଲଭ୍‌ପ୍ରୀତ ତୁଫାନ ସିଂହ ଏକ ଅପହରଣ ଏବଂ ଆକ୍ରମଣ ଅଭିଯୋଗରେ ଥାନାରେ ଅଟକ ଥିଲାବେଳେ ଅମୃତପାଲର ନେତୃତ୍ୱରେ ହଜାର ହଜାର ସଂଖ୍ୟକ ଲୋକେ ପୁଲିସଥାନା ଉପରେ ସଂଗଠିତ ଭାବେ ଆକ୍ରମଣ କରିଥିଲେ । ସେମାନେ ହାତରେ ଖଣ୍ଡା ଏବଂ ବନ୍ଧୁକ ଧରିଥିବା କଥା କୁହାଯାଉଛି ।

ଅନେକ ଘଣ୍ଟା ଧରି ଅଭିଯୁକ୍ତର ସହଯୋଗୀମାନେ ଥାନାକୁ ନିଜ କବ୍‌ଜାରେ ରଖିଥିଲେ । ଅଭିଯୁକ୍ତମାନେ କାଳେ ଗୁରୁ ଗ୍ରନ୍ଥ ସାହିବକୁ ଧରି ଥାନାରେ ପଶିଥିବାରୁ ପୁଲିସ କିଛି କରିପାରି ନଥିବା କଥା କୁହାଯାଉଛି । ପୂର୍ବରୁ ଅମୃତପାଲର ଲୋକେ ଧାରଣା ଦେବାକୁ କହି ପରେ ଥାନା ଉପରେ ଚଢାଉ କରିଥିବା କୁହାଯାଉଛି । କଥାହେଲା ଘଟଣା ବେଳେ ଶହଶହ ପୁଲିସ ଉପସ୍ଥିତ ଥିଲେ ମଧ୍ୟ ମୂକଦର୍ଶକ ସାଜିଥିଲେ । ଅତୀତରେ ଖାଲିସ୍ତାନୀ ନେତା ଭିନ୍ଦ୍ରନୱାଲେ ଅମୃତସରର ସ୍ୱର୍ଣ୍ଣମନ୍ଦିର ପରିସର ମଧ୍ୟରେ ଏମିତି ସୁରକ୍ଷିତ ରହି ଦୀର୍ଘଦିନ ଧରି ରାଜ୍ୟରେ ରକ୍ତପାତ ସୃଷ୍ଟି କରିଥିଲା । ସେତେବେଳେ ମଧ୍ୟ ଗୁରୁଦ୍ୱାରର ପବିତ୍ରତା ଆଳ ଦେଖାଇ ଶିଖଗୁରୁମାନେ ତାକୁ ସୁରକ୍ଷା ଦେଇଥିଲେ । ଶେଷରେ ବାଧ୍ୟ ହୋଇ ଅପରେସନ୍ ବ୍ଲୁଷ୍ଟାର ହେବା ଯୋଗୁ ଭିନ୍ଦ୍ରନୱାଲେ ଏବଂ ତାର ସାଥୀ ସନ୍ତ୍ରାସୀମାନଙ୍କର ମୃତ୍ୟୁ ହୋଇଥିଲା ।

ଘଟଣା ୨୪ ଫେବୃଆରୀ ୨୦୨୩ରେ ଘଟିଥିବା ବେଳେ ୪ ମାର୍ଚ୍ଚ ପର୍ଯ୍ୟନ୍ତ କୌଣସି ପ୍ରାଥମିକ ଅଭିଯୋଗ ପୁଲିସ ପକ୍ଷରୁ ନହେବା ଆଶ୍ଚର୍ଯ୍ୟଜନକ ଘଟଣା । ଅଥଚ ସଫେଇ ଦେବାକୁ ଯାଇ ରାଜ୍ୟର ପୁଲିସ ବିଭାଗର ଲୋକେ ପଦକ୍ଷେପ ନେବାକୁ ଉଦ୍ୟମ କରୁଛନ୍ତି ବୋଲି କହିଛନ୍ତି । ଏଥିରୁ ରାଜ୍ୟ ପୁଲିସର ଅପାରଗତା ଏବଂ ରାଜ୍ୟ ସରକାରଙ୍କ ସନ୍ତ୍ରାସବାଦୀ ଗୋଷ୍ଠୀଙ୍କ ନିକଟରେ ଆତ୍ମସମର୍ପଣ ସହଜରେ ଦୃଷ୍ଟି ଗୋଚର ହେଉଛି । ରାଜ୍ୟର ସୁରକ୍ଷା ଏବଂ ଆଇନର ରକ୍ଷା ନେଇ ବିଗତ ପ୍ରଦେଶ ନିର୍ବାଚନ ସମୟରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ କେଜ୍ରିୱାଲ ଯେଉଁ ବାହାପିଆ କଥା କହିଥିଲେ ଏଥିରୁ ତାଙ୍କ ମୂଲ୍ୟହୀନ ନୀତିର ପ୍ରମାଣ ମିଳୁଛି ।

ରାଜ୍ୟ ସରକାର ଏଭଳି ମାମଲାରେ କଠୋର ପଦକ୍ଷେପ ଗ୍ରହଣ ନକରି ସେମାନଙ୍କ ସମର୍ଥନ ଲାଭ ପାଇଁ ଷଡଯନ୍ତ୍ର କଲାପରି ମନେ ହେଉଛି । ଏଥିରୁ ଅତୀତରେ କୁମାର ବିଶ୍ୱାସ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ବିରୁଦ୍ଧରେ କରିଥିବା ଅଭିଯୋଗର ପ୍ରାମାଣିକତାକୁ ବିଶ୍ୱାସ କରି ହେଉଛି । ଆନ୍ନା ହଜାରେଙ୍କ ଆନ୍ଦୋଳନ ସମୟରେ କୁମାର ବିଶ୍ୱାସ ଏବଂ ଅରବିନ୍ଦ କେଜ୍ରିୱାଲ ମିଳିତ ଭାବେ ଆନ୍ଦୋଳନରେ ସାମିଲ ଥିଲେ । ପରବର୍ତ୍ତୀ କାଳରେ ଅରବିନ୍ଦ ଏକଦା କହିଥିଲେ ଯେ ପଞ୍ଜାବ ଭଳି ଛୋଟିଆ ରାଜ୍ୟକୁ ସ୍ୱାଧୀନ ରାଷ୍ଟ୍ରକରି ତାର ପ୍ରଧାନମନ୍ତ୍ରୀ ହେବା ପାଇଁ ତାଙ୍କର ଆଗ୍ରହ ରହିଛି । ସେହିଦିନଠାରୁ ଅରବିନ୍ଦ କେଜ୍ରିୱାଲଙ୍କ ଭୟଙ୍କର ସୈତାନୀ ଅଭିସନ୍ଧିକୁ କୁମାର ବୁଝିପାରିଥିଲେ । ସେହି ଲକ୍ଷ୍ୟରେ କେଜ୍ରିୱାଲ କୃଷକ ଆନ୍ଦୋଳନ ସମୟରେ ଦିଲ୍ଲୀ ସୀମାରେ ବସିଥିବା ଖାଲିସ୍ତାନୀ ସମର୍ଥକଙ୍କୁ ଢେର ସହାୟତା ଯୋଗାଇ ଦେଇଥିଲେ, ପଞ୍ଜାବରେ ନିର୍ବାଚନ ହେବାକୁ ଥିବାରୁ ସେମାନଙ୍କୁ ହାତ କରିବାକୁ ଋହିଁଥିଲେ ।

ବିଧାନସଭା ନିର୍ବାଚନ ସମୟରେ ସେମାନଙ୍କ ସମର୍ଥନ ଆପ୍ ସହିତ ରହିବାହେତୁ ପଞ୍ଜାବରେ ଆପ୍‌ର ସରକାର ଆସିଲା । ଏବେ ବିଗତ କିଛିମାସ ହେବ ଦେଖିବାକୁ ମିଳୁଛି ଯେ ଆପ୍‌ର ସରକାର ପଞ୍ଜାବରେ ଆସିଲା ପରେ ସେଠାରେ ଖାଲିସ୍ତାନୀଙ୍କ ଉତ୍ପାତ ସାଧାରଣରେ ବୃଦ୍ଧି ପାଇଛି । ଦେଶ ବାହାରେ ଥିବା ଗୋଷ୍ଠୀଙ୍କର ହସ୍ତକ୍ଷେପ ପଞ୍ଜାବରେ ବଢିବାରେ ଲାଗିଛି । ଖାଲିସ୍ତାନ ସମର୍ଥନରେ କାନ୍ଥବାଡରେ ପ୍ରାଚୀର ପତ୍ର ଦେଖିବାକୁ ମିଳୁଛି । ହିନ୍ଦୁ ସଂଗଠନର ନେତାମାନଙ୍କ ଉପରେ ଆକ୍ରମଣ ବଢିବାରେ ଲାଗିଛି । ଖୁବ୍‌କମ୍ ଦିନ ଅନ୍ତରରେ ପ୍ରାୟ ୪ଜଣ ହିନ୍ଦୁନେତାଙ୍କୁ ଇତି ମଧ୍ୟରେ ହତ୍ୟା କରାଯାଇଛି । ପଞ୍ଜାବ ମୁଖ୍ୟମନ୍ତ୍ରୀ ଏସବୁକୁ ସାଧାରଣ ଘଟଣା କହି ନିଜର ଅପାରଗତାକୁ ପ୍ରଦର୍ଶିତ କରିବାରେ ଲାଗିଛନ୍ତି । ନିକଟରେ ଜଣେ ପଞ୍ଜାବୀ ଅଭିନେତ୍ରୀ ଏହାକୁ ଠିକ୍ କାମ କହି ସମର୍ଥନ କରିଛନ୍ତି । କିନ୍ତୁ ହିନ୍ଦୁ ନେତାମାନଙ୍କ ହତ୍ୟାପଛରେ ଖାଲିସ୍ତାନକୁ ସମର୍ଥନ କରୁଥିବା ଗୋଷ୍ଠୀଙ୍କର ହାତ ରହିଥିବାର ଅନେକ ପ୍ରମାଣ ମିଳୁଛି । ଏଥିରୁ ଯାହା ଜଣାଯାଉଛି ଯେ ୧୯୯୫ରୁ ଯେଉଁ ଖାଲିସ୍ତାନୀ ନେତା ପାକିସ୍ତାନକୁ ଋଲିଯାଇ କିମ୍ବା କାନାଡା, ବ୍ରିଟେନ, ଅଷ୍ଟ୍ରେଲିଆରେ ରହି ଖାଲିସ୍ତାନୀ ପତାକା ଉଡାଉଥିଲେ ଏବେ ସେମାନେ ଆର୍ଥିକ ସହାୟତା ଦେଇ ପୁନର୍ବାର ସନ୍ତ୍ରାସ ସୃଷ୍ଟି କରିବାକୁ ଋହୁଁଛନ୍ତି ।

ଏବେ ଯେଉଁ ଗୋଷ୍ଠୀଟି ପଞ୍ଜାବରେ ମୁଣ୍ଡ ଟେକୁଛି ତାହା ଦୀପ ସିଦ୍ଧୁ ପ୍ରତିଷ୍ଠିତ 'ୱାରିସ ପଞ୍ଜାବ ଦେ' ଦଳ । ୨୬ ଜାନୁଆରୀ ୨୦୨୧ରେ କୃଷକ ଆନ୍ଦୋଳନ ବେଳେ ଯେଉଁ ହଙ୍ଗାମା ଦିଲ୍ଲୀରେ ହୋଇଥିଲା ସେହି ଗୋଳମାଳ ଭିତରେ ସିଦ୍ଧୁ ଲାଲକିଲ୍ଲା ଉପରେ ଖାଲିସ୍ତାନୀ ପତାକା ଉଡାଇ ଚର୍ଚ୍ଚାକୁ ଆସିଥିଲା । ଏହା କରିବା ଲାଗି ଶିଖ ଫର୍ ଜଷ୍ଟିସ ସଂଗଠନର ପନ୍ନୁ ଖାଲିସ୍ତାନୀମାନଙ୍କୁ ଆହ୍ୱାନ ଦେଇ ପୁରସ୍କାର ମଧ୍ୟ ଘୋଷଣା କରିଥିଲା । ଏହାପରେ ସିଦ୍ଧୁକୁ ଅନେକ ଅର୍ଥ ଅନୁଦାନ ରୂପେ ମିଳିଥିଲା ଯେଉଁଥି ପାଇଁ ସେପ୍ଟେମ୍ବର ୨୦୨୧ରେ ପଞ୍ଜାବୀ ସଂସ୍କୃତିର ସୁରକ୍ଷା ଓ ସାମାଜିକ ଚେତନା ସୃଷ୍ଟି କରିବା ଲକ୍ଷ୍ୟରେ ସେ ନିଜ ସଂଗଠନ ଆରମ୍ଭ କଲା । ହେଲେ ୧୫ ଫେବୃଆରୀ ୨୦୨୨ରେ ସିଦ୍ଧୁର ମୃତ୍ୟୁ ସଡକ ଦୁର୍ଘଟଣାରେ ହେଲା । ସିଦ୍ଧୁର ମୃତ୍ୟୁପରେ ସଂଗଠନର ନେତୃତ୍ୱ ତାର ସହଯୋଗୀମାନେ ଅଲଗା ଅଲଗା ନେବାରୁ ସେଥିରେ ବିଭାଜନ ହେଲା ।

ଏବେ ଗୋଟିଏ ଗୋଷ୍ଠୀର ନେତୃତ୍ୱ ଅମୃତପାଲ ହାତରେ ପଡିଛି । ଅମୃତପାଲର ପରିବାର ଢେର ଆଗରୁ ଦୁବାଇକୁ ଋଲିଯାଇଛନ୍ତି । ସେ ଦୁବାଇରେ ଟ୍ରକ୍ ଡ୍ରାଇଭର କାର୍ଯ୍ୟ କରୁଥିଲା । ୧୨ଶ ଶ୍ରେଣୀ ଯାଏଁ ପାଠ ପଢିଥିବା ଅମୃତପାଲ କୃଷକ ଆନ୍ଦୋଳନ ସମୟରେ ସୋସିଆଲ ମିଡିଆ ମାଧ୍ୟମରେ ସିଦ୍ଧୁ ସହ ସଂପର୍କରେ ଆସିଥିଲା । କୃଷକ ଆନ୍ଦୋଳନ ବେଳେ କେବେ କେମିତି ଟ୍ୱିଟ କରୁଥିବା ଅମୃତପାଲ ହଠାତ୍ ଖାଲିସ୍ତାନୀ ଟ୍ୱିଟ ଆରମ୍ଭ କରିବାକୁ ଲାଗିଲା । ସିଦ୍ଧୁର ମୃତ୍ୟୁ ପରେ ଖାଲିସ୍ତାନୀ ଗୋଷ୍ଠୀକୁ ସଂଗଠିତ କରିବା ପାଇଁ ସିଦ୍ଧୁର ଗୋଟିଏ ଗୋଷ୍ଠୀର ନେତୃତ୍ୱ ନେଇ ଉଦ୍ୟମ କଲା । କିନ୍ତୁ ସଂପ୍ରତି ଯେପରି ଖାଲିସ୍ତାନୀ ସମର୍ଥନ ବା ହିଂସାଜନିତ ଉତ୍ତେଜନା ସୃଷ୍ଟି ପାଇଁ ଏହି ଗୋଷ୍ଠୀ ଉଦ୍ୟମ କରୁଛି ତାର ମୂଳ କାରଣ ଇସଲାମିକ ଗୋଷ୍ଠୀର ସମର୍ଥନ ଲାଭକରି ପଞ୍ଜାବରେ ଋଲିଥିବା ୱାକଫ୍ ସଂପତ୍ତି ବିରୋଧୀ ଆନ୍ଦୋଳନକୁ ଚପାଇବା ଏବଂ କାଶ୍ମିରୀ ମୁସଲିମ ଗୋଷ୍ଠୀଙ୍କୁ ସମର୍ଥନ ଦେବା ।

ଆଇଏସ୍‌ଆଇ ସହ ସଂପର୍କରେ ଥିବା ବହୁ ବିଦେଶୀ ପଞ୍ଜାବୀ ଇତି ମଧ୍ୟରେ ଭାରତକୁ ଫେରିଆସି ସଂଗଠିତ ହେବାରେ ଲାଗିଛନ୍ତି,ଯେଉଁମାନେ ୧୯୯୫ ଅପରେସନ ବେଳେ ଭାରତଛାଡି ପାକ୍, କାନାଡା, ବ୍ରିଟେନ ଅଷ୍ଟ୍ରେଲିଆକୁ ଋଲିଯାଇ ଥିଲେ । ବିଗତ ତିନିବର୍ଷ ହେଲା ବିଦେଶରେ ଖାଲିସ୍ତାନ ସପକ୍ଷରେ ଗଣଭୋଟ ଜାରି ରହିଛି ।


;ବିଧାନସଭା ନିର୍ବାଚନ ସମୟରେ ସେମାନଙ୍କ ସମର୍ଥନ ଆପ୍ ସହିତ ରହିବାହେତୁ ପଞ୍ଜାବରେ ଆପ୍‌ର ସରକାର ଆସିଲା । ଏବେ ବିଗତ କିଛିମାସ ହେବ ଦେଖିବାକୁ ମିଳୁଛି ଯେ ଆପ୍‌ର ସରକାର ପଞ୍ଜାବରେ ଆସିଲା ପରେ ସେଠାରେ ଖାଲିସ୍ତାନୀଙ୍କ ଉତ୍ପାତ ସାଧାରଣରେ ବୃଦ୍ଧି ପାଇଛି । ଦେଶ ବାହାରେ ଥିବା ଗୋଷ୍ଠୀଙ୍କର ହସ୍ତକ୍ଷେପ ପଞ୍ଜାବରେ ବଢିବାରେ ଲାଗିଛି । ଖାଲିସ୍ତାନ ସମର୍ଥନରେ କାନ୍ଥବାଡରେ ପ୍ରାଚୀର ପତ୍ର ଦେଖିବାକୁ ମିଳୁଛି । ହିନ୍ଦୁ ସଂଗଠନର ନେତାମାନଙ୍କ ଉପରେ ଆକ୍ରମଣ ବଢିବାରେ ଲାଗିଛି ।


# ଖୁସି, ସୁଖ ଓ ଶାନ୍ତି

॥ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ବିଶ୍ୱର ସବୁଠାରୁ ଖୁସି ଦେଶ ଭାବେ ଫିନଲ୍ୟାଣ୍ଡ ସ୍ଥାନିତ ହୋଇଛି। ମାର୍ଚ୍ଚ ୨୦ରେ ବିଶ୍ୱ ଖୁସି ଦିବସ ଅବସରରେ ଖୁସିର ବିଭିନ୍ନ ମାନଦଣ୍ଡକୁ ଦେଖି ଏହି ଦେଶ ତାଲିକାର ଶୀର୍ଷରେ ରହିଥିବାବେଳେ ଭାରତର ସ୍ଥାନ ୧୨୫ରେ ରହିଛି। ଖୁସିର ମାନଦଣ୍ଡ ରହିଥିଲା ଲୋକମାନଙ୍କ ଭିତରେ ସକରାତ୍ମକ ଭାବନା। ଆଜିର ସମୟକୁ ଦେଖିଲେ ଜଣାଯାଏ ଅନେକ ସମୟରେ ଆମ୍ଭମାନଙ୍କ ଭିତରେ ଭାବନା ଗୁଡ଼ିକ ସକରାତ୍ମକ ହେବା ଅପେକ୍ଷା ଏହା ନକରାତ୍ମକ ସ୍ଥାନ ନେଇଯାଉଛି। ଜୀବନର ପ୍ରତିଟି କ୍ଷେତ୍ର ସମସ୍ତଙ୍କ ପାଇଁ ଆହ୍ୱାନଭରା। ଭଗବାନଙ୍କ ସୃଷ୍ଟିରେ ସୁଖ ଓ ଶାନ୍ତିକୁ କେହି କିଣି ପାରନ୍ତି ନାହିଁ। ଏହାର ମୂଲ୍ୟ ଅମୂଲ୍ୟ। ତେବେ ଆମ ଚାହିଁଲେ ସୁଖ ଓ ଶାନ୍ତି ପ୍ରାପ୍ତ ହୋଇପାରିବା। ତେବେ ଏଥିପାଇଁ ଆମ୍ଭମାନଙ୍କର ବ୍ୟକ୍ତିଚେତନା, ମାନସିକତା ଓ ସକରାତ୍ମକ ଦୃଷ୍ଟିଭଙ୍ଗୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆମେ ଆଶାକରେ ଦୁନିଆରେ ଶାନ୍ତି ରହୁ । ମାତ୍ର ଏହି ଶାନ୍ତି କେଉଁଠୁ ଆସିବ ସେ ବିଷୟରେ କେବେ ଚିନ୍ତା କରେନି ।

ଆମେ ଭାବୁ ଦୁନିଆରେ ମନକୁ ମନ ଶାନ୍ତି ଆସିଯିବ । କିନ୍ତୁ ପ୍ରକୃତ କଥା ହେଉଛି ଶାନ୍ତି ଆମ ଭିତରୁ ସୃଷ୍ଟି ହୋଇ ବାହାରକୁ ଖେଳିଯିବା ଦରକାର । ଆମ ସମସ୍ତଙ୍କ ଜୀବନ ଅନେକ ପ୍ରକାରେ ଖଣ୍ଡବିଖଣ୍ଡିତ ହୋଇଛି । ଆମେ ଏମିତି ଜୀବନ କାଟୁଛେ ଯେଉଁଥିରେ ବ୍ୟକ୍ତି ଅନେକ ଭାଗରେ ବାଣ୍ଟି ହୋଇଯାଉଛି । ଆମ ପାଖରେ ଏକ ଭୌତିକ ଶରୀର ଅଛି, ମନ ଓ ବୁଦ୍ଧି ଅଛି, ଭାବନା ଅଛି ଏବଂ ଆମର ଏକ ଆଧ୍ୟାତ୍ମିକ ପକ୍ଷ ମଧ୍ୟ ଅଛି । ଆମ ଶାରୀରିକ ସମସ୍ୟା ହୋଇପାରେ, ଜୀବନରେ କିଛି ମାନସିକ ସମସ୍ୟା ଆସିପାରେ, ଆମେ ଭାବନାତ୍ମକ ଭାବରେ ଦୁଃଖି ହୋଇପାରେ ।

ପ୍ରକୃତରେ ଆମେ କେବେ ବି ଏକ ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱ ଭାବରେ ସଂଗଠିତ ହୋଇପାରେ ନାହିଁ । କାରଣ ଅଧିକାଂଶ ଲୋକ ନିଜର ଆଧ୍ୟାତ୍ମିକ ପକ୍ଷ ପ୍ରତି ସଚେତନ ନୁହଁନ୍ତି । ଆମେ ଆମ ବ୍ୟକ୍ତିତ୍ୱର ସବୁ ପକ୍ଷକୁ ସଂଗଠିତ କରିବା ଉପରେ ଜୋର ଦିଏନି, ବରଂ ଭିନ୍ନ ଭିନ୍ନ ପକ୍ଷ ଉପରେ ଜୋର ଦିଏ । ଆମେ ନିଷ୍ଠାପର କର୍ମଚାରୀ ହୋଇପାରୁ, ମହତ୍ତ୍ୱାକାଂକ୍ଷୀ ପିତା ହୋଇପାରୁ, ଯଜ୍ଞ ପାଇଁ ଚାନ୍ଦା ଦେଉଥିବା ଶ୍ରଦ୍ଧାଳୁ ହୋଇପାରୁ, ମାତ୍ର ଆଧ୍ୟାତ୍ମିକ ହୋଇପାରୁନି । ଆଧ୍ୟାତ୍ମିକ ମନିଷୀ ଓ ସମାଜର ଦିଗ୍‌ଦ୍ରଷ୍ଟା ମାନଙ୍କ ଦର୍ଶନରେ ଶାନ୍ତି ସଂପୂର୍ଣ୍ଣ ରୂପେ ମଣିଷର ଆୟାତାଧିନ ଥିଲେ ବି ସମସ୍ତେ କିନ୍ତୁ ବାସ୍ତବରେ ଶାନ୍ତି ପାଇଁ ଯତ୍ନବାନ ହେଉନାହାଁନ୍ତି । ସଂପ୍ରତି ସମାଜର ସବୁକ୍ଷେତ୍ରରେ ଅଶାନ୍ତି ଭରି ରହିଛି । ବାପ ପୁଅ, ସ୍ୱାମୀ-ସ୍ତ୍ରୀ, ମାଲିକ ନୌକର, ଗୁରୁ-ଶିଷ୍ୟ, ମା-ଝିଅ ସବୁଠି ସବୁକ୍ଷେତ୍ରରେ ଶାନ୍ତି ଆଜି ଦୂରେଇ ଯାଉଛି ।

ପ୍ରଶ୍ନ ଉଠୁଛି ଏସବୁର ନିରାକରଣ କ'ଣ ? ଆଧ୍ୟାତ୍ମିକ ମାର୍ଗଦର୍ଶକଙ୍କ ତତ୍ତ୍ୱ ଅନୁଯାୟୀ 'ଯେଉଁମାନେ କୌଣସି କାମନା ବାସନା ନରଖି ନିରାଡ଼ମ୍ବର ଓ ଶୋଭନୀୟ ଜୀବନ ବିତାଇ ସର୍ବନିମ୍ନ ଜୀବନ ନିର୍ବାହ କରୁଥିଲେ ବି ସେମାନଙ୍କ ପାଇଁ ଶାନ୍ତି ନିଶ୍ଚିନ୍ତ ।' ଶାନ୍ତିର ପ୍ରାପ୍ତି ପାଇଁ କୌଣସି ବଣ ଜଙ୍ଗଲକୁ ଯାଇ ସାଧକ ହେବା ଲୋଡ଼ା ନାହିଁ କିମ୍ବା ଜଳସ୍ପର୍ଶ ନକରି କଷ୍ଟକର ସାଧନା ବି ଲୋଡ଼ା ନାହିଁ । ଏହାପାଇଁ କେବଳ ନିସ୍ୱାର୍ଥପର ଭାବରେ ମଣିଷ ସମାଜ ପ୍ରତି ମାନବୀୟ ମୂଲ୍ୟବୋଧ ରଖି ଯିଏ ବି ନିଜର ଜୀବନ ଅତିବାହିତ କରିବା ପାଇଁ ଚେଷ୍ଟା ରଖିଥାଏ ଶାନ୍ତି ତା ପାଖରେ ଆପେ ଆପେ ପହଞ୍ଚିଥାଏ । କିନ୍ତୁ ବାସ୍ତବ କଥା ହେଉଛି ଶାନ୍ତି ପାଇଁ ସମସ୍ତେ ବ୍ୟସ୍ତ ଥିଲେ ବି ପ୍ରକୃତରେ ଶାନ୍ତି ପାଇଁ କ'ଣ ସମସ୍ତେ ବ୍ୟାକୁଳିତ ?

ସଂପ୍ରତି ସମାଜରେ ବିଭିନ୍ନ ଚେହେରାର ମୁଖାଧାରୀ ଚରିତ୍ରଙ୍କୁ ଆମ୍ଭେମାନେ ଆଖପାଖରେ ଦେଖିବାକୁ ପାଉ । ସେମାନଙ୍କ ଭିତରୁ ସମସ୍ତେ ଶାନ୍ତି ପାଇଁ ବିବ୍ରତ ହୋଇପଡୁଥିଲେ ବି ଅଶାନ୍ତି ରୂପକ କର୍ମବ୍ୟସ୍ତତା, ଧନପ୍ରତି ଲୋଭ, ଭିତରର ବିଦ୍ୱେଷ ଚରିତ୍ର ଓ ସମାଜରେ ଅଶୋଭନୀୟତା ପାଇଁ ବ୍ୟତିବ୍ୟସ୍ତତା ବାସ୍ତବରେ ସେମାନଙ୍କୁ ଶାନ୍ତି ଠାରୁ ଦୂରେଇ ରଖିଥାଏ ।

ଉପରୋକ୍ତ ଚେହେରା ଭିତରେ କୌଣସି ତାଳମେଳ ନଥାଏ । କିନ୍ତୁ ଯେତେବେଳେ ଗୋଟିଏ ବ୍ୟକ୍ତିତ୍ୱ ସମ୍ପୂର୍ଣ୍ଣ ହୋଇଯାଏ ସେତେବେଳେ ତା ଆଖପାଖର ବିଶ୍ୱ ସମ୍ପୂର୍ଣ୍ଣ ହୋଇଯାଏ । ମାତ୍ର ନିଜ ବ୍ୟକ୍ତିତ୍ୱକୁ ସମ୍ପୂର୍ଣ୍ଣ କରିବା ପାଇଁ ନିଜର ଆଧ୍ୟାତ୍ମିକ ପକ୍ଷକୁ ମଧ୍ୟ ବିକଶିତ କରିବାକୁ ହୁଏ । କାରଣ ଆଧ୍ୟାତ୍ମିକ ସ୍ୱାସ୍ଥ୍ୟ ଉପରେ ହିଁ ଆମର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ନିର୍ଭର କରେ । ଆମ ଆତ୍ମା ଆମ ବ୍ୟକ୍ତିତ୍ୱର ସବୁ ଅଂଶକୁ ଯୋଡ଼ିପାରେ । ହେଲେ ଆମେ ଆମ ଆତ୍ମା ପର୍ଯ୍ୟନ୍ତ ପହଞ୍ଚିବା କିପରି ? ଏଥିପାଇଁ ଆବଶ୍ୟକ ଧ୍ୟାନ । ଧ୍ୟାନ ଅଭ୍ୟାସ ଦ୍ୱାରା ଆମେ ନିଜକୁ ବାହ୍ୟ ଦୁନିଆରୁ ନିଜ ଭିତରକୁ ନେଇପାରିବା, ନିଜ ଆତ୍ମା ସହ ଜଡ଼ିତ ହୋଇପାରିବା ।

ଯେତେବେଳେ ଆମେ ଆମର ଆତ୍ମା ସହ ସଂଯୁକ୍ତ ହୁଏ, ସେତେବେଳେ ଈଶ୍ୱରଙ୍କ ସହ ମଧ ସଂଯୁକ୍ତ ହୁଏ । ଈଶ୍ୱରଙ୍କ ପାଖରେ ସବୁକିଛି ଅଛି ଏବଂ ସବୁକିଛି ପ୍ରଭୁଙ୍କର । ଏହି ଭାବନା ଆମ ମନରେ ଶାନ୍ତି ଦିଏ । ଯେତେବେଳେ ଆମେ ନିଜ ଆତ୍ମା ସହ ସଂଯୁକ୍ତ ହୁଏ ସେତେବେଳେ ପ୍ରେମ, ଶାନ୍ତି, ଆନନ୍ଦ ଓ ସନ୍ତୋଷ ନିଜ ଭିତରେ ପାଏ । ତେଣୁ ଆମର ସମସ୍ତେ ନିଜକୁ ସମ୍ପୂର୍ଣ୍ଣ କରିବାକୁ ଚେଷ୍ଟା କରିବା ଆବଶ୍ୟକ, ଏହାଦ୍ୱାରା ଆମେ ସାରା ଦୁନିଆକୁ ସମ୍ପୂର୍ଣ୍ଣ କରିପାରିବା । ସବୁଠାରୁ ବଡ଼ କଥା ଏହାଦ୍ୱାରା ଆମେ ଦୁନିଆକୁ ସୁସ୍ଥ ଓ ଶାନ୍ତିମୟ କରିପାରିବା ।


ସହ-ପ୍ରତିରଦ୍ୱିକ, ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭


# କୁନି ଓଠରେ କଥା ନାହିଁ

॥ ଡାକ୍ତର କାନ୍ତୀ ନାୟକ ॥

ଶିଶୁଟି ୧୧ ମାସ ହେଲାବେଳକୁ ଗୋଟେ ଦି'ଟା ଶବ୍ଦ ଉଚ୍ଚାରଣ କରିପାରୁଛି । ୧୬ମାସ ବେଳକୁ ଅଳ୍ପ କେଇଟି ଶବ୍ଦ ଉଚ୍ଚାରଣ କରୁଛି ଯାହାର ପ୍ରକୃତ ଶବ୍ଦ ସହିତ କିଛି ସାମଞ୍ଜସ୍ୟ ରହୁଛି । ୨୪ ମାସ ବେଳକୁ ସିଏ ଆଉ କିଛି ଏଭଳି ଶବ୍ଦକୁ ତା' ପାଟିରେ କହିବାକୁ ଚେଷ୍ଟା କରୁଛି । କିନ୍ତୁ ଅଧିକାଂଶ ବାପା-ମା ଖିଆଲ କରିପାରୁନାହାନ୍ତି ଦୁଇବର୍ଷ ବେଳକୁ ସିଏ ଅନେକ କିଛି କହିବା କଥା ତା'ଦରୋଟି ଓଠରେ ।

ଶିଶୁରୋଗ ବିଶେଷଜ୍ଞମାନଙ୍କ ଏକ ରିପୋର୍ଟରୁ ଜଣାଯାଇଛି ଏଇ କିଛି ବର୍ଷ ହେଲା ସେମାନଙ୍କ ପାଖକୁ ଦୁଇବର୍ଷ ପାରିକରି ସାରିଥିବା ଶିଶୁମାନଙ୍କ ବାକ୍ ସମସ୍ୟା ନେଇ ଅନେକ ପିତା-ମାତା ଆସୁଛନ୍ତି । ସେମାନଙ୍କ ସମସ୍ୟା ହେଲା ତାଙ୍କ ପିଲା ଏଯାଏଁ କଥା କହୁନି କାହିଁକି । ସବୁ କରୁଛି କିନ୍ତୁ ପାଟିର କଥାରେ ନିଜ ଭାବ ବ୍ୟକ୍ତ କରିପାରୁନି । ଅଧିକାଂଶ ଇଚ୍ଛା ଠାରରେ ବ୍ୟକ୍ତ କରୁଛି । କିଛି କହିବାକୁ ଚାହିଁଲେ ବାପା-ମା'ଙ୍କୁ ଭିଡ଼ିନେଉଛି ସେଇଠିକୁ ଯେଉଁଟା ସିଏ ନିଜେ କହିପାରନ୍ତା ।

ଏମିତି ହେବାର କାରଣ କ'ଣ ? କାହିଁକି କଥା କହିପାରୁନାହାନ୍ତି, ଆଜିକାଲିକା କଅଁଳ ପିଲାମାନେ, ଯେଉଁ ବୟସରେ ସେମାନେ ଅନେକ କିଛି ବକର ବକର ହୋଇ ବାପା-ମା'ଙ୍କୁ ଜେଜେ – ଜେଜେମା'ଙ୍କୁ ବ୍ୟସ୍ତ କରିବା କଥା । ଆସନ୍ତୁ ଦେଖିବା ଡାକ୍ତର ଏବଂ ମନୋବିଜ୍ଞାନୀମାନେ କ'ଣ କହନ୍ତି – ଦିଲ୍ଲୀର ଜନୈକ 'ସ୍ପିଚ୍ ଥେରାପିଷ୍ଟ' ଡାକ୍ତର ରାଜକୁମାର ଶର୍ମା କହନ୍ତି – ସପ୍ତାହକୁ ପାଞ୍ଚରୁ ସାତଟି ପିଲାଙ୍କ ବାପା-ମା ତାଙ୍କ ପାଖକୁ ଯାଇଥାନ୍ତି ସେମାନଙ୍କ ପିଲାଙ୍କୁ ନେଇ, ଯେଉଁମାନଙ୍କ ଠାରେ ଏଭଳି ବାକ୍ ସମସ୍ୟା ରହିଛି । ଏମାନଙ୍କ ଭିତରୁ ଅଧିକାଂଶ ବାପା-ମା ଚାକିରିଆ ଏବଂ ନ୍ୟୁକ୍ଲିୟର (ଛୋଟ ପରିବାର)କୁ ଆପଣେଇ ନେଇଛନ୍ତି । ଏଇ କାରଣରୁ ସେମାନେ ତାଙ୍କ ପିଲାଙ୍କୁ ଯଥେଷ୍ଟ ସମୟ ଦେଇପାରନ୍ତି ନାହିଁ । ଫଳରେ ପିଲାଙ୍କ ପାଖରେ ବାକ୍ ସମସ୍ୟା ଏବଂ ଭାଷାଗତ ସମସ୍ୟା ଦେଖାଦେଉଛି ।

ଡାକ୍ତର ଶର୍ମା କହନ୍ତି – ମନୀତ୍‌ଠାରେ କୌଣସି ଶାରୀରିକ ଅକ୍ଷମତା ନଥିବା ସତ୍ତ୍ୱେ ସେ ଚାରିବର୍ଷ ବୟସରେ ମଧ୍ୟ ଭଲରୂପେ କଥା କହିପାରୁ ନାହିଁ । ତା'ର ସମସ୍ୟା ସେ ବଢୁଥିବା ପରିବାରରୁ ହିଁ ଆରମ୍ଭ ହୋଇଛି । ବାପା-ମା' ଚାକିରିଆ ହୋଇଥିବାରୁ ତା' ପାଇଁ କେହି ସମୟ ଦେଇପାରନ୍ତିନି । ଏଥିସହିତ ସେମାନଙ୍କ ଭିତରେ ସବୁବେଳେ ମନୋମାଳିନ୍ୟ ଲାଗି ରହିଥାଏ । ପିଲାଙ୍କ ବାକ୍ ସମସ୍ୟା ଅନ୍ୟାନ୍ୟ ପାରିପାର୍ଶ୍ୱିକ ପରିବେଶ ଠାରୁ ନିଜ ପରିବାର ଦ୍ୱାରା ବେଶୀ ପ୍ରଭାବିତ ହୋଇଥାଏ । ମନୀତ୍‌ଙ୍କ ମା' କହନ୍ତି – ସେ ତାଙ୍କ ବଡ଼ ପୁଅର ପାଠପଢ଼ାରେ ନିଜ ସମୟତକ ବ୍ୟୟ କରୁଥିବାରୁ ଝିଅ ମୀନତ୍ ପାଇଁ ସମୟ ଦେଇପାରି ନାହାନ୍ତି ଠିକ୍‌ରୂପେ ।

ଏକ ବର୍ଷର ନିୟମିତ ଚିକିତ୍ସା ପରେ ଏବେ ମନୀତ୍ ଛୋଟ ଛୋଟ ବାକ୍ୟ କହିପାରୁଛି । ଏଯାଏଁ ସେ ଅନ୍ୟ ସହିତ ଭାବବିନିମୟ କରିପାରି ନାହିଁ । କେବଳ ନିଜର ଅତ୍ୟାବଶ୍ୟକ ଚାହିଦା ପାଇଁ ପାଟି ଖୋଲିପାରୁଛି । ଉଦାହରଣ ସ୍ୱରୂପ – ମୋତେ ଭୋକ ହେଲାଣି । ମୋର ପେନ୍‌ସିଲ ଅଛି । ଏଇଭଳି ଛୋଟ ଛୋଟ ବାକ୍ୟ ସେ କହିପାରୁଛି । କାହାସହ ପ୍ରାଣଖୋଲି ଗପିପାରୁନି ଅନ୍ୟ ପିଲାମାନେ ଯେମିତି ଗପନ୍ତି ।

ଆଜିକାଲି ଦେଖାଯାଉଛି ଅଧିକାଂଶ ବାପା-ମା ଅଫିସରୁ ଫେରି ସାମାନ୍ୟ ଚା'ଜଳଖିଆ ଖାଇ ସେମାନଙ୍କ ଲାପ୍‌ଟପ୍ / କମ୍ପ୍ୟୁଟରକୁ ନେଇ ବ୍ୟସ୍ତ ରହୁଛନ୍ତି । ସେତେବେଳେ ପିଲାଟି ଚୁପ୍‌ଚାପ୍ ତା' ଖେଳଣା ନେଇ ବ୍ୟସ୍ତ ରହୁଛି । କଥା କାହା ସାଙ୍ଗରେ କହିବ ସିଏ ? ଅନେକ ବାପା-ମା' ଭାବିଥାନ୍ତି ପିଲାମାନଙ୍କୁ ଟିଭି ପାଖରେ ବସେଇଦେଲେ ସେମାନେ ସେଇଥିରୁ ଭାଷା ଶିଖିଯିବେ, କଥା କହିବା ଶିଖିଯିବେ, କିନ୍ତୁ ଏହା ସମ୍ପୂର୍ଣ୍ଣ ଭୁଲ ଧାରଣା । ଟିଭିରେ ଦେଖାଯାଉଥିବା ଦୃଶ୍ୟ ପିଲାମାନଙ୍କ ବୁଝିବା ପାଇଁ ଯଥେଷ୍ଟ ହୁଏ । ସେମାନଙ୍କ ମସ୍ତିଷ୍କ ଦୃଶ୍ୟରୁ ବୁଝିଯାଏ ସବୁ । ଭାଷାକୁ ଗୁରୁତ୍ୱ ଦିଏନି । ପିଲାମାନେ ଚରିତ୍ରଟି କ'ଣ କହୁଛି ତା' ଉପରେ ବେଶୀ ଗୁରୁତ୍ୱ ଦିଅନ୍ତି ନାହିଁ । କେବଳ ଚରିତ୍ରର ବଡ଼ିଲାଙ୍ଗୁଏଜ୍‌କୁ ସିଏ ଦେଖିଥାଏ । ସେଇଥିରୁ ସିଏ ଯାହା ବୁଝେ । ଛୋଟିଆ ପିଲାଟିକୁ ଗୋଟେ ଇଂରାଜୀ ଧାରାବାହିକ ଯଦି ଦେଖାଇ ଦିଆଯାଏ ସେ ତାର ଭାଷା ନ ବୁଝିପାରି ଟିଭି ଦେଖାରୁ ଦୂରେଇ ଯିବନି । ଏକଥା କହନ୍ତି – ଦିଲ୍ଲୀର ବାକ୍ ବିଶେଷଜ୍ଞ, ଡାକ୍ତର କ୍ଷତୀଶ ମଲ୍ଲିକ । ପିଲାଙ୍କ ବାକ୍ ପ୍ରାଞ୍ଜଳତା ବାପା-ମା'ଙ୍କ ଉପରେ ନିର୍ଭର କରେ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି – ଉଦାହରଣ ସ୍ୱରୂପ ଯଦି ସାନ ପିଲାଟିଏ ତା' ମାକୁ କହୁଛି – 'ମୋତେ ଲୁଟି ଦିଅ ମୁଁ ଖାଇବି' । ତାକୁ ବାରମ୍ବାର ବୁଝେଇ ଦେବା ଉଚିତ ଯେ ସେଇଟା 'ଲୁଟି' ନୁହଁ ରୁଟି । ତା'ପରେ ବି ଯଦି ସେ ଭୁଲ୍ କରେ ତେବେ ସିଏ ଲୁଟି ମାଗିଲେ ତାକୁ ରୁଟି ଦିଅନ୍ତୁ ନାହିଁ । ତାକୁ କୁହନ୍ତୁ ସେ ନିର୍ଭୁଲ୍ ଭାବରେ କହିଲେ ତାକୁ ରୁଟି ଦିଆଯିବ ।

ଏଭଳି କଲେ ଦେଖିବେ ସେ ଆସ୍ତେ ଆସ୍ତେ ତା' ଭୁଲ୍ ବୁଝିପାରିବ ଏବଂ ଠିକ୍ ଉଚ୍ଚାରଣ କରିବ । ଆଜିକାଲି ଦେଖାଯାଉଥିବା ଇଣ୍ଟରକାଷ୍ଟ ମ୍ୟାରେଜ୍ ବା ଦୁଇଟି ଭିନ୍ନ ଭାଷାଭାଷୀ-ସ୍ତ୍ରୀ – ପୁରୁଷଙ୍କ ଭିତରେ ବିବାହ – ପିଲାଙ୍କ ବାକ୍ ସମସ୍ୟାକୁ ଅଧିକ ପ୍ରଭାବିତ କରୁଛି । ସିଏ କେଉଁ ଭାଷାକୁ ଶିଖିବ – ବାପାଙ୍କର ନା ମା'ଙ୍କର ଦ୍ୱନ୍ଦ୍ୱରେ ପଡୁଛି । ଏସବୁ ସମସ୍ୟାକୁ ବାପା-ମା' ଟିକେ ଗୁରୁତ୍ୱ ଦେଲେ ଏଭଳି ସମସ୍ୟା ଅନେକ ଦୂରେଇ ଯିବ ।


**ବାକ୍ ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ' ମଙ୍ଗଳାବାଗ, କଟକ,**
**ଦୂରଭାଷ : ୯୪୩୮୨୭୬୭୬୦**

## ଗୃହ ବିଭାଗ ସଚିବ ଙ୍କ ଆଦେଶକୁ ଅବମାନନା ନେଇ ଓଡ଼ିଶା ଅମଳା ସଂଘ ର ସାମ୍ବାଦିକ ସମ୍ମିଳନୀ

ଓଡ଼ିଶା ଅମଳା ସଂଘ ର ସାମ୍ବାଦିକ ସମ୍ମିଳନୀ ଜୟପୁର ଯାଦବ ଭବନ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଶ୍ରୀ ଶଶୀଭୂଷଣ ଦାଶ୍ ରାଜ୍ୟ ଅତିରିକ୍ତ ସାଧାରଣ ସମ୍ପାଦକ ଓଡ଼ିଶା ଅମଳା ଙ୍କ ଦ୍ଵାରା ଆୟୋଜିତ ସମ୍ମିଳନୀରେ ଓଡ଼ିଶା ଅମଳା ସଂଘ ର କିଛି ପୁର୍ବତନ ନେତୃବୃନ୍ଦ ନିର୍ବାଚନ ନାମରେ ଚୟନ କରି ଜାଲିଆତି କରିଥିବା ଯୋଗୁଁ ପୁରୀ ତ୍ରୟବାର୍ଷିକି ସମ୍ମିଳନି ରେ ଯୋରଦାର ଆନ୍ଦୋଳନ ହେବା ସହିତ ନିର୍ବାଚନ କରିବାକୁ ଦାବି କରି ଆସିଥିଲେ। ଜୋରଦାର ଆନ୍ଦୋଳନ ସତ୍ୱେ ଲୁକ୍କାୟିତ ଭାବେ ଜାଲିଆତି କର୍ମକର୍ତ୍ତା ତାଲିକା ଗୃହ ବିଭାଗ ସଚିବ ଙ୍କ ଅନୁମୋଦନ ପାଇଁ ପଠାଯାଇଥିଲା। ବିଭିନ୍ନ ଗଣମାଧ୍ୟମରେ ପ୍ରଚାର ପ୍ରସାର ହେବା ପରେ ଉକ୍ତ ଜାଲିଆତି ତାଲିକା ଓ ଭୁଲ୍ ତଥ୍ୟ କୁ ନେଇ ଗୃହ ବିଭାଗ ସଚିବ ରାଜ୍ୟ ସାଧାରଣ ସମ୍ପାଦକ ଓଡ଼ିଶା ଅମଳା ସଂଘଙ୍କୁ କୈଫତ୍ ତଲବ କରିବା ସହିତ ୭ ଦିନ ମଧ୍ୟରେ ସମସ୍ତ



ତଥ୍ୟ ପ୍ରଦାନ କରିବା ସହିତ ରାଜସ୍ଵ ଅମଳା କେମିତି ଓଡ଼ିଶା ସଂଘ ର ତ୍ରୟୋବାର୍ଷିକି ସମ୍ମିଳନି ରେ ଯୋଗଦାନ କରିଥିଲେ ବୋଲି ପ୍ରଶ୍ନ କରିଥିବା ଶ୍ରୀ ଦାଶ୍ ସାମ୍ବାଦିକ ସମ୍ମିଳନୀ ରେ ସ୍ପଷ୍ଟ କରିଥିଲେ। ଅପର ପକ୍ଷରେ ଓଡ଼ିଶା ରାଜସ୍ଵ ଅମଳା ସଂଘ ସାଧାରଣ ସମ୍ପାଦକ ଗୃହ ବିଭାଗ ସଚିବ ଓ ରାଜସ୍ଵ ବିଭାଗ ସଚିବ ଙ୍କୁ ଏକ ପତ୍ର ଲେଖିଥିଲେ ଯେ ଓଡ଼ିଶା ରାଜସ୍ଵ ଅମଳା ସଂଘ ର ଏକ ସ୍ଵତନ୍ତ୍ର ସଂଘ ଅଛି ସମସ୍ତ ରାଜସ୍ଵ ଅମଳା ଉକ୍ତ ସଂଘ ର ସଦସ୍ୟ ତେଣୁ ରାଜସ୍ଵ ଅମଳା ଙ୍କ କ୍ଷେତ୍ରରେ ସ୍ଵତନ୍ତ୍ର ଛୁଟି ମଞ୍ଜୁର ନ କରିବା ପାଇଁ ଅନୁରୋଧ କରିଥିଲେ ଏ ନେଇ ଗୃହ ବିଭାଗ ସଚିବ ରାଜସ୍ଵ ବିଭାଗ କୁ ଏକ ପତ୍ର ଲେଖି ଯାରି ଉପରେ ତିକ୍ଷ୍ଣ ନଜର ରଖିବା ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦେଶ ଦେଇଥିଲେ ତଥାପି ଉକ୍ତ ଆଦେଶ କୁ ବେଖାତିରି କରି ତ୍ରୟବାର୍ଷିକି ସମ୍ମିଳନି ରେ ଯୋଗଦାନ କରିଥିବା ଗୃହ ବିଭାଗ ସଚିବ ତାଙ୍କ କୈଫତ୍ ରେ ଦର୍ଶାଇ ଥିବା ଶ୍ରୀ ଦାଶ୍ କହିଛନ୍ତି, ତେଣୁ ରାଜସ୍ଵ ବିଭାଗ ଅମଳା ମାନେ ଯେଉଁ ମାନେ ତ୍ରୟବାର୍ଷିକି ସମ୍ମିଳନି ରେ ଯୋଗଦାନ କରିଥିଲେ ତାଙ୍କରି ୨ ଦିନ ର ବେତନ କାଟି ବା ନିମନ୍ତେ ସରକାର ଙ୍କୁ ଅନୁରୋଧ କରିଥିଲେ। ପରି ଶେଷରେ ଶ୍ରୀ ଦାଶ୍ କହିଛନ୍ତି ଯେ କୋରାପୁଟ ଜିଲ୍ଲା ରୁ ଜଣେ ମାତ୍ର ବିବାଦୀୟ ରାଜସ୍ଵ ଅମଳା ତ୍ରୟବାର୍ଷିକି ସମ୍ମିଳନି ରେ ଯୋଗଦାନ କରିଥିଲେ ବର୍ତମାନ ସେ ଚାକିରୀ ରୁ ଅବସର ଗ୍ରହଣ କରିସାରିଛନ୍ତି ଏପରି ବହୁତ ଅମଳା ଓ ରାଜସ୍ଵ ଅମଳା ଯେଉଁ ମାନେ ଅବସର ଗ୍ରହଣ କରିସାରିଛନ୍ତି ଓ ଯେଉଁ ମାନେ ତ୍ରୟବାର୍ଷିକି ସମ୍ମିଳନି ରେ ଯୋଗଦାନ କରି ନାହାଁନ୍ତି ସେମାନଙ୍କ ନାମ ମଧ୍ୟ ଜାଲିଆତି ତାଲିକାରେ ରହିଥିବା ଶ୍ରୀ ଦାଶ୍ ପ୍ରକାଶ କରିଥିଲେ।

## ନିୟମକୁ ଫୁ କରି ସକାଳ ୬ଟାରୁ ଖୋଲୁଛି ରେଙ୍ଗାଳି ବିଦେଶୀ ମଦ ଦୋକାନ




କଣିହାଁ, (ମହାଭାରତ) : ଅବକାରୀ ବିଭାଗର ନିର୍ଦ୍ଧାରିତ ସମୟକୁ ଉଲ୍ଲଂଘନ କରି ରେଙ୍ଗାଳି ଅଞ୍ଚଳର ଏକ ବିଦେଶୀ ମଦ ଦୋକାନ (ରଖ ଙଲଲ ଝଷକ୍ଟକ୍ତ୍ର) ପ୍ରତିଦିନ ସକାଳ ପ୍ରାୟ ୬ଟାରୁ ଖୋଲୁଥିବା ଅଭିଯୋଗ ଉଠିଛି। ଫଳରେ ସକାଳୁ ସକାଳୁ ଦୋକାନ ସମ୍ମୁଖରେ ମଦ୍ୟପଙ୍କ ଭିଡ଼ ଜମୁଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସୁରକ୍ଷିତ ପରିବେଶ ସୃଷ୍ଟି ହେଉଥିବା ନେଇ ଲୋକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସ୍ଥାନୀୟଙ୍କ କହିବାନୁସାରେ, ଦୋକାନଟି ଦୀର୍ଘଦିନ ଧରି ନିର୍ଦ୍ଧାରିତ ସମୟ ପୂର୍ବରୁ ଖୋଲୁଥିଲେ ମଧ୍ୟ ଅବକାରୀ ବିଭାଗ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି ଦୃଶ୍ୟମାନ ପଦକ୍ଷେପ ନିଆଯାଉନଥିବା ଅଭିଯୋଗ ହେଉଛି। ଏହାକୁ ନେଇ ବିଭାଗୀୟ ତଦାରଖ ଓ ଆଇନ ପ୍ରୟୋଗକୁ ନେଇ ପ୍ରଶ୍ନ ଉଠିଛି।ଏହି ମଦ ଦୋକାନ ନିକଟ ରାସ୍ତା ଦେଇ ପ୍ରତିଦିନ ସକାଳେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ, ମହିଳା, ଯୁବତୀ ଓ ପ୍ରାତଃଭ୍ରମଣକାରୀମାନେ ଯାତାୟାତ କରୁଥିବାବେଳେ ମଦ୍ୟପଙ୍କ ଭିଡ଼ ଯୋଗୁଁ ସେମାନେ ଅସୁରକ୍ଷା ଓ ଅସୁବିଧାର ସମ୍ମୁଖୀନ ହେଉଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି।ଏହାଛଡ଼ା ରେଙ୍ଗାଳି ଅଞ୍ଚଳରେ ବେଆଇନ ଜୁଆ ଆଡ୍ଡା ଚାଲୁଥିବା ସହ ସ୍ଥାନୀୟ ବଜାରର କେତେକ ପାନ ଦୋକାନ, ଚା' ଦୋକାନ, ଗ୍ରୋସରୀ ଦୋକାନ ଓ ଅନ୍ୟାନ୍ୟ ସ୍ଥାନରେ ବିଦେଶୀ ମଦ, ଦେଶୀ ମହୁଲି ମଦ ସହ ଗଞ୍ଜେଇ ଓ ଅଫିମର ବେଆଇନ କାରବାର ଖୋଲାଖୋଲି ଚାଲୁଥିବା ନେଇ ବୁଦ୍ଧିଜୀବୀ ମହଲ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରୁ ଅଭିଯୋଗ ଉଠିଛି। ଏଭଳି ବେଆଇନ କାରବାର ବିରୋଧରେ ନିୟମିତ ଚଢ଼ାଉ ଓ କଠୋର କାର୍ଯ୍ୟାନୁଷ୍ଠାନ ନ ହେବାରୁ ଆଇନ-ଶୃଙ୍ଖଳା ପରିସ୍ଥିତି ଉପରେ ପ୍ରଶ୍ନ ଉଠୁଥିବା ସେମାନେ କହିଛନ୍ତି। ଅଭିଯୋଗ ସତ୍ତ୍ୱେ ଅବକାରୀ ବିଭାଗ ଓ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ କାହିଁକି ନିୟମିତ ତଦନ୍ତ, ଚଢ଼ାଉ କିମ୍ବା ଦୃଶ୍ୟମାନ କାର୍ଯ୍ୟାନୁଷ୍ଠାନ ହେଉନାହିଁ, ତାହାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ପ୍ରଶ୍ନ ଉଠିଛି। ନିୟମ ଉଲ୍ଲଂଘନ ଓ ବେଆଇନ କାରବାର ସମ୍ପର୍କିତ ଅଭିଯୋଗର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଠୋର ଆଇନଗତ ପଦକ୍ଷେପ ନେବାକୁ ସ୍ଥାନୀୟ ବାସିନ୍ଦା ଓ ବୁଦ୍ଧିଜୀବୀ ମହଲ ଦାବି କରିଛନ୍ତି। ଏହି ଅଭିଯୋଗ ସମ୍ପର୍କରେ ରେଙ୍ଗାଳି ଥାନାର ମତାମତ ନେବାକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଖବର ଲେଖାଯିବା ସୁଦ୍ଧା ଯୋଗାଯୋଗ ସମ୍ଭବ ହୋଇପାରି ନଥିଲା।

## ଡ୍ରେନ ନିର୍ମାଣ କାର୍ଯ୍ୟରେ ବାଧକ ସାଜିଛି ବିଦ୍ୟୁତ ଟ୍ରାନ୍ସଫର୍ମ

ରାଇଘର, (ମହାଭାରତ) : ନବରଙ୍ଗପୁର ଜିଲ୍ଲା ର ରାଇଘର ବ୍ଲକ ର ହନୁମାନ ମନ୍ଦିରରୁ ସୀମାନ୍ତବର୍ତ୍ତୀ ଅଞ୍ଚଳା ଗ୍ରାମ ପର୍ଯ୍ୟନ୍ତ ୨୬ କିଲୋମିଟର ୬୦୦ ମିଟର ଦୀର୍ଘ ରାସ୍ତାର ପ୍ରଶସ୍ତିକରଣ କାମ ଚାଲିଛି। ଏହା ସହ ହନୁମାନ ମନ୍ଦିରରୁ କୋଦଭାଟା ପର୍ଯ୍ୟନ୍ତ ଡ୍ରେନ ନିର୍ମାଣ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି।ତେବେ ଡ୍ରେନ ନିର୍ମାଣ ପଥରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମର କାମରେ ପ୍ରମୁଖ ବାଧକ ସାଜିଛି। ଟ୍ରାନ୍ସଫର୍ମରକୁ ସ୍ଥାନାନ୍ତର କରାନଯାଇଥିବାରୁ ଉକ୍ତ ସ୍ଥାନରେ ଡ୍ରେନ କାମ ପ୍ରଭାବିତ ହେଉଛି। ବର୍ଷା ଋତୁରେ ଡ୍ରେନ ନିର୍ମାଣ ବିଳମ୍ବ ହେଲେ ବର୍ଷା ପାଣି ରାସ୍ତା ଉପରେ ଜମିବା ସହ ନିକଟସ୍ଥ ଘରଗୁଡ଼ିକରେ ପଶିଯିବାର ଆଶଙ୍କା ରହିଛି।ସ୍ଥାନୀୟ ଲୋକେ ଶୀଘ୍ର ଟ୍ରାନ୍ସଫର୍ମରକୁ ସ୍ଥାନାନ୍ତର କରି ଡ୍ରେନ ନିର୍ମାଣ କାର୍ଯ୍ୟକୁ ବାଧାମୁକ୍ତ ଭାବେ ସମ୍ପୂର୍ଣ୍ଣ କରିବା ପାଇଁ ସମ୍ପୃକ୍ତ ବିଭାଗଙ୍କ ହସ୍ତକ୍ଷେପ ଦାବି କରିଛନ୍ତି।

## ବିସ୍ଥାପିତ ସମସ୍ୟାକୁ ନେଇ, ଆଞ୍ଚଳିକ ଜମିହରା ପ୍ରଜା ସଂଘ ଏବଂ ଏମ୍ ସି ଏଲ, ଜିଏମଙ୍କ ମଧ୍ୟରେ ସମାଧିନି ବୈଠକ ଅନୁଷ୍ଠିତ

କଣିହାଁ, (ମହାଭାରତ) : ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକର ଏମସିଏଲରେ ଜମିହରା ସମସ୍ୟାକୁ ନେଇ ଏମସିଏଲ ପଦାଧିକାରୀ ଏବଂ ଆଞ୍ଚଳିକ ଜମିହରା ପ୍ରଜା ସଂଘ କଣିହାଁ ଙ୍କ ମଧ୍ୟରେ ୬ ତାରିଖରେ ଏମସିଏଲ ର କୋନଫରେନ୍ସ ହଲ ଠାରେ ଏକ ସମାଧାନୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୂର୍ବରୁ ସଂଘ ପକ୍ଷରୁ ଦିଆଯାଇ ଥିବା ୪ ଦଫା ସମ୍ବଳିତ ଦାବୀ ଗୋଡ଼ିକୁ ନେଇ ବୈଠକରେ ଆଲୋଚନା ହୋଇଥିବାବେଳେ ଦାବିଗୋଡିକ ମଧ୍ୟରେ ପ୍ରଥମ ଦାବୀ ହେଲା,ପ୍ରତ୍ୟେକ ଜମିହରା ପରିବାରର ଜଣେ ସଦସ୍ୟ ଙ୍କୁ ଏମସିଏଲ ରେ ସ୍ଥାୟୀ ଚାକିରୀ ପ୍ରଦାନ । ଦ୍ୱିତୀୟ ଦାବୀ, ସ୍ଥାୟୀ ଚାକିରୀ ମିଳିବା ପର୍ଯ୍ୟନ୍ତ କ୍ଷତିଗ୍ରସ୍ତ ପରିବାର ସଦସ୍ୟ ଙ୍କୁ ଏଜେନ୍ସି ମାଧ୍ୟମରେ ମେଣ୍ଟନାନ୍ସରେ ନିଯୁକ୍ତି କରାଯାଉ । ତୃତୀୟ ଦାବୀ, ଏମସିଏଲ, ଦ୍ୱାରା ଅଧିଗ୍ରହଣ




ହୋଇଥିବା ଜମିର ବର୍ତ୍ତମାନ ବଜାର ମୂଲ୍ୟ ସହିତ କ୍ଷତିଗ୍ରସ୍ତ ପ୍ରଜା ବନାଇଥିବା ଘର, ଗଛ, ନଳକୂଅ, ଗୋଡ଼ିକର ଉଚିତ ମୂଲ୍ୟଙ୍କନ କରି ଏକକାଳୀନ ଟଙ୍କା ପ୍ରଦାନ କରାଯାଉ । ଚତୁର୍ଥ ଦାବୀ ହେଲା, ପ୍ରତ୍ୟେକ ବିସ୍ଥାପିତ ପରିବାରଙ୍କୁ ପୁନର୍ବାସ ଥଇଥାନା ନିତି ଅନୁଯାୟୀ ନୂତନ ସ୍ଥାନରେ ଘର ନିର୍ମାଣ ପାଇଁ ପରିବାର ପିସ୍ଥାପିତ ପ୍ୟାକେଜ ପ୍ରଦାନ କରାଯାଉ ବୋଲି ବୈଠକ ରେ ଆଲୋଚନା ହୋଇଥିଲା। ବୈଠକ ରେ ଏମସିଏଲ, ଜିଏମ' ନରେଶ ଶିଙ୍ଗ,ଏବଂ ଆଞ୍ଚଳିକ ଜମିହରା ପ୍ରଜା ସଂଘର ସଭାପତି ଶିବରାମ ଦାସ, ସମ୍ପାଦକ ଅଭିମନ୍ୟୁ ସାହୁ,ନବେଇ କୁମାର ସାହୁ,ସୂର୍ଯ୍ୟ କୁମାର ସାହୁ,ବେଣୁଧର ଦାସ,ପ୍ରଦିପ କୁମାର ଭୁତିଆ , ବିନୋଦ କୁମାର ପରିଡା, ପ୍ରହ୍ଲାଦ ଚନ୍ଦ୍ର ସାହୁ, ଅନୁପ ରଞ୍ଜନ ନାୟକ,ଭୀମସେନ ସାହୁ,ମୋଦନ ମୋହନ ନାଏକ,ସଞ୍ଜୀବ କୁମାର ନାୟକ, ସୁନୀଲ କୁମାର ସାହୁ , ଲକ୍ଷ୍ମୀ ଧର ନାଏକ ଙ୍କ ସମେତ ଆଞ୍ଚଳିକ ପ୍ରଜା ସଂଘର ଅନେକ ଜମିହରା ପ୍ରଜା ଉପସ୍ଥିତ ଥିଲେ।

## ଯାତାୟାତ ଅଭାବରେ ଶିକ୍ଷା ବାଧାଗ୍ରସ୍ତ, ଉରୁବେଲି ଉନ୍ନତ ଉଚ୍ଚ ବିଦ୍ୟାଳୟକୁ ବସ୍ ସେବା ଦାବି ଜୋରଦାର....

ମାଲକାନଗିରି, (ମହାଭାରତ) : ମାଲକାନଗିରି ଜିଲ୍ଲା ପଡ଼ିଆ ବ୍ଲକ ଅନ୍ତର୍ଗତ ଉରୁବେଲି ସରକାରୀ ଉନ୍ନତ ଉଚ୍ଚ ବିଦ୍ୟାଳୟକୁ ଯାତାୟାତ ସୁବିଧାର ଅଭାବ ଯୋଗୁଁ ଛାତ୍ରଛାତ୍ରୀ ମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟାଳୟଟି ୩୨୬ ନମ୍ବର ଜାତୀୟ ରାଜପଥର ପୁଷ୍ପୁଗୁଡ଼ା ଛକଠାରୁ ପ୍ରାୟ ୪ରୁ ୫ କିଲୋମିଟର ଦୂରରେ ଥିବାରୁ ପ୍ରତିଦିନ ଛାତ୍ରଛାତ୍ରୀଙ୍କୁ ପାଦେ ଚାଲି ବିଦ୍ୟାଳୟକୁ ଯିବାକୁ ପଡୁଛି। ବିଦ୍ୟାଳୟରେ ପ୍ରାୟ ୨୮୦ରୁ ଅଧିକ ଛାତ୍ରଛାତ୍ରୀ ପଢୁଥିବା ବେଳେ ସେମାନଙ୍କ ମଧ୍ୟରୁ ପ୍ରାୟ ୧୫୦ ଜଣ ନିକଟସ୍ଥ ଗ୍ରାମରୁ ପାଦେ ଆସୁଛନ୍ତି। ଅନ୍ୟ ୧୦୦ରୁ ଅଧିକ ଛାତ୍ରଛାତ୍ରୀ ବସ୍ କିମ୍ବା ଅଟୋରେ ପୁଷ୍ପୁଗୁଡ଼ା ଛକ ପର୍ଯ୍ୟନ୍ତ ଆସି, ସେଠାରୁ ପୁଣି ୪ କିଲୋମିଟରରୁ ଅଧିକ ରାସ୍ତା ପାଦେ ଚାଲି ବିଦ୍ୟାଳୟରେ ପହଞ୍ଚୁଛନ୍ତି। ବର୍ତ୍ତମାନ ଉଚ୍ଚ ବିଦ୍ୟାଳୟରେ ଦାଦଶ ଶ୍ରୀଣୀ ର କ୍ଲାସ ସକାଳ ୬:୩୦ ରୁ ଦିନ ୧୦:୩୦ ଟା ପର୍ଯ୍ୟନ୍ତ ଶ୍ରେଣୀ ଚାଲୁଥିବା ବେଳେ ବସ୍ ସୁବିଧା ନଥିବାରୁ ଅନେକ ଛାତ୍ରଛାତ୍ରୀ ଠିକ୍ ସମୟରେ ବିଦ୍ୟାଳୟରେ ପହଞ୍ଚିପାରୁନାହାନ୍ତି। ପ୍ରତିଦିନ ଦୀର୍ଘ ରାସ୍ତା ହାଟିବାକୁ ପଡୁଥିବାରୁ ସେମାନଙ୍କ ପାଠପଢ଼ା ଓ ଉପସ୍ଥାନ ଉଭୟ ପ୍ରଭାବିତ ହେଉଛି। ଏହି ସମସ୍ୟା ନେଇ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ସ୍ଥାୟୀ ସମାଧାନ ହୋଇନଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ଲୋକପ୍ରତିନିଧିମାନେ । ଏନେଇ କାଲିମେଳା ବିଡିଓ ପ୍ରଦୀପ କୁମାର କର କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ବସ୍ ସେବାର ବର୍ତ୍ତମାନର ରୁଟ୍ ଏହି ରାସ୍ତା ଦେଇ ନଥିବାରୁ ବସ୍ ଚଳାଚଳ ହେଉନାହିଁ। ତେବେ ଛାତ୍ରଛାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଉଚ୍ଚାଧିକାରୀଙ୍କ ସହ ଆଲୋଚନା କରି ବସ୍ ଚଳାଚଳ ପାଇଁ ପଦକ୍ଷେପ ନିଆଯିବ ବୋଲି ସେ ଆଶ୍ୱାସନ ଦେଇଛନ୍ତି। ଅନ୍ୟପଟେ ପୁଷ୍ପୁଗୁଡ଼ା ପଞ୍ଚାୟତର ପୂର୍ବତନ ସରପଞ୍ଚ ରାମା ରାବା, ସ୍ଥାନୀୟ ଗ୍ରାମବାସୀ, ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଉରୁବେଲି ଓ ଆଖପାଖ ଗ୍ରାମଗୁଡ଼ିକୁ ଜାତୀୟ ରାଜପଥ ସହ ସଂଯୋଗ କରିବା ସହିତ ତୁରନ୍ତ ମୁଖ୍ୟମନ୍ତ୍ରୀ ବସ୍ ସେବା ଆରମ୍ଭ କରିବାକୁ ଦାବି କରିଛନ୍ତି। ସେମାନଙ୍କ ମତରେ, ବସ୍ ସେବା ଆରମ୍ଭ ହେଲେ ଶତାଧିକ ଛାତ୍ରଛାତ୍ରୀ ସମୟରେ ବିଦ୍ୟାଳୟରେ ପହଞ୍ଚି ପାଠପଢ଼ା କରିପାରିବେ।

## ଆରୋପ-ପ୍ରତ୍ୟାରୋପ ଭିତରେ ଶେଷ ହେଲା ଦଶପଲ୍ଲା ପଂଚାୟତ ସମିତିର ତ୍ରୟୋଦଶ ସାଧାରଣ ଅଧିବେଶନ

ଦଶପଲ୍ଲା, (ମହାଭାରତ): ଆରୋପ ଓ ପ୍ରତ୍ୟାରୋପ ଭିତରେ ଶେଷ ହୋଇଛି ଦଶପଲ୍ଲା ପଂଚାୟତ ସମିତିର ତ୍ରୟୋଦଶ ସାଧାରଣ ଅଧିବେଶନ। ଆଜି ଦଶପଲ୍ଲା ପଂଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଅଧ୍ୟକ୍ଷା ଶ୍ରୀମତୀ ସୁନନ୍ଦା ସାହୁଙ୍କ ସଭାପତିତ୍ୱରେ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ୯ ନଂ ଜୋନ ଜିଲ୍ଲାପରିଷଦ ସଦସ୍ୟା ସତ୍ୟଭାମା ନାୟକ ଏବଂ ୧୦ ନଂ ଜୋନ ଜିଲ୍ଲାପରିଷଦ ସଦସ୍ୟ ହରିଶ୍ଚନ୍ଦ୍ର ଯାନୀ ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହିତ ସ୍ଥାନୀୟ ଅଂଚଳର ସମସ୍ତ ଜନପ୍ରତିନିଧି ଏବଂ ବିଭିନ୍ନ ସରକାରୀ ବିଭାଗର ବରିଷ୍ଠ ଅଧିକାରୀମାନେ ମଧ୍ୟ ଏହି ଅଧିବେଶନରେ ସାମିଲ ହୋଇଥିଲେ। ବୈଠକ ଆରମ୍ଭରୁ କିଛି ସମୟ ପର୍ଯ୍ୟନ୍ତ ଜନପ୍ରତିନିଧିମାନଙ୍କ ମଧ୍ୟରେ ତୀବ୍ର ମତଭେଦ ଦେଖିବାକୁ ମିଳିଥିଲା। ବିଭିନ୍ନ ପଂଚାୟତରେ ଚାଲିଥିବା ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ସଠିକ୍ ସୂଚନା ମିଳୁନଥିବା ନେଇ କିଛି ପ୍ରତିନିଧି ଅଭିଯୋଗ କରିବା ସହ ଉଦବେଗ ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ, କିଛି ପ୍ରତିନିଧି ଏହି ଅଭିଯୋଗକୁ ଖଣ୍ଡନ କରି କହିଥିଲେ ଯେ ସମସ୍ତ କାର୍ଯ୍ୟ ସମ୍ପର୍କରେ ସେମାନଙ୍କ ପାଖରେ ସଠିକ୍ ସୂଚନା ରହିଛି। ଜନପ୍ରତିନିଧିମାନଙ୍କ ମଧ୍ୟରେ ଚାଲିଥିବା ଏହି ବିବାଦ ପ୍ରସଙ୍ଗରେ ମୁଖ୍ୟ ଅତିଥି ସାଂସଦ ଶ୍ରୀ ପାଣିଗ୍ରାହୀ ନିଜର ପ୍ରତିକ୍ରିୟା ରଖି କହିଛନ୍ତି, 'ଯେଉଁମାନେ କିଛି ଜାଣିପାରୁନାହାନ୍ତି ବୋଲି କହୁଛନ୍ତି, ସେମାନେ ନିଶ୍ଚିତ ଭାବେ ନିଜ ପଂଚାୟତରେ ହେଉଥିବା କାର୍ଯ୍ୟକୁ ଦେଖୁଛନ୍ତି। ଯଦି କୌଣସି ସ୍ଥାନରେ ବୁଝିବାରେ ସମସ୍ୟା ରହୁଛି, ତେବେ ସେମାନେ ସମ୍ପୃକ୍ତ ବିଭାଗୀୟ ଯନ୍ତ୍ରୀଙ୍କ ସହ ସିଧାସଳଖ ଆଲୋଚନା କରି ସ୍ପଷ୍ଟ ହୋଇପାରିବେ।' ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ବିଷୟରେ ଆଲୋଚନା କରାଯାଇଥିଲା।

## ଏମ୍‌ଭି-୭୯ ଜଳସେଚନ ବିଭାଗର ଟେଣ୍ଡରକୁ ନେଇ ଚର୍ଚ୍ଚା: ଚୁକ୍ତି ସମ୍ପାଦନ ହେଲାନି, ନିୟମକୁ ନେଇ ଉଠିଲା ପ୍ରଶ୍ନ

ମାଲକାନଗିରି, (ମହାଭାରତ) : ଏମ୍‌ଭି-୭୯ ଜଳସେଚନ ବିଭାଗ ପକ୍ଷରୁ ପ୍ରକାଶିତ ୩୭ଟି କାର୍ଯ୍ୟର ଟେଣ୍ଡର ମଧ୍ୟରୁ ଅଧିକାଂଶ କାର୍ଯ୍ୟ ଞଝମଷରୟଙ୍କଷର ଜବସ୍ପରଞ୍ଚରେ ସଫଳତାର ସହ ସମ୍ପନ୍ନ ହୋଇଥିବାବେଳେ କେବଳ ୩ ନମ୍ବର କାର୍ଯ୍ୟକୁ ନେଇ ଗତ କିଛିଦିନ ଧରି ବିବାଦ ଓ ଚର୍ଚ୍ଚା ଲାଗି ରହିଥିଲା। ସୂଚନା ଅନୁଯାୟୀ, ଗଞ୍ଜାମ ଜିଲ୍ଲାର ଠିକାଦାର ରାଜେନ୍ଦ୍ର ବିଶୋଇ ଉକ୍ତ କାର୍ଯ୍ୟ ପାଇଁ ଞଖରକ୍ସସ୍ପ ଇଙ୍କକ୍ଟଙ୍କଭସ୍ପଞ୍ଚରେ ଦରପତ୍ର ଦାଖଲ କରିଥିଲେ। ନିୟମ ଅନୁଯାୟୀ ସେ ଖ-୧ଞ୍ଚ ଭାବେ ମନୋନୀତ ହୋଇଥିଲେ। ପରବର୍ତ୍ତୀ ସମୟରେ ବିଭାଗ ପକ୍ଷରୁ ଚୁକ୍ତି (ଇଶକ୍ସରରଙ୍କରଭସ୍ପ) ସମ୍ପାଦନ ପାଇଁ ତାରିଖ ନିର୍ଦ୍ଧାରଣ କରାଯାଇଥିଲେ ମଧ୍ୟ ସେ ନିର୍ଦ୍ଧାରିତ ଦିନରେ ବିଭାଗୀୟ କାର୍ଯ୍ୟାଳୟରେ ଉପସ୍ଥିତ ହୋଇନଥିଲେ। ଚୁକ୍ତି ସମ୍ପାଦନର ନିର୍ଦ୍ଧାରିତ ସମୟ ଅତିକ୍ରମ କରିବା ପରେ ଶ୍ରୀ ବିଶୋଇ ଜିଲ୍ଲା ପ୍ରଶାସନଙ୍କ ଦ୍ୱାରସ୍ଥ ହୋଇ ଏମ୍ ?ଭି-୭୯ରେ ତାଙ୍କ ଉପରେ ଆକ୍ରମଣ, ଧମକ ଓ ଗୁଣ୍ଡାଗିରିର ଆଶଙ୍କା ଥିବା ଅଭିଯୋଗ କରି ସୁରକ୍ଷା ଦାବି କରିଥିଲେ। ଏହାକୁ ଦୃଷ୍ଟିରେ ରଖି ଆଜି ଚୁକ୍ତି ସମ୍ପାଦନର ଶେଷ ଦିନରେ ପୋଲିସ ପକ୍ଷରୁ ଏମ୍‌ଭି-୭୯ ଜଳସେଚନ ବିଭାଗ କାର୍ଯ୍ୟାଳୟରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଥାନାର ଆଇଆଇସି ଓ ଏସ୍‌ଆଇ ଦିନତମାମ କାର୍ଯ୍ୟାଳୟରେ ଉପସ୍ଥିତ ରହି ସ୍ଥିତି ଉପରେ ନଜର ରଖିଥିଲେ। ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ସନୋଜ ସାହୁ ଶ୍ରୀ ବିଶୋଇଙ୍କୁ ପଚାରିଥିଲେ ଯେ, ଚୁକ୍ତି ସମ୍ପାଦନ ପାଇଁ ପୂର୍ବରୁ ତିନୋଟି ତାରିଖ ନିର୍ଦ୍ଧାରିତ ହୋଇଥିବା ସତ୍ତ୍ୱେ ସେ କାହିଁକି ଉପସ୍ଥିତ ହୋଇନଥିଲେ ଏବଂ ଏହାର କୌଣସି ପ୍ରମାଣ ଥିଲେ ଦାଖଲ କରିବାକୁ କୁହାଯାଇଥିଲା। କିନ୍ତୁ ସେ ସେଭଳି କୌଣସି ପ୍ରମାଣ ଦେଇପାରିନଥିବାରୁ ନିର୍ଦ୍ଧାରିତ ସମୟ ସୀମା ଶେଷ ହୋଇଯାଇଥିବା ପରେ ଚୁକ୍ତି ସମ୍ପାଦନ କରିବାର କୌଣସି ବ୍ୟବସ୍ଥା ନିୟମରେ ନଥିବା କଥା ବିଭାଗ ସ୍ପଷ୍ଟ କରିଥିଲା। ଏହା ସହ ଘଟଣାର ସମସ୍ତ ଦିଗକୁ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯାଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ଅନ୍ୟପକ୍ଷରେ, ଏମ୍‌ଭି-୭୯ ଠିକାଦାର ସଂଘର ସଦସ୍ୟମାନେ କହିଛନ୍ତି ଯେ ଟେଣ୍ଡର ପୂର୍ବରୁ ସମସ୍ତ ଠିକାଦାର ବୈଠକ କରି ସମସ୍ତ କାର୍ଯ୍ୟକୁ ଞଝମଷରୟଙ୍କଷର ଜବସ୍ପରଞ୍ଚରେ ଦରପତ୍ର ଦାଖଲ କରିବାକୁ ସହମତି ପ୍ରକାଶ କରିଥିଲେ। କିନ୍ତୁ କେବଳ ଗୋଟିଏ ଦରପତ୍ରରେ ଞଖରକ୍ସସ୍ପ ଜବସ୍ପରଞ୍ଚ ଦାଖଲ ହୋଇଥିବାରୁ ଏହାକୁ ନେଇ ଆଲୋଚନା କରିବା ପାଇଁ ସେମାନେ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇଥିଲେ। କୌଣସି ପ୍ରକାର ଗୁଣ୍ଡାଗିରି କିମ୍ବା ଆକ୍ରମଣ ଘଟିନଥିବା ବୋଲି ସେମାନେ ଦାବି କରିଛନ୍ତି। ତାରକେଶ୍ୱର ଠିକାଦାର ସଂଘର କହିଛନ୍ତି, ଯେ ନିର୍ଦ୍ଧାରିତ ଚୁକ୍ତି ସମୟ ସୀମା ଅତିକ୍ରମ କରିବା ପରେ ମଧ୍ୟ ସମ୍ପୃକ୍ତ ଠିକାଦାରଙ୍କୁ କିପରି କାର୍ଯ୍ୟାଳୟକୁ ଡକାଯାଇ ଚୁକ୍ତି ସମ୍ପାଦନର ପ୍ରକ୍ରିୟା ଚାଲିପାରିବ ବୋଲି ଆଲୋଚନା ହେଉଥିଲା, ତାହାକୁ ନେଇ ପ୍ରଶ୍ନ ଉଠିଛି। ସେହିପରି, ଯଦି ଖ-୧ ଠିକାଦାର ୨୦ ଦିନ ମଧ୍ୟରେ ଚୁକ୍ତି ସମ୍ପାଦନ କରିନଥିଲେ, ତେବେ ବିଭାଗ କାହିଁକି ପରବର୍ତ୍ତୀ ଯୋଗ୍ୟ (ଖ-୨) ଦରଦାତାଙ୍କୁ ସୁଯୋଗ ଦେଲାନି ଏବଂ ଏତେଦିନ ଅପେକ୍ଷା କାହିଁକି କରାଗଲା, ତାହାର ସ୍ପଷ୍ଟୀକରଣ ଦାବି କରିଛନ୍ତି। ଆଜି କାର୍ଯ୍ୟାଳୟ ପରିସରରେ ପୋଲିସ ଉପସ୍ଥିତି ରହିବା ସହ ପରିସ୍ଥିତି ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ରହିଥିଲା। ଠିକାଦାରମାନେ ଗଣମାଧ୍ୟମ ସମ୍ମୁଖରେ ନିଜ ମତ ରଖିଥିବାବେଳେ ବିଭାଗ ପକ୍ଷରୁ ମଧ୍ୟ ନିୟମ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯାଇଥିବା ସ୍ପଷ୍ଟ କରାଯାଇଛି।

## କଳିଙ୍ଗନଗରର ଶିଳ୍ପାଞ୍ଚଳରେ ଲୁଚିରହିଛି ଦ୍ୱିତୀୟ ନଗଡା

ଯାଜପୁର/କଳିଙ୍ଗନଗର, (ମହାଭାରତ) : କଳିଙ୍ଗନଗର ଶିଳ୍ପାଞ୍ଚଳ ଭିତ୍ତିଭୂମି କହିଲେନସରେ ଛୋଟ ବଡକି କୋଡ଼ିଏ ରୁ ଉର୍ଦ୍ଧ କାରଖାନା କଳିଙ୍ଗନଗରରେ ଗଢିଉଠିଛି । ଶିଳ୍ପରବିକାଶ ସଭିଙ୍କବିକାଶ ପଥରେ ଥିବା ଶିଳ୍ପାଞ୍ଚଳରେ କରୁଣ କାହାଣୀ ଦେଖିବାକୁ ମିଳୁଛି। ସୁକିନ୍ଦା ନିର୍ବାଚନ ମଣ୍ଡଳୀ ଅଧୀନରେଥିବା ସାରଙ୍ଗପୁର ପଞ୍ଚାୟତରେ ଅନ୍ତର୍ଭୁକ୍ତ ଗାଡ଼ପୁର ଗ୍ରାମ ଏବେ ଦ୍ୱିତୀୟ ନଗଡା ପାଲଟିଛି । ଗ୍ରାମରେ ପନ୍ଦର ପରିବାର ଘଞ୍ଚ ଜଙ୍ଗଲ ଭିତରେ ଜୀବନ ଅତିବାହିତକରୁଛନ୍ତି। ନା ଗ୍ରାମକୁ ଅଛି ପାନୀୟ ଜଳର ସୁବିଧା, ନା ଅଛି ଗ୍ରାମରେ ଆଲୋକିକରଣର ସୁବିଧା, ନା ଗ୍ରାମକୁ ଅଛି ପକା ରାସ୍ତା। ସରକାରୀ ସୁବିଧା ଯେମିତି ଗ୍ରାମରେ ପହଞ୍ଚିବା ସାତସପନ ହୋଇପଡିଛି କଳିଙ୍ଗନଗର ଶିଳ୍ପାଞ୍ଚଳର ଜିନ୍ଦଲ (ଔଝଖ)କାରଖାନାର ପାଚେରିକଡଦେଇ




ଘୁଙ୍ଗା ସଦୃଶ୍ୟ ଅଢେଇ କିଲୋମିଟର ରାସ୍ତା ଅତିକ୍ରମ ହେବାପରେ ,ଗାଡପୁର ଗ୍ରାମ ସଂଯୋଗକରିଛି ଦୁର୍ଭାଗ୍ୟ ଓ ପରିତାପ୍ ର ବିଷୟ ଗାଡପୁର ଗ୍ରାମ ଆଜିପର୍ଯ୍ୟନ୍ତ ସ୍ୱାଧୀନତା ପାଇପାରିଲାନାହି। ସମସ୍ୟା ଘେରରେ ରହି ଅଣାନିଶ୍ୱାସୀ ହୋଇପଡ଼ିଲେଣି ଗ୍ରାମବାସୀ। ତେଲ ଲୁଣବି ସଂଗ୍ରହ କରିବା ଅପରପକ୍ଷେ ସାତ ସପନ ସାଜିଛି। ଗ୍ରାମବାସୀ କୁହନ୍ତି ଗ୍ରାମକୁ ରାସ୍ତା ନଥିବାରୁ ରାସ୍ତାଘାଟର ସମସ୍ୟାକୁ ସାମ୍ନା କରିବାକୁଯାଇ ସପ୍ତାହରେ ଗୋଟେଦିନ ଡୁବୁରୀ ହାଟରେ ତେଲଲୁଣ ସଂଗ୍ରହ କରିବାକୁ ଯାଇଥାଉ ଗ୍ରାମବାସୀ । ଯାହାବିଗୋଟେଦିନ ସଂଗ୍ରହ କରି ଆଣନ୍ତି ତାକୁ ସପ୍ତାହଜାକ ପେଟପାଟଣାର ବନ୍ଦୋବସ୍ତ କରିଥାନ୍ତି ଗ୍ରାମବାସୀ। ଗ୍ରାମବାସୀ କୁହନ୍ତି ନେହୁରା ବିନତିହୋଇ ନିଜ ଜୀବନର ଭିକ୍ଷା ମାଗି ମାଗି ଥକିଗଲୁଣି ହେଲେ ଆଜିପର୍ଯ୍ୟନ୍ତ କୌଣସି ସରକାରୀ ସୁବିଧା ପହଞ୍ଚି ପାରିଲାନହିଁ ଆମ ଗାଡପୁର ଗ୍ରାମକୁ। ଅତି ଦୟନୀୟ ଅବସ୍ଥାରେ ଜୀବନ ବିତାଉଛନ୍ତି ୬୦ ରୁ ଉର୍ଦ୍ଧ ବାସିନ୍ଦା। ଗ୍ରାମର ଲୋକେକୁହନ୍ତି ନେତା ମନ୍ତ୍ରୀ ଠୁ ନେଇ ଗ୍ରାମର ସରପଞ୍ଚ ସଭିଙ୍କୁ ଗୁହାରି କଲେମଧ୍ୟ କିଛି ସୁଫଳ ମିଳିପାରୁନାହିଁ କି କୌଣସି ପ୍ରକାର ସୁବିଧା ମିଳୁନାହିଁ। ଗ୍ରାମକୁ ରାସ୍ତାର ସୁବିଧା ନଥିବାରୁ ଜରୁରୀକାଳୀନ ଚିକିତ୍ସାସେବା ରେ ବାଧା ଉପୁଜିଛି । ଦେହ କାହାର ଅସୁସ୍ଥ ହୋଇପଡିଲେ ରୋଗୀ ମେଡ଼ିକାଲରେ ପହଞ୍ଚିବା ଅସମ୍ଭବ। ଗ୍ରାମରେ ଏତେ ଅସୁବିଧାଥାଇମଧ୍ୟ ବର୍ଷ ବର୍ଷଧରି ବିତିଯାଇଛି ହେଲେ କାହାରି ନଜର ପଡ଼ିପାରିଲାନହିଁ ଗ୍ରାମ ଉପରେ। ଏହି ଗ୍ରାମଟି ସରକାରୀ ସୁବିଧାରେ କେବେ ଅନ୍ତର୍ଭୁକ୍ତହେବ ସ୍ୱାଧୀନତା କେବେପାଇବ ଏ ନେଇ ଚିନ୍ତାରେ ଦୀନକଟାଉଛନ୍ତି ଗ୍ରାମବାସୀ। ପ୍ରଶାସନ ଦୃଷ୍ଟି ଆକୋର୍ଷ କେବେ ପଡ଼ିବ ସରକାରୀ ସୁବିଧାରେ କେବେ ଅନ୍ତର୍ଭୁକ୍ତ ହେବ ଗ୍ରାମବାସୀ ତାହା ସଭିଙ୍କ ମନରେ ବଡ଼ ପ୍ରଶ୍ନ ?।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ମଦ ଦୋକାନ ନ ଉଠିଲେ ୧୦ଦିନ ପରେ ପୁଣି ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବା ଚେତାବନୀ



ପାଟଣା:-(ମହାଭାରତ) ମଦ ଦୋକାନ ଉଠିବାକୁ ନେଇ ମହିଳା ଙ୍କ ବିରୋଧ ସହ ରାସ୍ତା ଅବରୋଧ କରିଛନ୍ତି। ଏପରି ଦୃଶ୍ୟ ଦେଖିବାକୁ ମିଳିଛି। କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ୨୨୦ନମ୍ବର ଜାତୀୟ ରାଜପଥ ଉପରେୟ ସୂଚନା ରୁ ପ୍ରକାଶ ରାଜ୍ୟ ସରକାରଙ୍କ ନୂଆ ନୀତି ରେ ଠିପି ବନ୍ଦ ମଦ ଦୋକାନ ଅନୁମତି ଦେବା ପରେ ପାଟଣା ଅଞ୍ଚଳ ସାଧୁପଡ଼ା ଗ୍ରାମରେ ଏକ ବିଦେଶୀ ଠିପି ବନ୍ଦ ମଦ ଦୋକାନ ଖୋଲି ଥିଲା। ଏହି ମଦ ଦୋକାନ ଟି ଗ୍ରାମ ରୁ ମାତ୍ର ଶହେ ମିଟର,ଶାଳ ଓ ପ୍ରତ୍ୟେକ ଦିନ ଚଲା ରାସ୍ତା ନିକଟରେ ଖୋଲି ବାରୁ ଗ୍ରାମବାସୀ ତଥା ରାସ୍ତା ଯାଉଥିବା ଲୋକ ମାନ ଙ୍କ ଅସୁବିଧା କାରଣ ମଦ ଭାଟି ସାଜି ଥିବା ବେଳେ ଦୁଇଟି ଗ୍ରାମବାସୀ ଭାଟି ଉଠାଇବାକୁ ନେଇ ଜିଲ୍ଲାପାଳ ଙ୍କୁ ଲିଖିତ ଅଭିଯୋଗ ପରେ ବି ପ୍ରଶାସନ ମଦଭାଟି ଉଠିବାକୁ କୌଣସି ପଦକ୍ଷେପ ନେଇ ନ ଥିବା ରୁ ଗ୍ରାମ ର ମହିଳା ମାନେ ଏକତ୍ରିତ ହୋଇ ରାସ୍ତା ଅବରୋଧ କରିବା ସହ ଭାଟି ଉଠାଇବାକୁ ଦାବି କରିଥିଲେ।ରାସ୍ତା ଅବରୋଧ ଖବର ପାଇ ପାଟଣା ପୋଲିସ ଅଧିକାରୀ କିରଣ ପ୍ରସାଦ ସାହୁ, ଅତିରିକ୍ତ ଥାନା ଅଧିକାରୀ ଧନେଶ୍ୱର ପାତ୍ର,ଲକ୍ଷ୍ମଣ ମାଝୀ ଓ ମଦ ଦୋକାନ କର୍ମଚାରୀ ରଞ୍ଜନ ସାହୁ ପହଞ୍ଚି ଗ୍ରାମବାସୀ ମାନ ଙ୍କୁ ବୁଝାସୁଝା କରିବା ସହ ୧୦ ଦିନ ଭିତରେ ମଦ ଦୋକାନ କୁ ସ୍ଥାନାନ୍ତରିତ କରିବାକୁ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ରାସ୍ତା ଅବରୋଧ ରୁ ହଟିବା ଦେଖିବାକୁ ମିଳିଛି।

## ଜିଲ୍ଲାର ଭୋଟର ତାଲିକା ଚିଠା ପ୍ରକାଶ ପାଇଛି

ବଲାଙ୍ଗିର(ମହାଭାରତ): ବଲାଙ୍ଗିର ଜିଲ୍ଲାରେ ଭୋଟର ତାଲିକାର ସଂଶୋଧନ ପ୍ରକ୍ରିୟାର ଏକ ଚିଠା ଭୋଟର ତାଲିକା ।ନୁଷ୍ଠାନିକ ଭାବେ ପ୍ରକାଶ ପାଇଛି । ଏହି ଉପଲକ୍ଷେ ଜିଲ୍ଲାପାଳ ତଥା ଜିଲ୍ଲା ର୍ନିବାଚନ ଅଧିକାରୀ ଗୌରବ ଶିବାଜୀ ଇସଲୱାରଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ଶ୍ରୀ ଇସଲୱାର ଚିଠା ଭୋଟର ତାଲିକାର ସବିଶେଷ ତଥ୍ୟ ପ୍ରଦାନ କରି କହିଥିଲେ ଯେ, ଚିଠା ଭୋଟର ତାଲିକା ସମ୍ପର୍କରେ ଦାବି ଓ ଆପତ୍ତି ଆବେଦନ ୫ ଜୁଲାଇରୁ ୪ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଗ୍ରହଣ କରାଯିବ । ପ୍ରାପ୍ତ ଆବେଦନଗୁଡ଼ିକ ଉପରେ ୫ ଜୁଲାଇରୁ ୨ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ନୋଟିସ ଜାରି ଓ ଶୁଣାଣି ପ୍ରକ୍ରିୟା ଚାଲିବ । ଏହି କାର୍ଯ୍ୟ ପାଇଁ ଜିଲ୍ଲାର ୫ ଜଣ ର୍ନିବାଚନ ପଞ୍ଜୀକରଣ ଅଧିକାରୀ ଏବଂ ୩୪ ଜଣ ସହକାରୀ ର୍ନିବାଚନ ପଞ୍ଜୀକରଣ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି । ଭୋଟରଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଜିଲ୍ଲାରେ ମତଦାନ କେନ୍ଦ୍ରଗୁଡ଼ିକର ସଂଗତିକରଣ କରାଯାଇଛି । ଏହାଫଳରେ ମତଦାନ କେନ୍ଦ୍ର ସଂଖ୍ୟା ୧୫୬୧ରୁ ବୃଦ୍ଧି ପାଇ ୧୭୬୦ରେ ପହଞ୍ଚିଛି । ଜିଲ୍ଲାର ପ୍ରାକ୍-ଚିଠା ଭୋଟର ସଂଖ୍ୟା ୧୩,୪୩,୮୧୬ ଥିବାବେଳେ ସଂଶୋଧିତ ଚିଠା ତାଲିକାରେ ବିଭିନ୍ନ କାରଣରୁ ଏହା ୧୨,୪୪,୫୫୮କୁ ହ୍ରାସ ପାଇଛି । ଏହି କାରଣଗୁଡ଼ିକ ମଧ୍ୟରେ ମୃତ୍ୟୁ, ସ୍ଥାୟୀ ଭାବେ ସ୍ଥାନାନ୍ତର, ପୂର୍ବରୁ ନାମ ପଞ୍ଜୀକୃତ ହୋଇସାରିବା ଓ ଅନ୍ୟାନ୍ୟ କାରଣ ରହିଛି ।




ତେବେ ର୍ନିବାଚନମଣ୍ଡଳୀ ଭିତ୍ତିକ ଭାବେ ଲୋଇସିଂହାରେ ୨,୨୩,୪୪୧, ପାଟଣାଗଡ଼ରେ ୨,୮୮,୬୬୫, ବଲାଙ୍ଗିରରେ ୨,୩୦,୨୮୩, ଟିଟିଲାଗଡ଼ରେ ୨,୪୧,୭୧୮ ଏବଂ କଣ୍ଟାବାଞ୍ଜିରେ ୨,୬୦,୪୫୧ ଜଣ ଭୋଟର ଚିଠା ତାଲିକାରେ ସ୍ଥାନ ପାଇଛନ୍ତି । ସମସ୍ତ ଯୋଗ୍ୟ ଭୋଟର, ବିଶେଷକରି ନୂତନ ଯୁବ ଭୋଟରଙ୍କୁ ନିଜ ନାମ ଓ ବିବରଣୀ ଯାଞ୍ଚ କରିବା ସହ କୌଣସି ତ୍ରୁଟି ଥିଲେ ର୍ନିଦ୍ଧାରିତ ସମୟସୀମା ମଧ୍ୟରେ ସଂଶୋଧନ ପାଇଁ ଆବେଦନ କରିବାକୁ ଜିଲ୍ଲା ପ୍ରସାଶନ ପକ୍ଷରୁ ନିବେଦନ କରାଯାଇଛି । କାର୍ଯ୍ୟକ୍ରମରେ ବିଭିଓ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ରହି ନିଜ ମତାମତ ରଖିଥିଲେ ।ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ପବିତ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ. ବିଜୟାନନ୍ଦ ସେଠୀ, ଟିଟିଲାଗଡ଼ ଉପଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ, ର୍ନିବାଚନ ବିଭାଗର କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଅଲାରନାଥଙ୍କ ଦର୍ଶନ କରି ରାଜ୍ୟବାସୀଙ୍କ ମଙ୍ଗଳ କାମନା କଲେ ରାଜ୍ୟପାଳ



ପୁରୀ: ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ମଙ୍ଗଳବାର ଦିନ ପୁରୀ ଜିଲ୍ଲା ବ୍ରହ୍ମଗିରିସ୍ଥିତ ପ୍ରସିଦ୍ଧ ଅଲାରନାଥ ମନ୍ଦିର ଦର୍ଶନ କରିଥିଲେ । ଚଳିତ ବର୍ଷ ମହାପ୍ରଭୁଙ୍କର ଅଣସର ସମୟରେ ରାଜ୍ୟପାଳ ପ୍ରଭୁ ଅଲାରନାଥଙ୍କ ଦର୍ଶନ କରି ଓଡ଼ିଶାବାସୀଙ୍କ ଶାନ୍ତି, ସମୃଦ୍ଧି ଓ କଲ୍ୟାଣ ପାଇଁ ପ୍ରାର୍ଥନା କରିଥିଲେ । ଏହା ସହିତ ରାଜ୍ୟର ଉନ୍ନତି, ସମ୍ପ୍ରୀତି ଓ ସର୍ବାଙ୍ଗୀନ ବିକାଶ ପାଇଁ ମଧ୍ୟ ପ୍ରାର୍ଥନା କରିଥିଲେ।

### ପୁରୀ ରଥଯାତ୍ରା ୨୦୨୬ ପ୍ରସ୍ତୁତ

## ପୋଲିସ ପକ୍ଷରୁ ୮ ସାହି ବାସିନ୍ଦାଙ୍କ ସହ ସମନ୍ୱୟ ବୈଠକ

ପୁରୀ,:ପବିତ୍ର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ୨୦୨୬ ଅବସରରେ ସୁରକ୍ଷା, ଶୃଙ୍ଖଳା ଏବଂ ସୁଚାରୁ ପରିଚାଳନାକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ପୁରୀ ପୋଲିସ ପକ୍ଷରୁ ଆଜି ସନ୍ଧ୍ୟା ୬ ଘଟିକା ସମୟରେ ସୁନ୍ଦରା ଜଗାରେ ମାଟିମଣ୍ଡପସାହି, ଦୋଳମଣ୍ଡପ ସାହି ଏବଂ କୁଣ୍ଢେଇବେଣ୍ଟ ସାହିର ମୁରବି, ସେବାୟତ ଓ ସ୍ଥାନୀୟ ବାସିନ୍ଦାଙ୍କ ସହ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ପୁରୀ ଏସପି ପ୍ରତୀକ ସିଂ ରଥଯାତ୍ରା ସମୟରେ ଭକ୍ତମାନଙ୍କ ସୁରକ୍ଷା, ଶୃଙ୍ଖଳିତ ଦର୍ଶନ, ଭିଡ଼ ନିୟନ୍ତ୍ରଣ, ଯାତାୟାତ ପରିଚାଳନା, ଜରୁରୀକାଳୀନ ସହାୟତା ଏବଂ ସ୍ଥାନୀୟ ଅଞ୍ଚଳରେ ସମନ୍ୱିତ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସେ କହିଥିଲେ ଯେ, ରଥଯାତ୍ରା ବିଶ୍ୱର କୋଟି କୋଟି ଭକ୍ତଙ୍କ ଆସ୍ଥାର ମହାପର୍ବ। ଏହାକୁ ଶାନ୍ତିପୂର୍ଣ୍ଣ ଓ ସଫଳ ଭାବେ ସମ୍ପନ୍ନ କରିବା ପାଇଁ ପୋଲିସ, ପ୍ରଶାସନ, ସେବାୟତ ଓ ସ୍ଥାନୀୟ ବାସିନ୍ଦାଙ୍କ ସକ୍ରିୟ ସହଯୋଗ ଜରୁରୀ। ବୈଠକରେ ଉପସ୍ଥିତ ମୁରବି, ସେବାୟତ ଓ ସ୍ଥାନୀୟ ବାସିନ୍ଦାମାନେ ବିଭିଓ ଗଠନମୂଳକ ପରାମର୍ଶ ଦେବା ସହ ପୁରୀ ପୋଲିସର ପ୍ରସ୍ତୁତିକୁ ସ୍ୱାଗତ କରିଥିଲେ। ସେମାନେ ରଥଯାତ୍ରା ସମୟରେ ପୋଲିସ ଓ ପ୍ରଶାସନକୁ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ଜଣାଇଥିଲେ । ଏହି ସମନ୍ୱୟ ବୈଠକରେ ପୁରୀ ପୋଲିସର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହିଥିଲେ। ବୈଠକ ଶେଷରେ ପାରସ୍ପରିକ ସହଯୋଗ, ସମନ୍ୱୟ ଓ ଜନସହଭାଗିତା ମାଧ୍ୟମରେ ରଥଯାତ୍ରା ୨୦୨୬କୁ ସୁରକ୍ଷିତ, ଶୃଙ୍ଖଳିତ ଓ ସଫଳ ଭାବେ ଆୟୋଜନ କରିବା ପାଇଁ ସମସ୍ତେ ସଂକଳ୍ପବଦ୍ଧ ହୋଇଥିଲେ। ପୁରୀ ପୋଲିସ ରଥଯାତ୍ରା ୨୦୨୬କୁ ଶାନ୍ତିପୂର୍ଣ୍ଣ, ସୁରକ୍ଷିତ ଓ ସୁଚାରୁ ଭାବେ ସମ୍ପନ୍ନ କରିବା ପାଇଁ ସଦା ପ୍ରତିବଦ୍ଧ।




## ୭୭ ତମ ଜିଲ୍ଲାସ୍ତରୀୟ ବନମହୋତ୍ସବ




ପାରଳାଖେମୁଣ୍ଡି,:ପରିବେଶ ସୁରକ୍ଷା ପାଇଁ ସାମୂହିକ ଭାଗିଦାରୀ ଉପରେ ଗୁରୁତ୍ୱାରୋପ କରି ଜିଲ୍ଲାର ଗୋଷାଣି ବ୍ଲକ କେରାଣ୍ଡି ପଞ୍ଚାୟତ ଅନ୍ତର୍ଗତ ବ୍ରାହ୍ମଣ ସୀତାପୁର ଓ ଦେବିଡି ଗ୍ରାମ ସ୍ଥିତ ଓଏସ୍ଏପି ତୃତୀୟ ବାଟାଲିୟନ ପରିସରରେ ୭୭ ତମ ବନମହୋତ୍ସବ - ୨୦୨୬ ର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ବହୁ ଉତ୍ସାହ ଓ ଆଡମ୍ବରର ସହିତ ପାଳିତ ହୋଇଛି । ଗତ ସପ୍ତାହବ୍ୟାପୀ ବୃକ୍ଷରୋପଣ ଅଭିଯାନ ର ଏହି ସପ୍ତମ ତଥା ଶେଷ ଦିନରେ ଆୟୋଜିତ କାର୍ଯ୍ୟକ୍ରମ ରେ ପରିବେଶ ସୁରକ୍ଷା, ବନ ସଂରକ୍ଷଣ ଓ ସାମୂହିକ ବୃକ୍ଷରୋପଣ ର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା ।

## ୭୭ତମ ବନ ମହୋତ୍ସବ ପାଳନ



ଅନୁଗୋଳ,: ଅନୁଗୋଳ ବନଖଣ୍ଡ ପକ୍ଷରୁ ବିଭିନ୍ନ ରେଞ୍ଜରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଏବଂ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରାଙ୍କ ଗରିମାମୟ ଉପସ୍ଥିତିରେ ୭୭ତମ ବନ ମହୋତ୍ସବ ଅତ୍ୟନ୍ତ ଗର୍ବର ସହ ପାଳିତ ହୋଇଯାଇଛି। ଏହି ଉତ୍ସବ ବୃକ୍ଷରୋପଣ ଏବଂ ସକ୍ରିୟ ଜନସାଧାରଣଙ୍କ ଅଂଶଗ୍ରହଣ ମାଧ୍ୟମରେ ପରିବେଶ ସଂରକ୍ଷଣ ପ୍ରତି ଏକ ମିଳିତ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି। ସେମାନଙ୍କର ଏହି ପ୍ରେରଣାଦାୟୀ ଉପସ୍ଥିତି ନାଗରିକ, ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ସମ୍ପ୍ରଦାୟଙ୍କୁ ଜଙ୍ଗଲର ସୁରକ୍ଷା କରିବା, ସବୁଜିମା ବୃଦ୍ଧି କରିବା ଏବଂ ଆଗାମୀ ପିଢ଼ି ପାଇଁ ଏକ ସ୍ୱଚ୍ଛ, ସବୁଜ ତଥା ସୁଦୃଢ଼ ଭବିଷ୍ୟତ ଗଠନ ଦିଗରେ ମିଳିତ ଭାବେ କାର୍ଯ୍ୟ କରିବାକୁ ଉତ୍ସାହିତ କରିଛି।

## ମାଓ କ୍ୟାମ୍ପ ଠାବ,ବିପୁଳ ଅସ୍ତ୍ରଶସ୍ତ୍ର ଜବତ




ନୂଆପଡ଼ା ,:ମାଓବାଦୀଙ୍କ ବଡ଼ ଚକ୍ରାନ୍ତକୁ ପଣ୍ଡ କଲା ପୋଲିସ ଓ ସୁରକ୍ଷା ବାହିନୀ। ନୂଆପଡ଼ା ଜିଲ୍ଲା ପୋଲିସ ଏବଂ ସିଆରପିଏଫ ର ମିଳିତ ଅପରେସନରେ ଓଡ଼ିଶା-ଛତିଶଗଡ଼ ସୀମାନ୍ତ ଅଞ୍ଚଳରୁ ଏକ ବଡ଼ ମାଓବାଦୀ ଡମ୍ପ (ଲୁଚାଇ ରଖାଯାଇଥିବା ସାମଗ୍ରୀ) ଠାବ କରାଯାଇଛି। ନୂଆପଡ଼ା ଏସପି ଅମ୍ରିତ ପାଲ୍ ସିଂ ଏବଂ ସିଆରପିଏଫ -୧୯ ବାଟାଲିୟନର କମାଣ୍ଡେ ଦୀପକ ମଣି ତ୍ରିପାଠୀଙ୍କ ନେତୃତ୍ୱରେ ଏହି ସଫଳ ଚଢ଼ାଉ କରାଯାଇଛି। ନୂଆପଡ଼ା ଜିଲ୍ଲା ପୋଲିସକୁ ମିଳିଥିବା ଏକ ର୍ନିଭରଯୋଗ୍ୟ ଗୁପ୍ତ ସୂଚନା ଆଧାରରେ ବୋଡ଼େନ ଥାନା ଅନ୍ତର୍ଗତ ପାଟଧରା ସଂରକ୍ଷିତ ଜଙ୍ଗଲ ଏବଂ ବାରପାଟ ଡଙ୍ଗର ପାହାଡ଼ିଆ ଅଞ୍ଚଳରେ ଏକ ମିଳିତ ସର୍ଚ୍ଚ ଅପରେସନ ଆରମ୍ଭ କରାଯାଇଥିଲା। ଏହି ଟିମ୍ ରେ ନୂଆପଡ଼ା ଡିଭିଏଫ୍ ଏବଂ ସିଆରପିଏଫ,- ୧୯ ବାଟାଲିୟନର ବିଡି ଟିମ୍ ସାମିଲ ଥିଲେ। ସେଠାରେ ମାଓବାଦୀମାନେ ମାଟି ତଳେ ଲୁଚାଇ ରଖିଥିବା ବିପୁଳ ପରିମାଣର ବିସ୍ଫୋରକ ଓ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି ।ତେବେ ୨ଟି ଦେଶୀ ବନ୍ଧୁକ ଏବଂ ମାଗାଜିନ ସହ ୧ଟି ଦେଶୀ କାରବାଇନ ମିଳିଛି। ଜୀବନ୍ତ ଗୁଳି ଏକେ-୪୭ ର ୨୯ ରାଉଣ୍ଡ ଏବଂ ଏସଏଲଆର ର ୫୪ ରାଉଣ୍ଡ ଗୁଳି। ଆଇଇଡି ଓ ବିସ୍ଫୋରକ-୦୨ଟି ଟିଫିନ ଆଇଡିଏଫ, ୦୮ଟି ଜେଲାଟିନ ଷ୍ଟିକ, ୧.୫ କିଲୋ ଗନ୍ ପାଉଡର ଏବଂ ୟୁରିଆ। ଡେଟୋନେଟର, ସୋଲାର ପ୍ଲେଟ୍, ବ୍ୟାଟେରୀ, ମାଓବାଦୀ ପୋଷାକ, ଔଷଧ ବାକ୍ସ ଏବଂ ମାଓ ସାହିତ୍ୟ ମିଳିଛି। ସୂଚନାଯୋଗ୍ୟ ଯେ, ମାନ୍ୟବର କେନ୍ଦ୍ର ଗୃହମନ୍ତ୍ରୀଙ୍କ ଦ୍ୱାରା ୩୧ ମାର୍ଚ୍ଚ ୨୦୨୬ ସୁଦ୍ଧା ଜିଲ୍ଲାକୁ ନକ୍ସଲମୁକ୍ତ କରିବା ପାଇଁ ଧାର୍ଯ୍ୟ ହୋଇଥିବା ଲକ୍ଷ୍ୟକୁ ନୂଆପଡ଼ା ପୋଲିସ ସଫଳତାର ସହ ହାସଲ କରିସାରିଛି। ଜିଲ୍ଲା ମାଓମୁକ୍ତ ହେବା ପରେ ମଧ୍ୟ ସୁରକ୍ଷା ବାହିନୀର ଏହିଭଳି କ୍ରମାଗତ କମ୍ବିଂ ଏବଂ ସର୍ଚ୍ଚ ଅପରେସନ ଜାରି ରହିଛି, ଯାହାଫଳରେ ମାଓବାଦୀଙ୍କ ଅବଶିଷ୍ଟ ନେଟୱର୍କକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରାଯାଇପାରିବ।

## ମାସିକ ଶିକ୍ଷା ସମୀକ୍ଷା ବୈଠକରେ ' ଆସ୍ୱାୟର ' ଲୋଗୋ ଉନ୍ମୋଚିତ

ମାଲକାନଗିରି(ମହାଭାରତ): ଆଜି ଜିଲ୍ଲା ପରିଷଦ ସଭାଗୃହ ଠାରେ ଜୁଲାଇ ମାସ ନିମନ୍ତେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ମାଲକାନଗିରି ତରଫରୁ ଜିଲ୍ଲାସ୍ତରୀୟ ଶିକ୍ଷା ସମୀକ୍ଷା ବୈଠକ ଜିଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବର୍ଷା ଦିନରେ ପିଲାଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ଉପରେ ଧ୍ୟାନ ଦେବାକୁ କଡ଼ା ନିର୍ଦ୍ଦେଶ ଦେଲେ। ଜିଲ୍ଲାପାଳ, ଜିଲ୍ଲା ମଙ୍ଗଳ ଅଧିକାରୀ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦ୍ୱାରା ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ନିମନ୍ତେ ଚାଲୁଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମ ' ଆସ୍ୱାୟର ' ର ଲୋଗୋ ଓ ଜର୍ନାଲ ଅନାବରଣ ହେଲା । ଆବାହକ ଜିଲ୍ଲା ଶିକ୍ଷା ଅଧିକାରୀ ଚି□ରଞ୍ଜନ ପାଣିଗ୍ରାହୀ ବିଭାଗରେ ଚାଲୁଥିବା ସମଗ୍ର ଧାରଣା ଦେଲାବେଳେ ନାମଲେଖା ଅଭିଯାନ, ଡ୍ରପଆଉଟ୍ ପିଲାଙ୍କୁ ସ୍କୁଲକୁ ଫେରାଇ ଆଣିବା, ପାଠ୍ୟପୁସ୍ତକ ଓ ୟୁନିଫର୍ମ ବଣ୍ଟନ, ଶିକ୍ଷକ ଉପସ୍ଥାନ ଓ ପଦବୀ ପୂରଣ, ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା, ସ୍କୁଲ ଭିତ୍ତିଭୂମି ଶ୍ରେଣୀଗୃହ, ଶୌଚାଳୟ, ପାନୀୟ ଜଳ, ବିଜୁଳି , ବୋର୍ଡ ପରୀକ୍ଷାରେ ଭଲ ଫଳାଫଳ, ବ୍ୟୟ ଅଟକଳ , ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ, ପିଏମ୍ ଶ୍ରୀ ସ୍କୁଲ, ଛାତ୍ରାବାସ ଆଦି ମୁଖ୍ୟ ବିଷୟ ଆଲୋଚନା ହେଲା



## ବନ ମହୋତ୍ସବ ପାଳିତ

ଗଞ୍ଜାମ,:ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ଝାରେଡି ରାଧା ଗୋବିନ୍ଦପୁର ସ୍ଥିତ ଗାଣ୍ଡୁ ନାହାକ ହାଇସ୍କୁଲରେ ୭୭ ତମ ବନ ମହୋତ୍ସବ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଝାଡେଶ୍ୱର ପଲେଇ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ କେଶପୁର ସେକ୍ସନ ବନ୍ୟ ପ୍ରାଣୀ ବନପାଳ ବଳରାମ ସାହୁ, ମୁଖ୍ୟବକ୍ତା ଭାବେ ପ୍ରକୃତି ବନ୍ଧୁ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ,ସମ୍ମାନିତ ଅତିଥି ଭାବେ ରମ୍ଭା ହାଇସ୍କୁଲ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବାଳ କୃଷ୍ଣ ମହାରଣା, ଝାରେଡି ରାଧା ଗୋବିନ୍ଦ ପୁର ସରପଞ୍ଚ ସିଦ୍ଧେଶ୍ୱର ନାହାକ, ପ୍ରମୁଖ ଯୋଗ ଦେଇଥିଲେ।

## ନାଳ ରେ ବୁଡି ଜଣେ ମୃତ

ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ଥାନା ଟାଙ୍ଗରପଡା ପଂଚାୟତ ଅନ୍ତର୍ଗତଅଙ୍କୁରା ଗ୍ରାମ ନିକଟ ସ୍ଥିତ ମାଟିଆ ନାଳ କୁ ଗାଧେଇ ବାକୁ ଯାଇ ପାଣିରେ ବୁଡି ଯୁବକ ର ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ଶୁକଦେବ ନାଏକ ଙ୍କ ପୁଅ ବିଜୟ କୁମାର ନାଏକ ବୋଲି ଜଣାପଡିଛି । ସୂଚନା ରୁ ପ୍ରକାଶ ସୋମବାର ଦିନ ୧୨ଟା ସମୟ ରେ ବିଜୟ ଘରୁ ଗ୍ରାମ ନିକଟ ସ୍ଥିତ ମାଟିଆ ନାଳ କୁ ଗାଧେଇ ବାକୁ ଆସି ଘର କୁ ଫେରି ନ ଥିଲେ। ପରିବାର ଲୋକେ ବିଜୟ ଙ୍କୁ ବହୁ ଖୋଜା ଖୋଜି ପରେ ବି ସୋମବାର ପାଇ ଥିଲେ। ମଙ୍ଗଳବାର ଦିନ ସକାଳୁ ପୁଣି ମାଟିଆ ନାଳ କୁ ଆସି ପାଣି ଭିତରେ ଖୋଜାଖୋଜି ପରେ ନାଳ ଭିତର ଏକ ପଥର ଖୋଲ ଭିତରେ ଖୋଜି ପାଇ ପୋଲିସ ଓ ଅଗ୍ନିଶମ ବିଭାଗ କୁ ଖବର ଦେଇ ଥିଲେ। ଖବର ପାଇ ପାଟଣା ପୋଲିସ ଅତିରିକ୍ତ ଥାନା ଅଧିକାରୀ ଗୌରହରି ଗ୍ରାଡିଆ ଓ ଅଗ୍ନିଶମ ଅଧିକରୀ ଗୌର ମୋହନ ହେମ୍ବ୍ରମ ଟିମ୍ ଘଟଣାସ୍ଥଳ ରେ ପଞ୍ଚି ମୃତ୍ୟୁ ଦେହ ଉଦ୍ଧାର କରିବା ସହିତ ପାଟଣା ଥାନା ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତ୍ୟୁ ଦେହ କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇ ଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ପୋଲିସ ମୃତ୍ୟୁ ଦେହ ହସ୍ତାନ୍ତର କରାଯାଇଛି ।

## ୭୭ତମ ବନ ମହୋତ୍ସବ ପାଳିତ

ଖଡ଼ିଆଲ(ମହାଭାରତ) ନୂଆପଡା ଜିଲ୍ଲାର ଖଡ଼ିଆଲ କେନ୍ଦୁପତ୍ର ବନାଞ୍ଚଳ ପକ୍ଷରୁ ୭୭ତମ ବନ ମହୋତ୍ସବ ଉତ୍ସାହର ସହ ପାଳିତ ହୋଇଯାଇଛି। କୋଟିପଦର ସ୍ଥିତ କେନ୍ଦୁପତ୍ର ଗୋଦାମ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖଡ଼ିଆଲ କେନ୍ଦୁପତ୍ର ବନଖଣ୍ଡ ଅଧିକାରୀ ଏ. ମାଧବୀଲତା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ।ବନ ମହୋତ୍ସବ ଅବସରରେ ଗୋଦାମ ପରିସରରେ ବିଭିଓ ପ୍ରକାରର ଫଳ ଓ ଛାୟାଦାର ବୃକ୍ଷ ରୋପଣ କରାଯାଇଥିଲା।

## ସଈଁତଳା ରେ ପଲିଥିନ ବଣ୍ଟନ

ଟିଟିଲାଗଡ଼ ( ମହାଭାରତ )ଆଜି ସଇଁତଳା ତହସିଲଦାର ଆଶିଷ ଏକ୍କା ଓ ସଇଁତଳା ଥାନା ଅଧିକାରୀ ଖଗପତି ବିଶ୍ୱାଳ ସଇଁତଲା ବ୍ଲକରେ ହେଇ ଥିବା ଲଗାଣ ବର୍ଷା ରେ ଅନେକ ଲୋକ ଙ୍କ ଘର ଭାଙ୍ଗି ଯାଇ ଥିବା ବେଳେ ବ୍ଲକ ପ୍ରଶାସନ ପକ୍ଷ ରୁ ଗାଁ ଗାଁ ବୁଲି ପଲିଥିନ ସହାୟତା ପ୍ରଦାନ କରାଯାଇଛି । ଡୁଙ୍ଗୁରିପାଲି ପଂଚାୟତ ବାଡ଼ିପଡ଼ା,ତେଣ୍ଡିପାଲି, ଡୃଚ ଉପରେ,ଆମ୍ବପାଲି ପଂଚାୟତ ଗୁଜିଭଟା, ଭେରୁଆଭଟା ଅଞ୍ଚଳ ର ଅନେକ ହିତାଧିକାରୀ ମାନଂକୁ ପଲିଥିନ ବଣ୍ଟନ କରାଯାଇଛି , ସଇଁତଳା ବ୍ଲକ ଅଞ୍ଚଳରେ ଯାହାର ଲଗାଣ ବର୍ଷା ଯୋଗୁଁ ଘର ଗୁଡ଼ିକ ଭାଙ୍ଗି ଯାଇଛି ତାହା କୁ ପଲିଥିନ ଦିଆଯିବ ବୋଲି ତହସିଲ ଦାର କହିଛନ୍ତି। କାର୍ଯ୍ୟକ୍ରମ ରେ ସଇଁତଳା ଥାନା କର୍ମଚାରୀ ଓ ତହସିଲ କର୍ମଚାରୀ ଉପସ୍ଥିତ ରହି ଥିଲେ ।

## ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣକୁ ପ୍ରତିହତ କରିବା ପାଇଁ ପୁରୀରେ ମକଡ୍ରିଲ



ପୁରୀ,: ଓଡ଼ିଶା ପୋଲିସ ,ବୋମା ନିଷ୍କ୍ରିୟକାରୀ ଦଳ, ଡଗ ସ୍କ୍ୱାର୍ଡ ସହଯୋଗରେ ଆଜି ପୁରୀ ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଏହି ମକ ଡ୍ରିଲ କରାଯାଇଥିଲା। ଗୁଣ୍ଡିଚା ମନ୍ଦିର ନିକଟରେ ହୋଇଥିବା ମକ ଡ୍ରିଲରେ ଗହଳି ଭିତରୁ ଆତଙ୍କବାଦୀ ଆସି ବୋମା ବିସ୍ଫୋରଣ କରିବା ସହ ଗୁଳି ଚାଳନା କରି ନିକଟସ୍ଥ ଏକ ବିଲ୍ଡିଂ ରେ ଲୁଚି ଯାଇଥିଲେ।ଏହି ବୋମା ବିସ୍ଫୋରଣ କରିବା ସହ ଗୁଳି ଚାଳନାରେ କିଛି ଲୋକ ଗୁରୁତର ଆହତ ହୋଇଥିଲେ।ଖବର ପାଇଁ ତୁରନ୍ତ ଆମ୍ବୁଲାନ୍ସ ଓ ଓଡ୍ରାଫ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ପ୍ରାଥମିକ ଚିକିତ୍ସା ଯୋଗାଇବା ପରେ ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲ ପଠାଇଥିଲେ। କମାଣ୍ଡୋମାନେ ଅତି ସତର୍କତାର ସହ ଆତଙ୍କବାଦୀ ଲୁଚିଥିବା ବିଲଡିଂକୁ ଘେରାଉ କରିଥିଲେ ।ପରେ ଅତ୍ୟାଧୁନିକ ରୋବଟ ବ୍ୟବହାର କରି ସେହି ବିଲଡିଂ ରେ ଲୁଚି ରହିଥିବା ଆତଙ୍କବାଦୀଙ୍କ ପ୍ରକୃତ ସ୍ଥାନ ଚିହ୍ନଟ କରି ସେମାନଙ୍କୁ ନିହତ କରିଥିଲେ ।ପରେ ଦ୍ୱିତୀୟ ମକ ଡ୍ରିଲ୍ ପୁରୀ ରେଳଷ୍ଟେସନରେ ଅନୁଷ୍ଠିତ ହୋଇଥିଲା। ଆତଙ୍କବାଦୀ ଟ୍ରେନ୍ ଭିତରକୁ ଯାଇ ଅନେକ ଯାତ୍ରୀଙ୍କୁ ପଣବନ୍ଦୀ କରି ରଖିଥିଲେ ।ତୁରନ୍ତ ଖବର ପାଇଁ ଜିଆରପି,ଆରପିଏଫ୍ ,ଓଡ଼ିଶା ପୋଲିସ ସହଯୋଗରେ Special tactical unit (stu),sog କମାଣ୍ଡୋ ସମସ୍ତ ପଣବନ୍ଦୀ ଓ ଆହତ ଯାତ୍ରୀଙ୍କୁ ଉଦ୍ଧାର କରିବା ସହ ଆତଙ୍କବାଦୀଙ୍କୁ ନିପାତ କରିଥିଲେ ।ରଥଯାତ୍ରା ପୂର୍ବରୁ ଏହି ଅଭ୍ୟାସ କରାଯାଇଥିଲା। ସବୁ ବିଭାଗ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା ସହ ସାଧାରଣ ଜନତା ଓ ଯାତ୍ରୀଙ୍କ ସୂଚନା ଓ ସହଯୋଗ ବଳରେ ଯେକୌଣସି ସମ୍ଭାବ୍ୟ ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରତିହତ କରାଯାଇପାରିବ ବୋଲି ପୁରୀ ଏସପି କହିଛନ୍ତି। ରଥଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଯାତ୍ରୀଙ୍କ ସୁରକ୍ଷା ସର୍ବାଧିକ ପ୍ରାଥମିକତା ।ସେହିପରି ଶ୍ରୀମନ୍ଦିର ଓ ରଥଯାତ୍ରା ସବୁବେଳେ ଆତଙ୍କବାଦୀଙ୍କ ଟାର୍ଗେଟ ରେ ଥିବାବେଳେ ସମ୍ଭାବ୍ୟ ଆତଙ୍କବାଦୀ କାର୍ଯ୍ୟକଳାପ ପ୍ରତିହତ କରିବା ପାଇଁ ଏଭଳି ମିଳିତ ମକ ଡ୍ରିଲ୍ ବହୁ ଗୁରୁତ୍ୱପୂର୍ଣ୍ଣ ।

# ଚାଟ୍‌ଜିପିଟି ସହାୟତାରେ ସାଇବର ଆକ୍ରମଣ ଜାପାନରେ ୧୫ ବର୍ଷୀୟ ଛାତ୍ର ଗିରଫ




କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ର ଅପବ୍ୟବହାରକୁ ନେଇ ଜାପାନରୁ ଏକ ଚଞ୍ଚଲ୍ୟକର ମାମଲା ସାମ୍ନାକୁ ଆସିଛି । ଜାପାନର ଜଣେ ୧୫ ବର୍ଷୀୟ ହାଇସ୍କୁଲ ଛାତ୍ର ପ୍ରସିଦ୍ଧ ଆନିମେ ଷ୍ଟ୍ରିମିଂ ପ୍ଲାଟଫର୍ମ ''ବାନ୍ଦାଇ ଚାନେଲ'' ଉପରେ ସାଇବର ଆକ୍ରମଣ କରିବା ପାଇଁ ଏଆଇ 'ଚାଟଜିପିଟି'ର ସହାୟତା ନେଇଥିବା ଅଭିଯୋଗରେ ଟୋକିଓ ପୋଲିସ ଦ୍ୱାରା ଗିରଫ ହୋଇଛି । ଏହି ସାଇବର ଆଟାକ୍ ଯୋଗୁଁ କମ୍ପାନୀର ବ୍ୟବସାୟିକ କାର୍ଯ୍ୟକଳାପ ବାଧାପ୍ରାପ୍ତ ହେବା ସହ ପ୍ରାୟ ୪୬,୮୧୨ ଜଣ ଗ୍ରାହକଙ୍କ ସଦସ୍ୟତା (ସବସ୍କ୍ରିପସନ୍) ସେମାନଙ୍କ ଅଜାଣତରେ ବାତିଲ ବା ଡିଲିଟ୍ ହୋଇଯାଇଥିଲା । ଟୋକିଓ ମେଟ୍ରୋପଲିଟନ ପୋଲିସ ଅନୁଯାୟୀ, ଗତ ନଭେମ୍ବର ୨୦୨୫ରେ ଏହି ନାବାଳକ ଛାତ୍ର ଜଣକ ଉକ୍ତ ଆନିମେ ପ୍ଲାଟଫର୍ମର ସୁରକ୍ଷା ବ୍ୟବସ୍ଥାରେ ଥିବା ଏକ ବୈଷୟିକ ତ୍ରୁଟି ଖୋଜି ପାଇଥିଲା ଏବଂ ପରେ ସେଠାରୁ ଆକାଉଣ୍ଟ ଡିଲିଟ୍ କରିବା ପ୍ରକ୍ରିୟାକୁ ସ୍ୱୟଂଚାଳିତ କରିବା ପାଇଁ ଏକ ମାଲିସିଅସ୍ ସଫ୍‌ଟୱେର୍ ପ୍ରସ୍ତୁତ କରିଥିଲା । ପୋଲିସ ଜେରା ସମୟରେ ଅଭିଯୁକ୍ତ ଛାତ୍ର ଜଣକ ନିଜର ଦୋଷ ସ୍ୱୀକାର କରି କହିଛି, 'ମୁଁ ନିଜେ ସଦସ୍ୟତା ପ୍ରତ୍ୟାହାର ପ୍ରକ୍ରିୟାର ସୋର୍ସ କୋଡ୍ ପ୍ରସ୍ତୁତ କରିଥିଲି, କିନ୍ତୁ ଏଥିରେ ଅଧିକ ସମୟ ଲାଗୁଥିବାରୁ ମୁଁ ଚାଟଜିପିଟିକୁ ଏକ ଭିନ୍ନ ପ୍ରୋଗ୍ରାମିଂ ଭାଷାରେ ଏହାକୁ ଶୀଘ୍ର ଶେଷ କରିବା ପାଇଁ ସହାୟତା ମାଗିଥିଲି ।' ଗତ ନଭେମ୍ବର ୪, ୨୦୨୫ରେ ସେ କମ୍ପାନୀର ସର୍ଭରକୁ ଭୁଲ୍ କମାଣ୍ଡ ପଠାଇ ହଜାର ହଜାର ଆକାଉଣ୍ଟ ବନ୍ଦ କରିଦେଇଥିଲା, ଯାହାକୁ ସ୍ୱାଭାବିକ କରିବା ପାଇଁ କମ୍ପାନୀକୁ ଡିସେମ୍ବର ମାସ ପର୍ଯ୍ୟନ୍ତ ସମୟ ଲାଗିଥିଲା । ପୋଲିସ ଆହୁରି ମଧ୍ୟ କହିଛି ଯେ କମ୍ପାନୀ ତାର ଆକ୍ସେସ୍ ବ୍ଲକ୍ କରିବା ପରେ ମଧ୍ୟ ସେ ନିଜର ଆଇପି ଆଡ୍ରେସ୍ ପ୍ରାୟ ୩୦ ଥର ବଦଳାଇ ଏହି ସାଇବର ଆଟାକ୍ ଜାରି ରଖିଥିଲା । ପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ବେଳେ ଚତୁର୍ଥ ଶ୍ରେଣୀରୁ ନିଜ ଚେଷ୍ଟାରେ ପ୍ରୋଗ୍ରାମିଂ ଶିଖିଥିବା ଏହି ନାବାଳକର କମ୍ପାନୀ ପ୍ରତି କୌଣସି ବ୍ୟକ୍ତିଗତ ଶତ୍ରୁତା ନଥିଲା, ବରଂ ସହଜରେ ଅଧିକ ଆକାଉଣ୍ଟ ଲଗ୍-ଇନ୍ ହୋଇପାରୁଥିବାରୁ ସେ ଏହାକୁ ନିଜର ଟାର୍ଗେଟ୍ ବନାଇଥିଲା । ବର୍ତ୍ତମାନ ପୋଲିସ ଛାତ୍ରଙ୍କ ନାମ ଗୋପନ ରଖିବା ସହ ତାଙ୍କୁ ଗିରଫ କରି ନିଜ ହେପାଜତରେ ରଖିଛି । ସେପଟେ ବାନ୍ଦାଇ ନାମକୋ ଫିଲ୍ମୱାର୍କସ ପକ୍ଷରୁ ପ୍ରଭାବିତ ଗ୍ରାହକମାନଙ୍କୁ ଫିସିଂ ଇମେଲ୍ ପ୍ରତି ସତର୍କ ରହିବାକୁ କୁହାଯିବା ସହ ସେମାନଙ୍କର ସବସ୍କ୍ରିପସନ ଫି' ଫେରସ୍ତ କରାଯାଉଛି ।

## ପୁଣେରେ ଭୁଶୁଡ଼ିଲା ୩ ମହଲା ବିଲ୍ଡିଂ, ଅନେକ ଲୋକ ଫସିଥିବା ଆଶଙ୍କା



ପୁଣେ : ପ୍ରବଳ ବର୍ଷା ଯୋଗୁଁ ଦେଶର ବିଭିନ୍ନ ରାଜ୍ୟରେ ପ୍ରବଳ କ୍ଷୟକ୍ଷତି ହୋଇଛି । ମହାରାଷ୍ଟ୍ରରେ ଅନେକ ସ୍ଥାନରେ ଗୋଟିଏ ପରେ ଗୋଟିଏ ଅଘଟଣ ଚାଲିଛି । ପୁଣେରେ ଏକ ବିଲ୍ଡିଂ ଭୁଶୁଡ଼ିବା ଯୋଗୁଁ ଅନେକ ଲୋକ ଦବିଥିବା ଆଶଙ୍କା କରାଯାଉଛି । ପୁଣେ ଜିଲ୍ଲାର ପିମ୍ପରୀ-ଚିଚୱଡରେ ଏକ ୩ ମହଲା ବିଲ୍ଡିଂ ଭୁଶୁଡି ପଡିଛି । ଅତିକମରେ ୧୬ ଜଣ ଦବିଥିବା ଆଶଙ୍କା କରାଯାଉଛି । ସୂଚନା ମୁତାବକ, ମୋଶୀରେ ଅଳିଆ ଡିପୋ ନିକଟରେ ସ୍ଥିତ ୱେଷ୍ଟ-ଟୁ-ଏନର୍ଜି ପ୍ରୋଜେକ୍ଟରେ ପ୍ରବଳ ବର୍ଷା ଯୋଗୁଁ ୩ ମହଲା ବିଲ୍ଡିଂ ଭୁଶୁଡ଼ି ପଡିଛି । ବିଲ୍ଡିଂ ଭୁଶୁଡିବା ଯୋଗୁଁ ଅତିକମରେ ୧୬ ଜଣ ଲୋକ ଫସିଥିବା ଆଶଙ୍କା କରାଯାଉଛି । ଦ୍ୱିତୀୟ ମହଲାରେ ଫସିଥିବା କର୍ମଚାରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଉଛି । ପ୍ରଥମ ମହଲାରେ କିଛି ଲୋକ ଫସିଥିବା ଆଶଙ୍କା କରାଯାଉଛି । ଜଣଙ୍କ ଅବସ୍ଥା ଗୁରୁତର ବୋଲି ହସପିଟାଲରେ ଭର୍ତ୍ତି କରାଯାଇଛି । ଘଟଣା ସ୍ଥଳରେ ପୋଲିସ, ଦମକଳ ଏବଂ ଉଦ୍ଧାରକାରୀ ଦଳ ରେସକ୍ୟୁ ଅପରେସନ କରୁଛନ୍ତି । ତଳେ ଫସିଥିବା ଲୋକଙ୍କୁ ସୁରକ୍ଷିତ ଉଦ୍ଧାର ପାଇଁ ଚେଷ୍ଟା ଜାରି ରହିଛି । ସ୍ଥାନୀୟ ମେୟର କହିଛନ୍ତି, ଆଡମିନିଷ୍ଟ୍ରେଟିଭ ବିଲ୍ଡିଂ ପୁରୁଣା ଅଳିଆ ପାହାଡ ନିକଟରେ ରହିଥିଲା । ପ୍ରବଳ ବର୍ଷା ଯୋଗୁଁ ଢିଲା ହେବା ଯୋଗୁଁ ବିଲ୍ଡିଂ ଭୁଶୁଡ଼ି ପଡିଥିଲା । ଏଥିରେ ପ୍ରାଇଭେଟ କମ୍ପାନୀର ୧୬ କର୍ମଚାରୀ ବିଲ୍ଡିଂ ଭିତରେ ଫସିଥିବା ଆଶଙ୍କା କରାଯାଉଛି । ଘଟଣା ସ୍ଥଳରେ ଏନଡିଆରଏଫ ଟିମ, ଫାୟର ବ୍ରିଗେଡ ଏବଂ ଆମ୍ବୁଲାନ୍ସ ଟିମ୍ ପହଞ୍ଚି ରେସକ୍ୟୁ ଅପରେସନ ଚାଲୁ କରିଛି ।

## ଗୋଟିଏ ରନ୍‌ୱେରେ ୨ ବିମାନ ମୁହାଁମୁହିଁ

ମୁମ୍ବାଇ : ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦରରେ ଗୋଟିଏ ରନଓ୍ୱେରେ ଏୟାର ଇଣ୍ଡିଆର ବିମାନ ଏବଂ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ବିମାନ ମୁହାଁମୁହିଁ ହେବା ପରେ ମୁମ୍ବାଇ ଏକ ସମ୍ଭାବ୍ୟ ରନଓ୍ୱେ ଦୁର୍ଘଟଣାକୁ ଅଳ୍ପକେ ଏଡ଼ାଇ ଦେଇଥିଲା । ଏୟାର ଇଣ୍ଡିଆର ଜଣେ ମୁଖପାତ୍ରଙ୍କ ଅନୁଯାୟୀ, ମଙ୍ଗଳବାର ରାତିରେ ଏୟାର ଟ୍ରାଫିକ କଣ୍ଟ୍ରୋଲରୁ ଗୋଟିଏ କଲ୍ ? ପରେ ଦିଲ୍ଲୀ ଅଭିମୁଖୀ ଏୟାର ଇଣ୍ଡିଆ ବିମାନ ଏହାର ପ୍ରସ୍ଥାନ ବନ୍ଦ କରି ଉପସାଗରକୁ ଫେରି ଆସିଥିଲା । ପରବର୍ତ୍ତୀ ସମୟରେ ବିମାନର ଆବଶ୍ୟକୀୟ ଯାଞ୍ଚ କରାଯାଇଥିଲା । ଏୟାରଲାଇନ୍ସ କହିଛି ଯେ, ଯାତ୍ରୀମାନଙ୍କୁ ଯଥାଶୀଘ୍ର ଦିଲ୍ଲୀ ପଠାଇବା ପାଇଁ ବିକଳ୍ପ ବ୍ୟବସ୍ଥା କରାଯାଇଥିଲା । କୌଣସି ଆହତ କିମ୍ବା କ୍ଷତି ରିପୋର୍ଟ ହୋଇନାହିଁ । ଦୁଇଟି ବିମାନ କିପରି ସମାନ ରନଓ୍ୱେରେ ଆସିଲା ତାହା ତୁରନ୍ତ ସ୍ପଷ୍ଟ ହୋଇନାହିଁ, ଏବଂ କର୍ତ୍ତୃପକ୍ଷ ଏପର୍ଯ୍ୟନ୍ତ ଏହି ଘଟଣା ପାଇଁ ପରିସ୍ଥିତି ବିଷୟରେ ଅଧିକ ବିବରଣୀ ପ୍ରକାଶ କରିନାହାନ୍ତି ।

## ଚାରି ଦଶନ୍ଧି ତଳେ କାଶୀ ବିଶ୍ୱନାଥ ମନ୍ଦିରରେ ହୋଇଥିଲା ଚୋରି; ସରକାରଙ୍କ ହାତକୁ ଚାଲି ଯାଇଥିଲା ମନ୍ଦିର ପରିଚାଳନା ଦାୟିତ୍ୱ

ଇନ୍ଦୋର : ଅଯୋଧ୍ୟା ରାମ ମନ୍ଦିରରେ ଚୋରି ଘଟଣା ସାରା ଦେଶକୁ ଆଶ୍ଚର୍ଯ୍ୟ ଚକିତ କରିଦେଇଥିବାବେଳେ ଦେଶରେ ମନ୍ଦିର ଚୋରି ଘଟଣାର ଏହା ପ୍ରଥମ ଉଦାହରଣ ନୁହେଁ । କିନ୍ତୁ ଚୋରି ଯେ, କେବଳ ସୁନା, ରୁପା, ନଗଦ ଅର୍ଥରାଶି କିମ୍ବା ମୂଲ୍ୟବାନ ସାମଗ୍ରୀକୁ ନେଇ ହୋଇନଥାଏ । ବରଂ ଏପରି ଘଟଣା ମନ୍ଦିର ପରିଚାଳନା କରୁଥିବା ଲୋକଙ୍କ ଉପରୁ ବିଶ୍ୱାସ ଉଠାଇ ଦେଇଥାଏ । ରାମ ଜନ୍ମଭୂମି ଆନ୍ଦୋଳନର ନେତୃତ୍ୱ ନେଇଥିବା ବିଭିନ୍ନ ସଂଗଠନ ମଧ୍ୟରୁ ଗୋଟିଏ ବିଶ୍ୱ ହିନ୍ଦୁ ପରିଷଦ (ଭିଏଚପି) ଶ୍ରୀ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟକୁ କିଏ ପରିଚାଳନା କରିବ ସେ ବିଷୟରେ ନିଜର ମତ ସ୍ପଷ୍ଟ କରିଛି । ଭିଏଚ୍ ?ପି କହିଛି ଯେ, ଶ୍ରୀ ରାମ ଜନ୍ମଭୂମି ମନ୍ଦିରକୁ ସରକାରୀ ନିୟନ୍ତ୍ରଣକୁ ଆଣିବାର ଯେକୌଣସି ପ୍ରୟାସକୁ ଏହା ବିରୋଧ କରିବ । ଭିଏଚପିର ଏହି ଦାବି ଦେଶର ଅନ୍ୟ ଏକ ପ୍ରସିଦ୍ଧ ମନ୍ଦିରକୁ ନେଇ ସ୍ମୃତି ଉଜାଗର କରିଛି । ଚାରି ଦଶନ୍ଧି ତଳେ କାଶୀ ବିଶ୍ୱନାଥ ମନ୍ଦିରରେ ଏକ ଚୋରି ଘଟଣା ଯୋଗୁ ମନ୍ଦିର ପରିଚାଳନା ଦାୟିତ୍ୱ ସରକାରଙ୍କୁ ହାତକୁ ଆସି ଯାଇଥିଲା । ଜାନୁଆରି ୧୯୮୩ ମସିହାରେ କାଶୀ ବିଶ୍ୱନାଥ ମନ୍ଦିରର ଗର୍ଭଗୃହ ଭିତରେ ବଡ଼ଧରଣର ଚୋରି ହୋଇଥିଲା ।

## ଅଜବ ଘଟଣା, ସିଙ୍ଗଡା କିଣିବାକୁ ଟ୍ରେନ ଅଟକାଇ ଚାଲିଗଲେ ଲୋକୋ ପାଇଲଟ, ଭିଡିଓ ଭାଇରଲ



ଇନ୍ଦୋର : ସିଙ୍ଗଡ଼ା ପାଇଁ ଅଧା ବାଟରେ ଅଟକିଲା ଟ୍ରେନ୍ । ଗାଡି ଅଟକାଇ ସିଙ୍ଗଡ଼ା କିଣିଲେ ଲୋକୋ ପାଇଲଟ୍ । ମଧ୍ୟପ୍ରଦେଶରେ ଇନ୍ଦୋରରେ ଦେଖିବାକୁ ମିଳିଛି ଏଭଳି ଅଜବ ଘଟଣା । ଯାହାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରଲ ହେଉଛି । ଲୋକୋ ପାଇଲଟଙ୍କ ଏଭଳି କାମ ଦେଖି ଲୋକଙ୍କ ମୁଣ୍ଡ ଟିଣ ହୋଇଯାଇଛି । ଖବର ମୁତାବକ, ମନ୍ଦୁର ଏବଂ ଇନ୍ଦୋର ରାଉ ମଧ୍ୟରେ ରଙ୍ଗବାସା ନିକଟରେ ଇନ୍ଦୋର-ମହୁ ଡେମୁ ଟ୍ରେନ୍ କିଛି ମିନିଟ୍ ପାଇଁ ଅଟକିଥିଲା ।ସମସ୍ତେ ଭାବିଥିଲେ କିଛି ବୋଧେ ଅଘଟଣ ହୋଇଯାଇଛି । କିନ୍ତୁ ଟ୍ରେନଟି ୧୦ ମିନିଟ ଅଟକିଥିବା ଦେଖି ଯାତ୍ରୀମାନେ ବିରକ୍ତି ଭାବ ପ୍ରକାଶ କରିଥିଲେ । କିନ୍ତୁ ଲୋକୋ ପାଇଲଟ୍ ଜଣକ ଟ୍ରେନ ଛିଡା କରି ସିଙ୍ଗଡ଼ା କିଣିବାକୁ ଯାଇଥିଲେ । ଆଉ ଏହି ସମୟରେ ସ୍ଥାନୀୟ ଲୋକମାନେ ତାଙ୍କର ଭିଡିଓ କରି ଦେଇଥିଲେ । ସୋସିଆଲ ମିଡିଆରେ ଏହି ଭିଡିଓଟି ଖୁବ୍ ଭାଇରଲ୍ ହେଉଛି । ସୋସିଆଲ ମିଡିଆରେ ୟୁଜରମାନେ ଏହାକୁ ଟ୍ରୋଲ୍ କରୁଛନ୍ତି । ସଂପୃକ୍ତ ଲୋକୋ ପାଇଲଟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଘଟଣା ସାମ୍ନାକୁ ଆସିବା ପରେ ରେଲୱେ ଏହାକୁ ଗୁରୁତର ସହ ନେଇଛି । ରେଲୱେ ଜନ ସମ୍ପର୍କ ଅଧିକାରୀ ମୁକେଶ କୁମାର କହିଛନ୍ତି ଯେ, ଏହି ଭାଇରଲ୍ ଭିଡିଓକୁ ଯାଞ୍ଚ କରିବା ପାଇଁ ପଠାଯାଇଛି । କେଉଁ କାରଣ ପାଇଁ ଟ୍ରେନ୍ ଅଟକାଯାଇଥିଲା ତାହାର ତଦନ୍ତ ହେବ । ଲୋକୋ ପାଇଲଟ୍ ଯଦି ବ୍ୟକ୍ତିଗତ କାରଣ ପାଇଁ ଟ୍ରେନ୍ ଅଟକାଇଥିବେ ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ।

# ଲସ୍କର-ଇ-ତୋଏବାର ଟପ୍ କମାଣ୍ଡର ଜାକିର ଗନିକୁ ଏନ କାଉଣ୍ଟର



ସୁରକ୍ଷା ଏଜେନ୍ସିଗୁଡ଼ିକର ସୂଚନା ଅନୁଯାୟୀ, ଜାକିର ଗନି ଅନେକ ଆତଙ୍କବାଦୀ କାର୍ଯ୍ୟକଳାପରେ ସାମିଲ ଥିଲା ଏବଂ ପହଲଗାମ ଆକ୍ରମଣ ପଛରେ ମଧ୍ୟ ତାର ପ୍ରମୁଖ ହାତ ଥିଲା । ସେନା ଅଧିକାରୀଙ୍କ ସୂଚନା ଅନୁଯାୟୀ, ଗତ ଜୁଲାଇ ୩ ତାରିଖରେ ମିମାନ୍ଦର ଅଞ୍ଚଳର ଏକ ଘଞ୍ଚ ଜଙ୍ଗଲରେ ଲାଗିଥିବା ସର୍ଭିଲାନ୍ସ କ୍ୟାମେରାରେ ଦୁଇଜଣ ଆତଙ୍କବାଦୀଙ୍କ ଗତିବିଧି ନଜରକୁ ଆସିଥିଲା । ଏହାପରେ ଭାରତୀୟ ସେନା, ଜମ୍ମୁ-କାଶ୍ମୀର ପୁଲିସ ଏବଂ ସିଆରପିଏଫ ପକ୍ଷରୁ ସେହି ଅଞ୍ଚଳରେ ଏକ ମିଳିତ ସର୍ଚ୍ଚ ଅପରେସନ ଆରମ୍ଭ କରାଯାଇଥିଲା । ସେନା ଗତିବିଧି ବଢ଼ିବା ଦେଖି ଲୁଚି ରହିଥିବା ଆତଙ୍କବାଦୀ ଜାକିର ଓ ଲତିଫ୍ ପ୍ରଥମେ ଗୁଳିଚାଳନା କରିଥିଲେ । ଏହାର ଜବାବରେ ସୁରକ୍ଷାବଳ ପକ୍ଷରୁ ମଧ୍ୟ ପାଲଟା ଗୁଳିଚାଳନା କରାଯାଇଥିଲା । ଆତଙ୍କବାଦୀମାନେ ଯେପରି ଘଞ୍ଚ ଜଙ୍ଗଲର ସୁଯୋଗ ନେଇ ଫେରାର ନ ହୋଇପାରିବେ, ସେଥିପାଇଁ ସେନାର ସ୍ପେଶାଲ ଆଣ୍ଟି-ଟେରର୍ ୟୁନିଟ୍ ଭିକ୍ଟରଫୋର୍ସକୁ ମୁତୟନ କରାଯାଇଥିଲା । ସେନା ଅଧିକାରୀ କହିଛନ୍ତି ଯେ, ଘଞ୍ଚ ଜଙ୍ଗଲରେ ଆତଙ୍କବାଦୀମାନେ ଲୁଚି ରହୁଛନ୍ତି ଏବଂ ସେମାନେ ଖସିଯିବାକୁ ଚେଷ୍ଟା କରୁଛନ୍ତି । ଏହାକୁ ଦୃଷ୍ଟିରେ ରଖି ସୁରକ୍ଷାବଳ ପକ୍ଷରୁ ସାରା ଅଞ୍ଚଳରେ କଡ଼ା ନଜର ରଖାଯିବା ସହ ରାତିରେ ସର୍ଚ୍ଚ ଅପରେସନ ପାଇଁ ଆଲୋକର ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ସୁରକ୍ଷା ଏଜେନ୍ସିର ରେକର୍ଡ ଅନୁଯାୟୀ, ନିହତ ଜାକିର ଗନି ଏବଂ ତାର ସହଯୋଗୀ ଲତିଫ୍ କାଶ୍ମୀରର କୁଲଗାମ ଜିଲ୍ଲାର ବାସିନ୍ଦା । ଜାକିର ୨୦୨୪ ମସିହାରୁ ଲସ୍କର ସହ ଜଡ଼ିତ ଥିବାବେଳେ ଲତିଫ୍ ଗତବର୍ଷ ଏହି ସଂଗଠନରେ ସାମିଲ ହୋଇଥିଲା । ବର୍ତ୍ତମାନ ସମୟରେ ଉପତ୍ୟକାରେ ଆକ୍ରମଣ ପାଇଁ ବିଦେଶୀ ଆତଙ୍କୀଙ୍କ ବ୍ୟବହାର ବଢୁଥିବା ବେଳେ, ଜାକିର ଓ ଲତିଫ୍ ଭଳି ସ୍ଥାନୀୟ ଆତଙ୍କବାଦୀଙ୍କୁ ନିପାତ କରିବା ଅତ୍ୟନ୍ତ ଜରୁରୀ ଥିଲା । ଏହାଦ୍ୱାରା ଆତଙ୍କବାଦୀଙ୍କ ସ୍ଥାନୀୟ ନେଟୱର୍କ ଦୁର୍ବଳ ହେବ ଏବଂ ସ୍ଥାନୀୟ ଯୁବକମାନଙ୍କୁ ଆତଙ୍କବାଦୀ ସଂଗଠନରେ ଭର୍ତ୍ତି ହେବାରୁ ରୋକାଯାଇପାରିବ । ଶୋପିଆନ ଅଞ୍ଚଳରେ ଏବେ ବି ସୁରକ୍ଷାବଳ ପକ୍ଷରୁ ସର୍ଚ୍ଚ ଅପରେସନ ଜାରି ରହିଛି ।

## ସ୍ପେନ୍ ସହ ସମସ୍ତ ବ୍ୟାପାରିକ ସମ୍ପର୍କ ଛିନ୍ନ କରିବାକୁ ଟ୍ରମ୍ପଙ୍କ ନିର୍ଦ୍ଦେଶ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୁଧବାର ନାଟୋ ସମ୍ମିଳନୀ ଅବସରରେ ଆମେରିକାର ଟ୍ରେଜେରୀ ସେକ୍ରେଟେରୀ ସ୍କଟ୍ ବେସେଣ୍ଟଙ୍କୁ ସ୍ପେନ୍ ସହ ସମସ୍ତ ପ୍ରକାର ବାଣିଜ୍ୟିକ ସମ୍ପର୍କ ତୁରନ୍ତ ଛିନ୍ନ କରିବାକୁ କହିଛନ୍ତି । ତୁର୍କୀର ଅଙ୍କାରାଠାରେ ଆୟୋଜିତ ନାଟୋ ସମ୍ମିଳନୀର ପ୍ରାରମ୍ଭରେ ସଙ୍ଗଠନର ମହାନିର୍ଦ୍ଦେଶକ ମାର୍କ ରୁଟେଙ୍କ ସହ ସାମ୍ବାଦିକମାନଙ୍କୁ ସମ୍ବୋଧିତ କରି ସ୍ପେନକୁ ନାଟୋ ସାମରିକ ମେଣ୍ଟର ଏକ 'ଅତି ଖରାପ ଅଂଶୀଦାର' ଭାବେ ଟ୍ରମ୍ପ ବର୍ଣ୍ଣନା କରିଛନ୍ତି । ସେ ସ୍ପେନ୍ ସହ କୌଣସି ପ୍ରକାର ବ୍ୟବସାୟ କରିବାକୁ ଚାହାଁନ୍ତି ନାହିଁ ବୋଲି ସ୍ପଷ୍ଟ କରିବା ସହ ନିଜ ଅଧିକାରୀଙ୍କୁ ସେମାନଙ୍କ ସହ ଆଦୌ କଥା ନହେବାକୁ କହିଛନ୍ତି । ଟ୍ରମ୍ପଙ୍କ ଏହି କଠୋର ଆଭିମୁଖ୍ୟ ପଛରେ ଦୀର୍ଘ ଦିନର ସାମରିକ ଓ ରାଜନୈତିକ ବିବାଦ ରହିଛି । ସ୍ପେନ୍ ନାଟୋର ଜିଡିପିର ୫ ପ୍ରତିଶତ ପ୍ରତିରକ୍ଷା କ୍ଷେତ୍ରରେ ଖର୍ଚ୍ଚ କରିବା ପ୍ରସ୍ତାବକୁ ଗ୍ରହଣ କରିନଥିବା ବେଳେ, ସେଠାକାର ସରକାର ଇରାନ ସହ ସଂଘର୍ଷ ସମୟରେ ଆମେରିକାକୁ ସ୍ପେନର ଆକାଶମାର୍ଗ ଓ ସାମରିକ ଘାଟି ବ୍ୟବହାର କରିବାକୁ ମଧ୍ୟ ବାରଣ କରିଥିଲା । ସ୍ପେନରେ ଆମେରିକାର ଦୁଇଟି ପ୍ରମୁଖ ସାମରିକ ଘାଟି 'ରୋଟା ନାଭାଲ ଷ୍ଟେସନ' ଏବଂ 'ମୋରୋନ୍ ଏୟାର ବେସ୍' ରହିଛି, ଯାହା ଭୂମଧ୍ୟସାଗରୀୟ ଅଞ୍ଚଳରେ ଆମେରିକାର ଅପରେସନ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ଗତ ମାର୍ଚ୍ଚ ମାସରେ ସ୍ପେନ୍ ଏହି ମିଳିତ ଘାଟିଗୁଡ଼ିକୁ ଇରାନ ବିରୋଧୀ ମିଶନ ପାଇଁ ବ୍ୟବହାର କରିବାକୁ ଆମେରିକା ସେନାକୁ ସଫା ସଫା ମନା କରିଦେଇଥିଲା, ଯାହାକୁ ନେଇ ଆମେରିକା ପ୍ରତିରକ୍ଷା ବିଭାଗ ପେଣ୍ଟାଗନ୍ ସ୍ପେନକୁ ନାଟୋ ମେଣ୍ଟରୁ ନିଲମ୍ବିତ କରିବା ନେଇ ମଧ୍ୟ ଚର୍ଚ୍ଚା କରୁଥିଲା । ସେପଟେ ଟ୍ରମ୍ପଙ୍କ ଏହି ବାଣିଜ୍ୟିକ ପ୍ରତିବନ୍ଧକ ଧମକ ଉପରେ ପ୍ରତିକ୍ରିୟା ରଖି ସ୍ପେନ୍ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ କହିଛି ଯେ, ସେମାନେ ଏହାକୁ ଏକ 'ସାଧାରଣ ବ୍ୟବସାୟିକ ପ୍ରକ୍ରିୟା' ଭାବେ ଦେଖୁଛନ୍ତି । ଆମେରିକା ସହ ସ୍ପେନର ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ସମ୍ପର୍କ ସର୍ବଦା ଉତ୍କୃଷ୍ଟ ରହିଛି ଏବଂ ଏଥିରେ କୌଣସି ପରିବର୍ତ୍ତନ କରିବାର ଉଦ୍ଦେଶ୍ୟ ସ୍ପେନର ନାହିଁ ବୋଲି ସରକାରୀ ବୟାନରେ କୁହାଯାଇଛି ।

## ଟାୟାର ପଙ୍ଗଚର ସଜାଡ଼ିବା ବେଳେ ମାଡ଼ିଗଲା ଟ୍ରକ, ଦୁଇ ଭାଇ ସମେତ ୪ ମୃତ

ଉତ୍ତରପ୍ରଦେଶ : ଉତ୍ତର ପ୍ରଦେଶ କୌଶାମ୍ବୀ ଜିଲ୍ଲା ପ୍ରୟାଗରାଜ-କାନପୁର ହାଇଓ୍ୱେରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଏକ ଅଜ୍ଞାତ ପିକଅପ୍ ଗାଡିର ଟାୟାର ପଙ୍ଗଚର ହୋଇଥିବାରୁ ଏମାନେ ରାସ୍ତା କଡ଼ରେ ଠିଆ ହୋଇଥିବା ବେଳେ ଏକ ଟ୍ରକ ପଛରୁ ଆସି ଧକ୍କା ଦେଇଥିଲା । ଫଳରେ ଦୁର୍ଘଟଣାରେ ସମସ୍ତ ଚାରି ଜଣଙ୍କର ମୃତ୍ୟୁ ଘଟିଛି । ପୋଲିସ ମୃତଦେହଗୁଡ଼ିକୁ ଜବତ କରି ପୋଷ୍ଟମର୍ଟମ ପାଇଁ ପଠାଇଛି । ଘଟଣା ସ୍ଥଳରୁ ଟ୍ରକ ଡ୍ରାଇଭର ଫେରାର ହୋଇଯାଇଥିବା ଜଣାପଡିଛି । ଖବର ମୁତାବକ, ସନ୍ଦିପାନ ଘାଟ ଥାନା ଅଞ୍ଚଳର ବାସିନ୍ଦା ଅନଓ୍ୱର ମଙ୍ଗଳବାର ରାତିରେ ସେମାନଙ୍କ ପିକଅପରେ ଲୋଡ୍ ହୋଇଥିବା ଏକ ଲୁହା ଖଟ ଧରି ଉନ୍ନାଓ ଯାଉଥିବା ବେଳେ ସେମାନଙ୍କ ପିକଅପ୍ ଟାୟାର ପଙ୍କଚର ହୋଇଗଲା । ରାସ୍ତାକଡ଼ରେ ଠିଆ ହୋଇଥିବା ଗାଡ଼ିର ଟାୟାର କାଢିବା ସମୟରେ ପଛରୁ ଆସୁଥିବା ଏକ ଦ୍ରୁତଗାମୀ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା । ଫଳରେ ଦୁର୍ଘଟଣାରେ ସମସ୍ତ ଚାରି ଜଣଙ୍କର ମୃତ୍ୟୁ ଘଟିଛି । ସ୍ଥାନୀୟ ବାସିନ୍ଦାଙ୍କଠାରୁ ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କ ସହାୟତାରେ ସମସ୍ତ ଆହତଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ହସ୍ପିଟାଲକୁ ପଠାଇଥିଲେ । ସମସ୍ତ ୪ ଜଣଙ୍କ ଜୀବନ ଚାଲିଯାଇଥିବା ଜଣାପଡିଛି । ପୋଲିସ ସମସ୍ତ ଚାରି ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଇଛି ।



# ମୌସୁମୀର ମହାତାଣ୍ଡବ; ମହାରାଷ୍ଟ୍ରରୁ ଦିଲ୍ଲୀ ଯାଏଁ ବର୍ଷାରେ ବେହାଲ ଜନଜୀବନ



ମହାରାଷ୍ଟ୍ର : ଦେଶରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ଥିବାବେଳେ ପ୍ରବଳ ବର୍ଷା ଯୋଗୁ ମହାରାଷ୍ଟ୍ର, ଗୁଜରାଟ, କେରଳ, ଜମ୍ମୁ-କାଶ୍ମୀରରେ ଭୂସ୍ଖଳନ, ରାସ୍ତାଘାଟ ଜଳବନ୍ଦୀ ହେବା, ଗଛ ଉପୁଡ଼ି ପଡ଼ିବା ପରି ସ୍ଥିତି ଦେଖିବାକୁ ମିଳିଛି । ଦିଲ୍ଲୀ, ରାଜସ୍ଥାନ ପ୍ରବଳ ବର୍ଷା ଯୋଗୁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଛି । ବୁଧବାର ସମଗ୍ର ଏନସିଆରରେ ଜଳବନ୍ଦୀ ଓ ବ୍ୟାପକ ଟ୍ରାଫିକ ସମସ୍ୟା ଦେଖାଯାଇଛି । ସ୍ୱାଭାବିକତା ଫେରାଇ ଆଣିବା ପାଇଁ କର୍ତ୍ତୃପକ୍ଷ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି । ମହାରାଷ୍ଟ୍ରରେ ଜୁଲାଇ ୧ ତାରିଖରୁ ବର୍ଷା ଯୋଗୁ ପାଲଘର ଜିଲ୍ଲାରେ ୧୦ ଜଣ ଲୋକଙ୍କର ମୃତ୍ୟୁ ହୋଇଛି । ମଙ୍ଗଳବାର ସନ୍ଧ୍ୟାରେ ମହାରାଷ୍ଟ୍ରର ଜଲଗାଁଓ ଜିଲ୍ଲାର ଅମଲନେର ସହର ନିକଟରେ ଏକ ପାଣି ଭର୍ତ୍ତି ଖଣିରେ ତିନି ଜଣ କିଶୋର ବୁଡ଼ି ମୃତ୍ୟୁ ହୋଇଛି । ସେମାନଙ୍କ ମଧ୍ୟରୁ ଜଣେ ସେଲଫି ନେବାକୁ ଚେଷ୍ଟା କରିବା ସମୟରେ ଖସି ପଡ଼ିଥିଲା । ପରେ ତାଙ୍କୁ ଉଦ୍ଧାର କରିବାକୁ ଯାଇ ଅନ୍ୟ ଦୁଇଜଣ ମଧ୍ୟ ବୁଡ଼ି ଯାଇଥିଲେ । ବର୍ଷା ପ୍ରଭାବିତ ମହାରାଷ୍ଟ୍ର ଓ ଗୁଜରାଟରେ ଅନେକ ଲୋକଙ୍କର ମୃତ୍ୟୁ ହୋଇଥିବାବେଳେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସେଠାକାର ସ୍ଥିତି ସମୀକ୍ଷା କରିଥିଲେ । କେନ୍ଦ୍ର ଗୃହମନ୍ତ୍ରୀ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ଓ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କ ସହିତ କଥା ହୋଇ କେନ୍ଦ୍ରୀୟ ସହାୟତାର ପ୍ରତିଶ୍ରୁତି ଦେଇଛନ୍ତି । ବୁଧବାର ଦିନ ଉଲ୍ଲାସ ନଦୀରେ ପାଣି ପ୍ରବାହିତ ହେବା ପରେ ମହାରାଷ୍ଟ୍ରର ରାଇଗଡ଼ ଜିଲ୍ଲାର ନେରାଲ ଓ କରଜତ ଷ୍ଟେସନ ମଧ୍ୟରେ ଟ୍ରେନ୍ ସେବା ପ୍ରାୟ ଗୋଟିଏ ଘଣ୍ଟା ପାଇଁ ବନ୍ଦ ରହିଥିଲା । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ବୁଧବାର ଜମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଓମର ଅବଦୁଲ୍ଲାଙ୍କ ସହ କଥା ହୋଇ ପ୍ରବଳ ବର୍ଷା ଯୋଗୁଁ ସୃଷ୍ଟି ହୋଇଥିବା ପରିସ୍ଥିତିର ସମୀକ୍ଷା କରିଛନ୍ତି । ବର୍ଷା ଜନିତ ପ୍ରତିକୂଳ ସ୍ଥିତିର ମୁକାବିଲା କରିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାରର ସହାୟତା ପ୍ରଦାନ କରିବାକୁ ଆଶ୍ୱାସନା ଦେଇଛନ୍ତି । ସୋମବାର ପ୍ରବଳ ବର୍ଷା ଯୋଗୁଁ ହଠାତ୍ ବନ୍ୟା ଆସିବା ଯୋଗୁ ଚେନାବ ଉପତ୍ୟାକାରେ ବ୍ୟାପକ ବାଧା ସୃଷ୍ଟି ହେବା, ଡୋଡା ଜିଲ୍ଲାରେ ରାସ୍ତା ଯୋଗାଯୋଗ ପ୍ରଭାବିତ ହେବା ଓ କିସ୍ତୱାଡ଼ ଜିଲ୍ଲାର ୫୪୦ ମେଗାୱାଟ କ୍ୱାର ଜଳବିଦ୍ୟୁତ ପ୍ରକଳ୍ପର ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଥିଲା । କେରଳର ୱାୟନାଡରେ ଭୂସ୍ଖଳନ ଘଟଣାରେ ତିନି ଜଣଙ୍କ ମୃତ୍ୟୁ ଓ ୯ ଜଣ ନିଖୋଜ ହେବା ପରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ହିମାଚଳ ପ୍ରଦେଶର କୁଲୁ ଜିଲ୍ଲାରେ ମଙ୍ଗଳବାର ବାଦଲ ଫଟା ବର୍ଷା ହୋଇ ସେତୁ ଭାସି ଯାଇଛି । ଲଘୁଚାପ ଓ ପଶ୍ଚିମାଝଡ଼ ପ୍ରଭାବରେ ଦିଲ୍ଲୀ ଓ ଏନ୍‌ସିଆର୍‌ରେ ପ୍ରବଳ ବର୍ଷା ଯୋଗୁ ଗୁରୁଗ୍ରାମ ପୁଲିସ କର୍ପୋରେଟ କମ୍ପାନୀ କର୍ମଚାରୀଙ୍କୁ ୱାର୍କ ଫ୍ରମ୍ ହୋମରେ କାମ କରିବା ପରାମର୍ଶ ଜାରି କରିଛି । ରାଜସ୍ଥାନରେ ପ୍ରବଳ ବର୍ଷା ଯୋଗୁ ବିଭିନ୍ନ ରାସ୍ତା ଓ ବଜାର ପାଣିରେ ବୁଡ଼ି ରହିଛି ।

## ପହଲଗାମ୍ ଆତଙ୍କୀର ଅନ୍ତ

ଜାମ୍ମୁ : ଜାମ୍ମୁ-କାଶ୍ମୀରରେ ସୁରକ୍ଷା ବଳକୁ ବଡ଼ ସଫଳତା । ପହଲଗାମ୍ ଆକ୍ରମଣ ସହ ସମ୍ପୃକ୍ତ ଥିବା ଅଭିଯୋଗରେ ଚର୍ଚ୍ଚିତ ଲସ୍କର-ଇ-ତୋଇବାର ଜଣେ ଶୀର୍ଷ କମାଣ୍ଡରଙ୍କ ମୃତଦେହ ଉଦ୍ଧାର ହୋଇଛି । ଶୋପିଆନ ଜିଲ୍ଲାର ଜଙ୍ଗଲ ଅଞ୍ଚଳରୁ ମୃତଦେହ ମିଳିଥିବା ବେଳେ, ଘଟଣାସ୍ଥଳରୁ ଅସ୍ତ୍ରଶସ୍ତ୍ର ମଧ୍ୟ ଜବତ କରାଯାଇଛି । ଏହି ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯାଇଛି । ସୂଚନା ଅନୁସାରେ, ନିହତ ଆତଙ୍କବାଦୀର ନାମ ଜାକିର ଗୁନାଇ ବୋଲି କୁହାଯାଉଛି । ସେ ଲସ୍କର-ଇ-ତୋଇବା ସଂଗଠନର ଜଣେ ସକ୍ରିୟ କମାଣ୍ଡର ଥିଲେ ଏବଂ ପହଲଗାମ୍ ଅଞ୍ଚଳରେ ହୋଇଥିବା ଆତଙ୍କୀ କାର୍ଯ୍ୟକଳାପ ସହ ସମ୍ପୃକ୍ତ ଥିବା ଅଭିଯୋଗ ରହିଛି । ଗତ ଶନିବାର ଶୋପିଆନରେ ସୁରକ୍ଷା ବଳ ଓ ଆତଙ୍କବାଦୀଙ୍କ ମଧ୍ୟରେ ହୋଇଥିବା ଏନକାଉଣ୍ଟର ବେଳେ ଜାକିର ଗୁନାଇ ଗୁଳିବିଦ୍ଧ ହୋଇ ଜଙ୍ଗଲକୁ ଫେରାର ହୋଇଯାଇଥିଲା । ଏହା ପରେ ସେନା, ଜାମ୍ମୁ-କାଶ୍ମୀର ପୁଲିସ ଏବଂ ସିଆରପିଏଫ୍‌ର ମିଳିତ ଟିମ୍ ବ୍ୟାପକ ସର୍ଚ୍ଚ ଅପରେସନ୍ ଚଳାଇଥିଲେ ।

## ଆଜି ଚତୁର୍ଥ ଟି-୨୦ : ସିରିଜ ବଞ୍ଚାଇବାକୁ ଶେଷ ସୁଯୋଗ

# ଭାରତର ବ୍ୟାଟିଂ ବଡ଼ ସମସ୍ୟା

ପ୍ରସାରଣ: ସୋନି ସ୍ପୋର୍ଟସ, ସୋନି ଲିଭ୍
ସମୟ: ରାତି ୧୦.୦୦

ନୂଆଦିଲ୍ଲୀ,୦୮।୦୭; ଟି-ଟ୍ୱେଣ୍ଟି ବିଶ୍ୱକପ ବିଜୟୀ ଟିମ୍ । ଶକ୍ତିଶାଳୀ ଦଳ । ନୂଆ ନେତୃତ୍ୱ ନୂଆ ଖେଳାଳି । ତଥାପି ଦଳର ଅବସ୍ଥା ଶୋଚନୀୟ । ଆୟର୍ଲାଣ୍ଡ ପରି ଦୁର୍ବଳ ଦଳଠାରୁ ଟି-ଟ୍ୱେଣ୍ଟି ସିରିଜ ହାରିବା ପରେ ଏବେ ଇଂଲଣ୍ଡ ଆଗରେ ବି ଟଳମଳ । ଚାମ୍ପିଅନ ଦଳ ଭାରତର କଣ ହୋଇଛି କେଉଁଠି ରହୁଛି ତ୍ରୁଟି ୭୦ ବଲର ସାମ୍ନା କରି ମାତ୍ର ୭୬ ରନରେ ଅଲଆଉଟ୍ । ଟମ୍ ଇଣ୍ଡିଆର ସବୁଠୁ ବଡ଼ ପରାଜୟ । ଘରୋଇ ଇଂଲଣ୍ଡ ଓ ଭାରତ ମଧ୍ୟରେ ଅନୁଷ୍ଠିତ ତୃତୀୟ ଟି-ଟ୍ୱେଣ୍ଟି ମୁକାବିଲାରେ ଇଂଲଣ୍ଡ ୧୨୫ ରନ୍‌ର ବିଜୟ ହାସଲ କରି ୨-୦ରେ ସିରିଜ ଅଗ୍ରଣୀ ହାସଲ କରିଛି । ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଦଳ ୭ ୱିକେଟ୍ ବିନିମୟରେ ୨୦୧ ରନ ସଂଗ୍ରହ କରିଥିଲା । ଜବାବରେ ଭାରତ ୧୧.୪ ଓଭରରେ ୭୬ ରନ କରି ଅଲ୍ ଆଉଟ୍ ହୋଇଯାଇଥିଲା । ଆସନ୍ତାକାଲି ଚତୁର୍ଥ ଟି୨୦ ଅନୁଷ୍ଠିତ ହେବ । ହାତରେ ଆଉ ଦୁଇ ମ୍ୟାଚ୍ ଥିବାବେଳେ ସିରିଜ ଜିତିବା ନ ହେଉ ସିରିଜକୁ ଡ୍ର' ରଖିବାକୁ ହେଲେ ସବୁ ଯାକ ଜିତିବାକୁ ହେବ ।

ୟୁକେ ଗସ୍ତର ପ୍ରଥମ ୩ ମ୍ୟାଚ୍‌ରେ ସଂଜୁ ସାମ୍‌ସନ୍ ବିଫଳ ହେବାରୁ ତାଙ୍କ ସ୍ଥାନରେ ୧୫ ବର୍ଷୀୟ ବାଳକ ବୈଭବ ସୂର୍ଯ୍ୟବଂଶୀଙ୍କୁ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଓ ତୃତୀୟ ଟ୍ୱେଣ୍ଟି-୨୦ରେ ଖେଳାଯାଇଥିଲା । ଏହି ଦୁଇ ମ୍ୟାଚ୍‌ରେ ସୂର୍ଯ୍ୟବଂଶୀ ୧୪ ଓ ୧୩ ରନ୍ କରିବାକୁ ସକ୍ଷମ ହୋଇଥିଲେ । ଏବେ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଚତୁର୍ଥ ମ୍ୟାଚ୍‌ରେ ସଂଜୁଙ୍କୁ ଫେରାଇବାକୁ ଚିନ୍ତା କରୁଛନ୍ତି । ଟ୍ରେଣ୍ଟ ବ୍ରିଜ୍‌ରେ ଘରୋଇ ଦଳ ସମ୍ମୁଖରେ ଆଶ୍ଚର୍ଯ୍ୟଜନକ ଭାରତଆତ୍ମସମର୍ପଣ କରି ଦେଇଥିଲା । ଏହି ମ୍ୟାଚ୍‌ରେ ଜୋଫ୍ରା ଆର୍ଚର ଓ ଜୋସ୍ ଟଙ୍ଗଙ୍କ ବୋଲିଂକୁ ସାମ୍ନା କରି ନପାରି ଭାରତ ମାତ୍ର ୭୬ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା । ଏହି ପ୍ରଦର୍ଶନ ଯୋଗୁଁ ଲଗାତାର ଟ୍ୱେଣ୍ଟି-୨୦ ବିଶ୍ୱକପ୍ ବିଜେତା ଭାରତ ସମାଲୋଚନାର ଶିକାର ହୋଇଛି । ଏବେ ଦଳ ଚତୁର୍ଥ ଟ୍ୱେଣ୍ଟି-୨୦ ଜିତିବାକୁ ନୂଆ କୌଶଳ ସହ ପଡିଆକୁ ଓହ୍ଲାଇବାକୁ ଚିନ୍ତା କରୁଛି । ଦ୍ରୁତ ଆରମ୍ଭ ପାଇଁ ସୂର୍ଯ୍ୟବଂଶୀ ଓ ଅଭିଷେକ ଶର୍ମା ପୂର୍ବ ପରି ଓପନିଂ କରିବେ । ଉପଅଧିନାୟକ ତିଳକ ବର୍ମା ବିଫଳ ହେଉଥିବାରୁ ତାଙ୍କୁ




ନେଇ ଦଳ ଚିନ୍ତାରେ ରହିଛି । ସାମ୍‌ସନ୍ ଫେରିଲେ ମଧ୍ୟକ୍ରମରେ ଅଦଳବଦଳ ହେବ । ଦ୍ରୁତ ବୋଲିଂ ବାହିନୀ ଭଲ କରୁଥିଲା ବେଳେ ସ୍ପିନର୍ ପ୍ରଦର୍ଶନ ଭଲ ରହିନି । ଏଥିରେ କିଛି ମଧ୍ୟ ବଦଳାଇପାରେ ଭାରତୀୟ ମାନେଜ୍‌ମେଣ୍ଟ । ଅନ୍ୟପକ୍ଷରେ ବିଜୟ ଜାରି ରଖିଥିବାରୁ ପୂର୍ବ ଚୂଡାନ୍ତ ଏକାଦଶରେ କେଣସି ପରିବର୍ତ୍ତନ କରି ନପାରେ ଘରୋଇ ଦଳ ।

ଗତକାଲି ଟସ୍ ଜିତି ଭାରତ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା । ପୂର୍ବ ଏକାଦଶରେ ଦଳ ଗୋଟିଏ ପରିବର୍ତ୍ତନ କରିଥିଲା । ରବି ବିଷ୍ଣୋଇଙ୍କ ସ୍ଥାନରେ ପ୍ରିନ୍ସ ଯାଦବ ଏକାଦଶରେ ସ୍ଥାନ ପାଇଥିଲେ । ଇଂଲଣ୍ଡ ଓପନର ଜୋସ ବଟଲର ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ । ଅନ୍ୟ ପଟରେ ସଲ୍ଟ ସତର୍କତାର ସହ ବ୍ୟାଟିଂ କରିଥିଲେ । ପ୍ରଥମ ୱିକେଟ୍‌ରେ ୪୩ ରନ ସଂଗୃହୀତ ହୋଇଥିଲା । ଷଷ୍ଠ ଓଭର ବୋଲିଂ କରିବାକୁ ଆସି ପ୍ରିନ୍ସ ଯୋଡି ଭାଙ୍ଗିଥିଲେ । ବଟଲର ୨୧ଟି ବଲ୍‌ରେ ୪ଚୌକା ଓ ୨ ଛକା ବଳରେ ୩୬ ରନ କରିଥିଲେ । ପ୍ରିନ୍ସ ତାଙ୍କୁ ବୋଲ୍ଡ ଆଉଟ୍ କରିଥିଲେ । ସଲ୍ଟଙ୍କ ସହ ହ୍ୟାରୀ ବ୍ରୁକ ମିଶି ଆଉ ୨୮ ରନ ଯୋଗ କରିଥିଲେ । ଦଳୀୟ ସ୍କର ୭୧ ବେଳେ ବ୍ରୁକ୍ (୧୬)ଙ୍କୁ ଆଉଟ୍ କରିଥିଲେ ପ୍ରିନ୍ସ । ପରେ ପରେ ଜାକବ ବେଥେଲ ୧୩ ଓ ଟମ ବାଣ୍ଟନ କୌଣସି ରନ ନ କରି ପାଭିଲିୟନ ଫେରିଥିଲେ । ସଲ୍ଟ ଗୋଟିଏ ପଟେ ଲଢୁଆ ବ୍ୟାଟିଂ ଜାରି ରଖିଥିଲେ । ସାମ କୁରାନ ଗ୍ରାଉଣ୍ଡକୁ ଓହ୍ଲାଇବା ପରେ ବାଜି ପଲଟିଥିଲା । ଉଭୟ ୪୭ ରନର ଭାଗିଦାରୀ ଗଠନ କରିବା ଫଳରେ ଦଳୀୟ ସ୍କର ୧୫୮ରେ ପହଞ୍ଚିଥିଲା । ୧୭ତମ ଓଭରରେ ସଲ୍ଟଙ୍କୁ ଆଉଟ୍ କରିଥିଲେ ଅକ୍ଷର ପଟେଲ । ସେ ୪୪ଟି ବଲ୍‌ରେ ୭ ଚୌକା ଓ ୩ ଛକା ବଳରେ ୭୦ ରନ କରିଥିଲେ । ଅନ୍ତିମ ଭାଗରେ କୁରାନ ୨୪ଟି ବଲ୍‌ରେ ୪୧ ରନ ସଂଗ୍ରହ କରି ଦଳୀୟ ସ୍କରକୁ ୨୦୧ରେ ପହଞ୍ଚାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ୱିଲ ଜ୍ୟାକ୍ସ ୧୪ (୨ଛକା) ରନ କରିଥିଲେ । ଭାରତ ପକ୍ଷରୁ ପ୍ରିନ୍ସ ଓ ହର୍ଷିତ ରାଣା ୨ଟି ଲେଖାଏଁ ୱିକେଟ୍ ନେଇଥିଲେ । ଜବାବରେ ଭାରତ ଘରୋଇ ବୋଲରଙ୍କ ମୁକାବିଲା କରିପାରି ନଥିଲା । ୧୦ ରନ କରି ଅଭିଷେକ ଶର୍ମା ଆଉଟ୍ ହେବା ପରେ ଆରମ୍ଭ ହୋଇଥିଲା ବିପର୍ଯ୍ୟୟ । କୌଣସି ଖେଳାଳି କ୍ରିଜରେ ଜମି ପାରି ନଥିଲେ । ଜଣକ ପରେ ଜଣେ ଉପସ୍ଥାନ ପକାଇ ପାଭିଲିୟନ ଫେରିଥିଲେ । ତାସ ଘର ପରି ଭାରତର ବ୍ୟାଟିଂ ବିଭାଗ ଭୁଷୁଡି ପଡିଥିଲା । ୮.୨ ଓଭର ବାକି ଥାଇ ଭାରତ ଅଲ୍ ଆଉଟ୍ ହୋଇ ଯାଇଥିଲା । ବୈଭବ ସୂର୍ଯ୍ୟବଂଶୀ ୧୩, ଇଶାନ କିଷନ ୧୩ ଓ ଅକ୍ଷର ପଟେଲ ୧୦ ରନ କରିଥିଲେ । ଅନ୍ୟ କେହି ୨ ଅଙ୍କ ଛୁଇଁ ପାରିନଥିଲେ । ଇଂଲଣ୍ଡ ପକ୍ଷରୁ ଜୋସ ଟଙ୍ଗ ୪ଟି ଓ ଜୋଫ୍ରା ଆର୍ଚର ୩ଟି ୱିକେଟ୍ ଅକ୍ତିଆର କରିଥିଲେ ।

ସମ୍ଭାବ୍ୟ ଭାରତୀୟ ଦଳ: ବୈଭବ ସୂର୍ଯ୍ୟବଂଶୀ, ଅଭିଷେକ ଶର୍ମା, ଈଶାନ କିଶନ (ୱିକେଟ୍‌ରକ୍ଷକ), ଶ୍ରେୟସ ଆୟର (ଅଧିନାୟକ), ତିଳକ ବର୍ମା (ଉପଅଧିନାୟକ)/ସଞ୍ଜୁ ସାମ୍‌ସନ୍, ଶିବମ ଦୁବେ, ଅକ୍ଷର ପଟେଲ, ଅର୍ଶଦୀପ ସିଂହ, ହର୍ଷିତ ରାଣା, ପ୍ରିନ୍ସ ଯାଦବ, ବରୁଣ ଚକ୍ରବର୍ତ୍ତୀ ।

ସମ୍ଭାବ୍ୟ ଇଂଲଣ୍ଡ ଦଳ: ଫିଲ୍ ସଲ୍ଟ, ଜୋସ୍ ବଟଲର (ୱିକେଟ୍‌ରକ୍ଷକ), ହାରି ବ୍ରୁକ୍ (ଅଧିନାୟକ), ଜ୍ୟାକବ୍ ବେଥେଲ, ଟମ୍ ବାଣ୍ଟନ, ସାମ୍ କରନ, ୱିଲ୍ ଜ୍ୟାକ୍ସ, ଲିଅମ ଡ'ସନ୍, ଜୋଫ୍ରା ଆର୍‌ଚର, ଜୋସ ଟଙ୍ଗ, ଆଦିଲ ରସିଦ ।

## ଆଇସିସି ବୋର୍ଡ୍‌କୁ ପଲାନି, ଉସ୍‌ମାନି, ରୁଡି ନିର୍ବାଚିତ

ନୂଆଦିଲ୍ଲୀ,୮।୭: ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ସହଯୋଗୀ ସଦସ୍ୟ ନିର୍ଦ୍ଦେଶକ ଭାବେ ଗୁରୁମୂର୍ତ୍ତି ପଲାନି, ମୁବାସିର ଉସ୍‌ମାନି ଓ ରୁଡି ଭାନ୍ ଭୁରେନ୍ ନିର୍ବାଚିତ ହୋଇଛନ୍ତି । ତେବେ ଅଭିଜ୍ଞ ପ୍ରଶାସକ ଇମ୍ରାନ ଖୱାଜା ଆଶ୍ଚର୍ଯ୍ୟଜନକ ଭାବେ ପରାଜୟର ସମ୍ମୁଖୀନ ହୋଇଛନ୍ତି । ବୁଧବାର ଏଡିନ୍‌ବର୍ଗରେ ଆଇସିସି ବାର୍ଷିକ ସମ୍ମିଳନୀ ଅବସରରେ ଏହି ନିର୍ବାଚନ ହୋଇଥିଲା । ପଲାନି ୩୫, ଉସ୍‌ମାନି ଓ ଭୁରେନ୍ ୨୬ ଲେଖଏଁ ପାଇଥିଲା ବେଳେ ଅନ୍ୟ ଦୁଇ ପ୍ରାର୍ଥୀ ଖୱାଜା ୨୩ ଓ ମହିନ୍ଦା ଭାଲିପୁରମ ୧୯ ଭୋଟ ପାଇଥିଲେ । ପଲାନି ଓ ଭୁରେନ ପ୍ରଥମ ଥର ପାଇଁ ୧୭ ସଦସ୍ୟ ବିଶିଷ୍ଟ ବୋର୍ଡରେ ପ୍ରବେଶ କରିଥିଲା ବେଳେ ବର୍ତ୍ତମାନର ଡେପୁଟି ଚେୟାରମ୍ୟାନ୍ ଖୱାଜାଙ୍କ ପରାଜୟ ସମସ୍ତଙ୍କୁ ବିସ୍ମିତ କରିଛି । ରବିବାର ଲର୍ଡସରେ ଆୟୋଜିତ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଫାଇନାଲ୍‌ରେ ଆଇସିସି ଅଧ୍ୟକ୍ଷ ଜୟ ଶାହଙ୍କ ସହ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ । ଏହାପରେ ବାର୍ଷିକ ସମ୍ମିଳନୀ ପାଇଁ ସ୍କଟଲାଣ୍ଡ ଗସ୍ତ କରିଥିଲେ । ଏଠାରେ ଅନୁଷ୍ଠିତ ଏହି ୪ ଦିନିଆ ସମ୍ମିଳନୀ ୧୧ତାରିଖରେ ଶେଷ ହେବ ।

## ଜିମ୍ବାୱେ ଏବଂ ଏସିଆନ୍ ଗେମ୍ସ ପାଇଁ ଲକ୍ଷ୍ମଣ ମୁଖ୍ୟ କୋଚ୍

ନୂଆଦିଲ୍ଲୀ,୮।୭: ଟିମ୍ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକ ପରିବର୍ତ୍ତନ ହେବାକୁ ଯାଉଛି । ପୂର୍ବତନ କ୍ରିକେଟର ଭିଭିଏସ ଲକ୍ଷ୍ମଣ ଜିମ୍ବାୱେ ଗସ୍ତ ପାଇଁ ଗୌତମ ଗମ୍ଭୀରଙ୍କ ସ୍ଥାନରେ ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ହେବେ । ଲକ୍ଷ୍ମଣ କେବଳ ଜିମ୍ବାୱେ ସିରିଜ ପାଇଁ ନୁହେଁ ବରଂ ୨୦୨୬ ଏସୀୟ କ୍ରୀଡା ପାଇଁ ମଧ୍ୟ ହେଡ୍ କୋଚ୍ ହେବେ । ଭିଭିଏସ ଲକ୍ଷ୍ମଣ ବିସିସିଆଇର ସେଣ୍ଟର ଅଫ୍ ଏକ୍ସଲେନ୍ସ (ସିଓଇ)ର ମୁଖ୍ୟ । ଗୌତମ ଗମ୍ଭୀରଙ୍କ ସ୍ଥାନ ନେଇପାରନ୍ତି ଭିଭିଏସ ଲକ୍ଷ୍ମଣ । ସଞ୍ଜୁ ସାମସନ ଟିମ୍ ଇଣ୍ଡିଆରୁ ବାଦ୍ ପଡିବା ପରେ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କୁ ମଧ୍ୟ ବିଶ୍ରାମ ଦିଆଯାଇପାରେ । ଭାରତୀୟ କ୍ରିକେଟ୍




ଦଳର ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ରହିଥିବାରୁ ଟିମ୍ ଏବଂ କୋଚିଂ ବ୍ୟବସ୍ଥାକୁ ଅଲଗା ଅଲଗା କରିବାକୁ ପଡିଛି ।

କୋଚ୍ ବଦଳାଇବ ଭାରତ- ଏସିଆନ୍ ଗେମ୍ସ ସେପ୍‌ଟେମ୍ବର ୧୯ ରୁ ଅକ୍ଟୋବର ୪ ପର୍ଯ୍ୟନ୍ତ ଜାପାନରେ ଅନୁଷ୍ଠିତ ହେବ । ଭାରତୀୟ ଦଳ ଏସୀୟ ଗେମ୍ସ ପାଇଁ ଜାପାନ ଯାତ୍ରା କରିବ, ଯାହା ପାଇଁ ବିସିସିଆଇ ପୂର୍ବରୁ ଦଳ ଘୋଷଣା କରିଛି । ଏହି ସମୟ ମଧ୍ୟରେ, ୱେଷ୍ଟଇଣ୍ଡିଜ୍ ଦଳ ଭାରତ ଗସ୍ତ କରିବ । ସେପ୍‌ଟେମ୍ବର ୨୭ ରୁ ଅକ୍ଟୋବର ୧୭ ପର୍ଯ୍ୟନ୍ତ ଭାରତ ଏବଂ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ତିନୋଟି ଦିନିକିଆ ଏବଂ ପାଞ୍ଚଟି ଟି-୨୦ ଖେଳାଯିବ । ଏସୀୟ କ୍ରୀଡ଼ା ଏବଂ ଭାରତ-ୱେଷ୍ଟଇଣ୍ଡିଜ୍ ସିରିଜ୍ କାର୍ଯ୍ୟସୂଚୀରେ ମୁକାବିଲା ହେଉଥିବାରୁ, ଗୌତମ ଗମ୍ଭୀର ୱେଷ୍ଟଇଣ୍ଡିଜ୍ ସିରିଜ୍ ପାଇଁ ଏକଦିବସୀୟ ଦଳ ସହିତ ସାମିଲ ହେବେ । ଏହି ସମୟରେ, ଶ୍ରେୟସ ଆୟରଙ୍କ ଅଧିନାୟକତ୍ୱରେ ଥିବା ଟି-୨୦ ଦଳ ଭିଭିଏସ ଲକ୍ଷ୍ମଣଙ୍କ ପ୍ରଶିକ୍ଷିତ ଏସୀୟ କ୍ରୀଡ଼ାରେ ଖେଳିବ । ଲକ୍ଷ୍ମଣ ଜିମ୍ବାୱେ ଗସ୍ତ ପାଇଁ ଟିମ୍ ଇଣ୍ଡିଆର କୋଚ୍ ରହିବେ ଭିଭିଏସ୍ ଲକ୍ଷ୍ମଣ । ଜିମ୍ବାୱେ ଗସ୍ତ ପାଇଁ ଭାରତୀୟ ଦଳର କୋଚିଂ ଷ୍ଟାଫ୍ ମଧ୍ୟରେ ମଧ୍ୟ କିଛି ପରିବର୍ତ୍ତନ ହେବ । ପୂର୍ବତନ ଭାରତୀୟ ସ୍ପିନ୍ ବୋଲର ସୁନୀଲ ଜୋଶୀ ବୋଲିଂ ପ୍ରଶିକ୍ଷକ ହେବେ । ଋଷିକେଶ କାନିତକର ବ୍ୟାଟିଂ ପ୍ରଶିକ୍ଷକ ହେବେ । ଆଶା କରାଯାଉଛି ଯେ, ସେହି ପ୍ରଶିକ୍ଷକ କର୍ମଚାରୀମାନେ ଏସୀୟ କ୍ରୀଡ଼ାରେ ଟିମ୍ ଇଣ୍ଡିଆ ସହିତ ରହିବେ । ଜିମ୍ବାୱେ ଗସ୍ତ ସୂଚୀ- ଆୟରଙ୍କ ନେତୃତ୍ୱରେ ଭାରତୀୟ ଦଳର ଜିମ୍ବାୱେ ଗସ୍ତ ଜୁଲାଇ ୨୩ରୁ ୨୬ ଜୁଲାଇ ପର୍ଯ୍ୟନ୍ତ ରହିଛି । ଦୁଇ ଦଳ ତିନୋଟି ଟି-୨୦ ମ୍ୟାଚ୍ ଖେଳିବେ । ପ୍ରଥମ ମ୍ୟାଚ୍ ୨୩ ଜୁଲାଇ, ଦ୍ୱିତୀୟ ମ୍ୟାଚ୍ ୨୫ ଜୁଲାଇ ଏବଂ ତୃତୀୟ ମ୍ୟାଚ୍ ୨୬ ଜୁଲାଇରେ ଖେଳାଯିବ । ସମସ୍ତ ତିନୋଟି ମ୍ୟାଚ୍ ହରାରେରେ ଖେଳାଯିବ ।

# ୧୩ ମିନିଟ୍‌ରେ ୩ ଗୋଲ୍

## ପରାଜୟ ମୁହଁରୁ ଫେରିଲା ଆର୍ଜେଣ୍ଟିନା, ଇଜିପ୍ଟକୁ ହରାଇ କ୍ୱାର୍ଟରରେ

ନୂଆଦିଲ୍ଲୀ,୮।୭: ମାତ୍ର ୧୩ ମିନିଟ୍ । ଡିଫେଣ୍ଡିଂ ବିଶ୍ୱ ଚାମ୍ପିଅନ ଆର୍ଜେଣ୍ଟିନାର ବିଜୟ ପାଇଁ ବାସ ଏତିକି ସମୟ ଯଥେଷ୍ଟ ସାବ୍ୟସ୍ତ ହୋଇଥିଲା । ୭୮ତମ ମିନିଟ୍ ପର୍ଯ୍ୟନ୍ତ ୦-୨ ଗୋଲରେ ପଛୁଆ ରହିଥିବା ଆର୍ଜେଣ୍ଟିନା ୭୯ରୁ ୯୦+୨ ତମ ମିନିଟ୍ ମଧ୍ୟରେ ୩ଟି ଗୋଲ ଦେଇ ନାଟକୀୟ ବିଜୟ ହାସଲ କରିଥିଲା । ଇଜିପ୍ଟର ସବୁ ଆଶା ପାଣି ଫୋଟକା ପରି ମିଳାଇ ଯାଇଥିଲା । ଆଟଲାଣ୍ଟା ଷ୍ଟାଡିୟମ୍‌ରେ ଅନୁଷ୍ଠିତ ରାଉଣ୍ଡ-୧୬ର ଏହି ମ୍ୟାଚରେ ଆର୍ଜେଣ୍ଟିନା ୩-୨ ଗୋଲ୍‌ରେ ଇଜିପ୍ଟକୁ ହରାଇ କ୍ୱାର୍ଟର ଫାଇନାଲ୍‌ରେ ସ୍ଥାନ ପକ୍କା କରିଛି । ଲିଓନେଲ ମେସି ଗୋଟିଏ ପେନାଲ୍ଟି ହାତଛଡା କରିଥିଲେ ହେଁ ଅନ୍ୟ ଏକ ଗୋଲ୍ ଦେଇ ଗୋଲଡେନ ବୁଟ୍ ପୁରସ୍କାର ଦୌଡରେ ପୁଣି ଥରେ ଅଗ୍ରଣୀ ହାସଲ କରିଛନ୍ତି । ସେ ଇତି ମଧ୍ୟରେ ୫ଟି ମ୍ୟାଚ ଖେଳି ୮ଟି ଗୋଲ ସ୍କୋର କରିସାରିଛନ୍ତି । ସେପଟେ କଲମ୍ବିଆକୁ ୪-୩ (ପେନାଲ୍ଟି)ରେ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି ସ୍ୱିଜରଲାଣ୍ଡ । କ୍ୱାର୍ଟରରେ ଆର୍ଜଣ୍ଟିନା ବନାମ ସ୍ୱିଜରଲାଣ୍ଡ ଏବଂ ବେଲଜିୟମ-ସ୍ପେନ୍ ମୁକାବିଲା ହେବ ।

ମ୍ୟାଚ୍ ଆରମ୍ଭରୁ ଇଜିପ୍ଟର ଚତୁର ରଣନୀତିକୁ ପରଖିବା ପୂର୍ବରୁ ଆର୍ଜେଣ୍ଟିନା ଏକ ଗୋଲ୍ ବରଣ କରିଥିଲା । ୧୫ତମ ମିନିଟ୍ ମରାଓ୍ୱନ ଆଟିଟାଙ୍କ ଏକ ପାସ୍‌କୁ ହେଡ୍ କରି ଗୋଲ୍‌ରେ ପରିଣତ କରିଥିଲେ ୟାସେର ଇବ୍ରାହିମ । ଆର୍ଜେଣ୍ଟିନା ଘନ ଘନ ଆକ୍ରମଣ କରିଥିଲା । ୨୧ତମ ମିନିଟ୍‌କୁ ଆର୍ଜଣ୍ଟିନାକୁ ଏକ




ପେନାଲ୍ଟି ମିଳିଥିଲା । ମାତ୍ର ଲିଓନେଲ ମେସି ଏହାକୁ ଗୋଲରେ ପରିଣତ କରିପାରି ନଥିଲେ । ସେ ଇଜିପ୍ଟର ବକ୍ସ ଭିତରକୁ ସାଥୀ ଖେଳାଳି ନିକୋଲାସ ଟାଗ୍ଲିଆଫିକୋଙ୍କ ନିକଟକୁ ଏକ ପାସ୍ ପଠାଇଥିଲେ ।

ଏହି ସମୟରେ ଟାଗ୍ଲିଆଫିକୋଙ୍କ ବକ୍ସ ଭିତରେ ଫାଉଲ ମାରିଥିଲେ ଇଜିପ୍ଟ ଖେଳାଳି ହାସେମ ହୋସାନ । ଆର୍ଜେଣ୍ଟିନା ପେନାଲ୍ଟି ହାତେଇବାରେ ସଫଳ ହୋଇଥିଲା । ବିଶ୍ୱକପ୍‌ରେ ମେସି ଏପର୍ଯ୍ୟନ୍ତ ମୋଟ୍ ୮ଟି ପେନାଲ୍ଟି ମାରିଛନ୍ତି । ଏଥିରୁ ସେ ୪ଟି ଗୋଲ୍ କରିଥିବା ବେଳେ ଅନ୍ୟ ୪ଟି ହାତଛଡା କରିଛନ୍ତି । ବିଶ୍ୱର ପ୍ରଥମ ଖେଳାଳି ଭାବେ ମେସି ଗୋଟିଏ ବିଶ୍ୱକପ୍‌ରେ ୨ଟି ପେନାଲ୍ଟି ହାତଛଡା କରିଛନ୍ତି । ଗତ କାବୋ ଭେର୍ଡେ ବିପକ୍ଷ ମ୍ୟାଚରେ ମଧ୍ୟ ତାଙ୍କର ଏକ ପେନାଲ୍ଟିକୁ ଗୋଲ୍ କିପର ଭୋଜିନା ଅଟକାଇ ଦେଇଥିଲେ । ଦ୍ୱିତୀୟାର୍ଦ୍ଧରେ ଆର୍ଜଣ୍ଟିନାର ଆକ୍ରମଣ ଜାରି ରହିଥିଲେ ହେଁ ଇଜିପ୍ଟ ସୁଯୋଗ ଦେଖି ପ୍ରତି ଆକ୍ରମଣ କରିବାରେ ସଫଳ ହୋଇଥିଲା । ୫୯ତମ ମିନିଟ୍‌ରେ ଇଜିପ୍ଟ ଦ୍ୱିତୀୟ ଗୋଲ୍ ଦେଇଥିଲା । ମାତ୍ର ଆର୍ଜଣ୍ଟିନା ଫାଉଲ ଅପିଲ କରିଥିଲା । ଭାର ରିଭ୍ୟୁ ପରେ ଫାଉଲ ସ୍ପଷ୍ଟ ହୋଇଥିଲା ଓ ଇଜିପ୍ଟର ଗୋଲ୍ ନାକଚ କରାଯାଇଥିଲା । ଇଜିପ୍ଟ ଅଟକି ନଥିଲା । ଏକ ଦର୍ଶନୀୟ ପ୍ରତି ଆକ୍ରମଣ ବଳରେ ଇଜିପ୍ଟ ଦ୍ୱିତୀୟ ଗୋଲ୍ କରିଥିଲା ।

୬୭ତମ ମିନିଟ୍‌ରେ ହାସେମ ହାସାନଙ୍କ ପାସ୍‌କୁ ମୋସ୍ତାଫା ଜିକୋ ଗୋଲରେ ପରିଣତ କରିଥିଲେ । ପରବର୍ତ୍ତୀ ୧୧ ମିନିଟ୍ ପର୍ଯ୍ୟନ୍ତ କୌଣସି ଗୋଲ ହୋଇ ନଥିଲା । ୭୯ତମ ମିନିଟ୍‌ରେ ଆର୍ଜଣ୍ଟିନା ମ୍ୟାଚକୁ ଫେରିଥିଲା । ମେସିଙ୍କ ଏକ କ୍ରସ୍‌କୁ କ୍ରିଷ୍ଟିଆନ ରୋମେରୋ ଗୋଲ୍‌ରେ ପରିଣତ କରିଥିଲେ । ୪ମିନିଟ୍ ମଧ୍ୟରେ ଆର୍ଜଣ୍ଟିନା ଦ୍ୱିତୀୟ ଗୋଲ୍ ଦେଇ ସ୍ଥିତି ବରାବର କରିଥିଲା । ୮୩ତମ ମିନିଟ୍‌ରେ ମେସି ଗୋଲ୍ କରିଥିଲେ । ଗୋଞ୍ଜାଲୋ ମଣ୍ଟିଲ ତାଙ୍କୁ ଗୋଲ୍‌ରେ ସହାୟତା କରିଥିଲେ । ଚଳିତ ବିଶ୍ୱକପ୍‌ରେ ଏହା ମେସିଙ୍କର ଅଷ୍ଟମ ଗୋଲ ରହିଥିଲା । ମ୍ୟାଚକୁ ଫେରିବା ପରେ ଆର୍ଜଣ୍ଟିନା ଚତୁରତାର ସହ ଇଜିପ୍ଟ ଡିଫେନ୍ସ ଲାଇନ ଭାଙ୍ଗିଥିଲା । ୯୦ +୨ତମ ମିନିଟ୍ରେ ଲୌଟରୋ ମାର୍ଟିନେଜଙ୍କ ଏକ ପାସ୍କୁ ଏଞ୍ଜୋ ଫର୍ଣ୍ଣାଣ୍ଡିଜ ଗୋଲ୍‌ରେ ପରିଣତ କରିଥିଲେ । ଆର୍ଜଣ୍ଟିନା ଅବିଶ୍ୱସନୀୟ ପ୍ରତ୍ୟାବର୍ତ୍ତନ ସହ ବିଜୟ ହାସଲ କରିଥିଲା ।

## ୭୦ବର୍ଷ ପରେ କ୍ୱାର୍ଟରରେ ସ୍ୱିଜରଲାଣ୍ଡ

ଭ୍ୟାଙ୍କୁଭର,୮।୭ ଚଳିତ ଫିଫା ଫୁଟ୍‌ବଲ୍ ବିଶ୍ୱକପ୍‌ର ଏକ ରୋମାଞ୍ଚକ ରାଉଣ୍ଡ୍ ଅଫ୍ ୧୬ ମ୍ୟାଚ୍‌ରେ ସ୍ୱିଜରଲାଣ୍ଡ ପେନାଲ୍ଟି ସୁଟ୍‌ଆଉଟ୍‌ରେ କଲମ୍ବିଆକୁ ୪-୩ (୦-୦) ଗୋଲ୍‌ରେ ହରାଇ ବିଦାୟର ପଥ ଦେଖାଇ ଦେଇଛି । ସ୍ୱିଜରଲାଣ୍ଡ ୭୦ରୁ ଅଧିକ ବର୍ଷ ପରେ ବିଶ୍ୱକପ୍‌ର କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିବା ପରେ ଏହି ଦେଶ ଉତ୍ସବମୁଖର ହୋଇଛି । କ୍ୱାର୍ଟର ଫାଇନାଲ୍‌ରେ ସ୍ୱିଜରଲ୍ୟାଣ୍ଡର ମୁକାବିଲା ଲିଓନେଲ୍ ମେସିଙ୍କ ନେତୃତ୍ୱାଧୀନ ଆର୍ଜେଣ୍ଟିନା ସହ ହେବ ।

ତୀବ୍ର ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ରେ ନିର୍ଦ୍ଧାରିତ ସମୟରେ ଉଭ ଦଳ କେହି କାହାକୁ ଗୋଲ୍ ଦେଇ ପାରି ନଥିଲେ । ସୁଟ୍‌ଆଉଟ୍‌ରେ କିନ୍ତୁ ସ୍ୱିଜରଲାଣ୍ଡ ବାଜି ମାରି ନେଇଥିଲା । ଏହାକୁ ଉତ୍କଣ୍ଠାପୂର୍ଣ୍ଣ ଭାବେ ୪-୩ ଗୋଲ୍‌ରେ ଜିତି କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଥିଲା । ନିର୍ଦ୍ଧାରିତ ସମୟରେ ଉଭୟ ଦଳ ବଲ୍‌କୁ ପାଖାପାଖି ସମାନ ସମୟ ନିୟନ୍ତ୍ରଣରେ ରଖିଥିଲେ । ପ୍ରତିପକ୍ଷଙ୍କ ଗୋଲ୍ ପୋଷ୍ଟ ଉପରେ ଆକ୍ରମଣରେ କଲମ୍ବିଆ କିନ୍ତୁ ଢେର ଆଗରେ ରହିଥିଲା । କଲମ୍ବିଆ ୧୫ଥର ସ୍ୱିଜରଲାଣ୍ଡ ଗୋଲ୍‌ପୋଷ୍ଟକୁ ଆକ୍ରମଣ କରିଥିଲା ବେଳେ ସ୍ୱିଜରଲାଣ୍ଡ ମାତ୍ର ୭ ଥର କଲମ୍ବିଆ ଗୋଲ୍‌ପୋଷ୍ଟ ଉପରେ ଆକ୍ରମଣ କରିଥିଲା । ହେଲେ ସ୍ୱିଜରଲାଣ୍ଡର ସଜାଗ ରକ୍ଷଣଭାଗ ପାଇଁ କଲମ୍ବିଆ ଗୋଲ୍ କରିବାରେ ସକ୍ଷମ ହୋଇଥିଲା । ପୁଣି ସୁଟ୍‌ଆଉଟ୍‌ରେ ଗୋଟିଏ ଗୋଲ୍‌ରେ ପଛରେ ପଡି ବିଦାୟ ନେଇଥିଲା । ସ୍ୱିଜରଲ୍ୟାଣ୍ଡ ପକ୍ଷରୁ ରୁବେନ୍ ଭାର୍ଗାସ୍ ନିର୍ଣ୍ଣାୟକ ପଞ୍ଚମ ପେନାଲ୍ଟିକୁ ସଫଳତାର ସହ ଗୋଲ୍‌ରେ ପରିଣତ କରି ନିଜ ଦଳକୁ ବିଜୟ ଦେଇଥିଲେ । ଅନ୍ୟପଟେ କଲମ୍ବିଆର ଡାଭିନସନ୍ ସାଞ୍ଚେଜ୍‌ଙ୍କ ସଟ୍ କ୍ରସ୍‌ବାର୍‌ରେ ବାଜି ଫେରିଥିବା ବେଳେ କୁଚୋ ହର୍ନାଣ୍ଡେଜ୍‌ଙ୍କ ପେନାଲ୍ଟିକୁ ସ୍ୱିସ୍ ଗୋଲ୍‌ରକ୍ଷକ ଗ୍ରେଗର୍ କୋବେଲ୍ ଅଟକାଇ ଦେଇଥିଲେ । ମ୍ୟାଚ୍ ପୂର୍ବରୁ ଆହତ ହୋଇ ଉଦୀୟମାନ ତାରକା ଜୋହାନ୍ ମାନଜାମ୍ବି ବାଦ୍‌ପଡ଼ିବା ସ୍ୱିଜରଲ୍ୟାଣ୍ଡ ପାଇଁ ବଡ଼ ଝଟକା ଥିଲା । ପ୍ରଥମାର୍ଦ୍ଧରେ କଲମ୍ବିଆ ବଲ୍ ଉପରେ ଅଧିକ ନିୟନ୍ତ୍ରଣ ରଖିଥିଲେ ମଧ୍ୟ ସ୍ପଷ୍ଟ ଗୋଲ୍ ସୁଯୋଗ ସୃଷ୍ଟି କରିପାରି ନଥିଲା । ଦ୍ୱିତୀୟାର୍ଦ୍ଧରେ ମଧ୍ୟ ଦୁଇ ଦଳ ଗୋଲ୍ କରିବାରେ ବିଫଳ ହୋଇଥିଲେ । ଅତିରିକ୍ତ ସମୟରେ କଲମ୍ବିଆର ଝୋନ୍ ଲୁକୁମିଙ୍କ ହେଡର୍ କ୍ରସ୍‌ବାର୍‌ରେ ବାଜିଥିବା ବେଳେ ସ୍ୱିଜରଲ୍ୟାଣ୍ଡର ଜେକି ଆମ୍‌ଡୋଉନିଙ୍କ ପ୍ରୟାସକୁ କାମିଲୋ ଭାର୍ଗାସ୍ ବଞ୍ଚାଇ ଦେଇଥିଲେ । ଜାମିଷ୍ଟନ୍ କାମ୍ପାଜ୍‌ଙ୍କ ନିକଟରେ ମଧ୍ୟ କଲମ୍ବିଆ ପାଇଁ ବିଜୟସୂଚକ ଗୋଲ୍ କରିବାର ସୁଯୋଗ ଥିଲା, କିନ୍ତୁ ସେ ଲକ୍ଷ୍ୟଭ୍ରଷ୍ଟ ହୋଇଥିଲେ ।

## ଆଖିବୁଜିଲେ ଆଫଗାନିସ୍ତାନ କ୍ରିକେଟର ଜାଦ୍ରନ

ନୂଆଦିଲ୍ଲୀ,୮।୭: କ୍ରିକେଟ ଜଗତକୁ ଏକ ଦୁଃଖଦ ଖବର ଆସିଛି । ଆଫଗାନିସ୍ତାନର ପୂର୍ବତନ ଦ୍ରୁତ ବୋଲର ଶାପୁର ଜାଦ୍ରନଙ୍କ ବିୟୋଗ ହୋଇଛି । ଦୀର୍ଘ ଅସୁସ୍ଥତା ପରେ ଆଜି ଭାରତରେ ତାଙ୍କର ଦେହାନ୍ତ ହୋଇଛି । ୩୯ତମ ଜନ୍ମଦିନର ଗୋଟିଏ ଦିନ ପୂର୍ବରୁ ତାଙ୍କର ପରଲୋକ ହୋଇଛି । ତାଙ୍କ ବିୟୋଗ ଖବର ଆଫଗାନିସ୍ତାନ କ୍ରିକେଟ୍ ବୋର୍ଡ ସୋସିଆଲ ମିଡିଆରେ ସେୟାର କରିଛି । ଏବଂ ବୋର୍ଡ ଏହାର ପୂର୍ବତନ ଦ୍ରୁତ ବୋଲର ଶାପୁର ଜାଦ୍ରନଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରିଛି । ଜାଦ୍ରନ 'ହେମୋଫାଗୋସାଇଟିକ୍ ଲିମ୍ଫୋ ହିଷ୍ଟିଓସାଇଟୋସିସ୍'ରେ ପୀଡିତ ଥିଲେ । ଏହି ଗମ୍ଭୀର ରୋଗରେ



ତାଙ୍କ ଅନେକ ଅଙ୍ଗ ଅଚଳ ହୋଇଯାଇଥିଲା । ଗତ କିଛି ମାସ ଧରି ଦିଲ୍ଲୀ-ଏନସିଆର ଚିକିତ୍ସାଧୀନ ଥିଲେ ।

ଗତ ବର୍ଷ ଅକ୍ଟୋବରରେ ଜାଦ୍ରନ୍ ପ୍ରଥମେ ଅସୁସ୍ଥ ହୋଇପଡ଼ିଥିଲେ, ଯାହା ପରେ ଆଫଗାନିସ୍ତାନ ଡାକ୍ତରମାନେ ତାଙ୍କୁ ଚିକିତ୍ସା ପାଇଁ ଭାରତ ଯିବାକୁ ପରାମର୍ଶ ଦେଇଥିଲେ । ସେ ପ୍ରଥମେ ଚିକିତ୍ସାରେ ଭଲ ପ୍ରତିକ୍ରିୟା ଦେଇଥିଲେ ଏବଂ ହସ୍ପିଟାଲରୁ ଡିସଚାର୍ଜ ହୋଇଥିଲେ, କିନ୍ତୁ ୨୦ ଦିନ ପରେ ତାଙ୍କ ସ୍ୱାସ୍ଥ୍ୟ ପୁଣି ଖରାପ ହୋଇଗଲା । ଆଫଗାନିସ୍ତାନ କ୍ରିକେଟ୍ ବୋର୍ଡ ସୋସିଆଲ ମିଡିଆରେ ଜାଦ୍ରନ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ କହିଛି ଯେ ଶାପୁର ଜାଦ୍ରନ୍‌ଙ୍କ ଅବଦାନ ଏବଂ ସଫଳତା ସର୍ବଦା ଆଫଗାନିସ୍ତାନ କ୍ରିକେଟ୍ ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇ ରହିବ ।

ଶାପୁର ଆଫଗାନିସ୍ତାନ ପାଇଁ ଟି-୨୦ ଏବଂ ଏକଦିବସୀୟ ମ୍ୟାଚ୍ ଖେଳିଥିଲେ । ଜାଦ୍ରାନ୍ ଆଫଗାନିସ୍ତାନ ପାଇଁ ଜଣେ ବହୁତ ଭଲ ଏବଂ ଦ୍ରୁତ ବୋଲର ଥିଲେ । ସେ ତାଙ୍କ ଦଳକୁ ବିଶ୍ୱ ସ୍ତରରେ ଆଗକୁ ବଢ଼ାଇବା ପାଇଁ ବହୁତ କଠିନ ପରିଶ୍ରମ କରିଥିଲେ । ସେ ଆଫଗାନିସ୍ତାନ ପାଇଁ ଏକଦିବସୀୟ ଏବଂ ଟି-୨୦ ମ୍ୟାଚ୍ ଖେଳିଥିଲେ । ଲୋକମାନେ ତାଙ୍କର ଦ୍ରୁତ ଏବଂ ଘାତକ ବୋଲିଂକୁ ପସନ୍ଦ କରୁଥିଲେ । ସେ ବିଶ୍ୱକପ୍ ଏବଂ ଟି-୨୦ ବିଶ୍ୱକପ୍ ଭଳି ପ୍ରମୁଖ ଟୁର୍ଣ୍ଣାମେଣ୍ଟରେ ଆଫଗାନିସ୍ତାନକୁ ନେତୃତ୍ୱ ନେଇଥିବା ଖେଳାଳିମାନଙ୍କ ମଧ୍ୟରୁ ଜଣେ ଥିଲେ । ତାଙ୍କ ଯୋଗୁଁ ହିଁ ଆଫଗାନିସ୍ତାନ ଦଳ ଆଜି ବିଶ୍ୱର ଶକ୍ତିଶାଳୀ ଦଳଗୁଡ଼ିକ ସହିତ ପ୍ରତିଯୋଗିତା କରିପାରୁଛି । ଅନ୍ତର୍ଜାତୀୟ କ୍ରିକେଟରେ ଶାପୁରଙ୍କ ପ୍ରଦର୍ଶନ - ଅନ୍ତର୍ଜାତୀୟ କ୍ରିକେଟରେ ଶାପୁର ଜାଦ୍ରନଙ୍କ ପ୍ରଦର୍ଶନ ବିଷୟରେ କହିବାକୁ ଗଲେ, ସେ ଆଫଗାନିସ୍ତାନ ପାଇଁ ୪୪ଟି ଦିନିକିଆ ଏବଂ ୩୬ଟି ଟି-୨୦ ଅନ୍ତର୍ଜାତୀୟ ଖେଳି ପାରିଛନ୍ତି । ଦିନିକିଆରେ, ସେ ୪୪ଟି ମ୍ୟାଚ୍‌ରେ ୪୩ଟି ୱିକେଟ୍ ନେଇଥିଲେ । ସେ ଟି-୨୦ରେ ମଧ୍ୟ ୩୭ଟି ୱିକେଟ୍ ନେଇଥିଲେ । ଜାଦ୍ରନ ପ୍ରଥମ ଶ୍ରେଣୀ କ୍ରିକେଟରେ ୧୭ଟି ୱିକେଟ୍ ଏବଂ ଲିଷ୍ଟ ଏ କ୍ରିକେଟରେ ୫୬ଟି ୱିକେଟ୍ ନେଇଥିଲେ ।

## ଗାଙ୍ଗୁଲିଙ୍କ ବାୟୋପିକ୍ 'ଦାଦା'ର ପୋଷ୍ଟର ଲୁକ୍ ଆଉଟ୍

ନୂଆଦିଲ୍ଲୀ,୦୮।୦୭; ପୂର୍ବତନ ଭାରତୀୟ କ୍ରିକେଟ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ବାୟୋପିକ୍ 'ଦାଦା - ଦି ସୌରଭ ଗାଙ୍ଗୁଲି ଷ୍ଟୋରୀ' ରିଲିଜ୍ ପାଇଁ ପ୍ରଶଂସକମାନେ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି । ଏହି ବହୁ ପ୍ରତୀକ୍ଷିତ ଫିଲ୍ମରେ ରାଜକୁମାର ରାଓ ସୌରଭ ଗାଙ୍ଗୁଲିଙ୍କ ଭୂମିକାରେ ଅଭିନୟ କରିବେ । ଆଜି ସୌରଭ ଗାଙ୍ଗୁଲିଙ୍କ ଜନ୍ମଦିନ ଅବସରରେ ବାୟୋପିକ୍ 'ଦାଦା - ଦି ସୌରଭ ଗାଙ୍ଗୁଲି ଷ୍ଟୋରୀ'ର ପ୍ରଥମ ଲୁକ୍ ରିଲିଜ୍ ହୋଇଛି । ଫିଲ୍ମର ପ୍ରଥମ ଲୁକ୍ ପ୍ରଶଂସକଙ୍କ ଉତ୍ସାହକୁ ବଢ଼ାଇ ଦେଇଛି । ନିର୍ମାତା ଫିଲ୍ମର ମୁକ୍ତି ତାରିଖ ମଧ୍ୟ ଘୋଷଣା କରିଛନ୍ତି । ୨୦୨୭ ମେ' ୧୪ ତାରିଖରେ ଫିଲ୍ମ ରିଲିଜ୍ ହେବ ।

'ଦାଦା - ଦି ସୌରଭ ଗାଙ୍ଗୁଲି ଷ୍ଟୋରୀ'ର ପ୍ରଥମ ଲୁକ୍- ଫିଲ୍ମର ପ୍ରଥମ ଲୁକ୍ ପୋଷ୍ଟରରେ ରାଜକୁମାର ରାଓ ୨୦୦୨ ମସିହାରେ ଇଂଲଣ୍ଡ ବିପକ୍ଷରେ ନାଟୱେଷ୍ଟ ଟ୍ରଫି ଜିତିବା ପରେ ଲର୍ଡସ୍ ବାଲକୋନିରୁ ସୌରଭ ଗାଙ୍ଗୁଲିଙ୍କ ଜର୍ସି ହଲାଇବାର ଐତିହାସିକ ମୁହୂର୍ତ୍ତକୁ ଦେଖାଯାଇଛି । ଏହି ମୁହୂର୍ତ୍ତକୁ ଭାରତୀୟ କ୍ରିକେଟର ସବୁଠାରୁ ସ୍ମରଣୀୟ ମୁହୂର୍ତ୍ତ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ । ଏହା ଗାଙ୍ଗୁଲିଙ୍କ ଅଧିନାୟକତ୍ୱରେ ଭାରତୀୟ କ୍ରିକେଟ ପାଇଁ ଏକ ନୂଆ ଯୁଗର ଆରମ୍ଭର ପ୍ରତୀକ ଥିଲା । ଏବେ ବି ଏହାକୁ ଆତ୍ମବିଶ୍ୱାସ, ଉତ୍ସାହ ଉଦାହରଣ ବୋଲି କୁହାଯାଏ ।



ରାଜକୁମାର ରାଓଙ୍କୁ ତାଙ୍କ ଲୁକ୍ ପାଇଁ ଟ୍ରୋଲ୍- କିଛି ସପ୍ତାହ ପୂର୍ବରୁ, 'ଦାଦା - ଦି ସୌରଭ ଗାଙ୍ଗୁଲି ଷ୍ଟୋରୀ' ସେଟ୍ ରୁ ରାଜକୁମାର ରାଓଙ୍କ ଫଟୋ ଲିକ୍ ହୋଇଥିଲା । ପ୍ରଶଂସକମାନେ କାଷ୍ଟିଂକୁ ପରିହାସ କରିଥିଲେ । ସୁଟିଂ ଫଟୋରେ ରାଜକୁମାର ରାଓଙ୍କ ଲୁକ୍ ସୌରଭ ଗାଙ୍ଗୁଲିଙ୍କ ଲୁକ୍ ସହିତ ମେଳ ଖାଉ ନଥିଲା । ତାଙ୍କର କେଶ ସଜ୍ଜା, ମୁହଁର ଭାବପ୍ରବଣତା ଏବଂ ଶାରୀରିକ ଗଠନକୁ ଅନେକ ଦର୍ଶକ ମୁନାଫ ପଟେଲଙ୍କ ସହିତ ଅଧିକ ସମାନ ବୋଲି କହିଥିଲେ ।'ଦାଦା - ସୌରଭ ଗାଙ୍ଗୁଲି ଷ୍ଟୋରୀ' ହେଉଛି ଜଣେ ବ୍ୟକ୍ତିଙ୍କ ପ୍ରେରଣାଦାୟକ କାହାଣୀ ଯିଏ କେବଳ କ୍ରିକେଟ୍ ଖେଳି ନଥିଲେ ବରଂ ଭାରତୀୟ କ୍ରିକେଟ୍ର ଚିତ୍ର ବଦଳାଇ ଦେଇଥିଲେ । ଏହି ଚଳଚ୍ଚିତ୍ରଟି ଜଣେ ପ୍ରତିଭାଶାଳୀ ଯୁବ କ୍ରିକେଟ୍ ଖେଳାଳିରୁ ଭାରତର ସବୁଠାରୁ ପ୍ରଭାବଶାଳୀ ଅଧିନାୟକ ହେବା ପର୍ଯ୍ୟନ୍ତ ଯାତ୍ରାକୁ ଦେଖିବେ ଦର୍ଶକ । ଯାହା ତାଙ୍କ ସଂଘର୍ଷ ଏବଂ ଦୃଢ଼ ନିଷ୍ପତ୍ତି ସାମ୍ନାକୁ ଆଣିବ ଏବଂ ସମ୍ପୂର୍ଣ୍ଣ ପିଢ଼ିକୁ ପ୍ରେରଣା ଦେଇଥିଲା ।ପୂର୍ବତନ ଟିମ୍ ଇଣ୍ଡିଆ ଅଧିନାୟକ ତଥା ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲିଙ୍କ କ୍ରିକେଟ୍ କ୍ୟାରିୟର କଥା କହିବାକୁ ଗଲେ ସେ, ୪୨୪ ଇଣ୍ଟରନ୍ୟାସନାଲ ମ୍ୟାଚ୍ ଖେଳିଛନ୍ତି । ୧୮, ୫୭୫ ରନ୍ କରିଛନ୍ତି । ୩୮ଟି ଅନ୍ତର୍ଜାତୀୟ ଶତକ ହାସଲ କରିଛନ୍ତି । ତାଙ୍କୁ ଭାରତୀୟ କ୍ରିକେଟ୍ର 'ଦାଦା' ବୋଲି କୁହାଯାଏ ।

## ଧୋନୀଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇଲେ ସିଏମ୍ ବିଜୟ

ନୂଆଦିଲ୍ଲୀ,୮।୭ : ଭାରତୀୟ କ୍ରିକେଟ ଟିମର ପୂର୍ବତନ ଅଧିନାୟକ ଏମଏସ ଧୋନୀ ଆଜି ତଥା ୭ଜୁଲାଇରେ ନିଜର ୪୫ତମ ଜନ୍ମଦିନ ପାଳନ କରୁଛନ୍ତି । ଏହି ଖାସ୍ ଅବସରରେ ବିଶ୍ୱ ସାରା ବହୁ ଲୋକ ଥାଲାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏବେ ଶୁଭେଚ୍ଛା ଦେଇଥିବା ଲିଷ୍ଟରେ ତାମିଲନାଡୁର ସିଏମ୍ ବିଜୟଙ୍କ ନାଁ ବି ସାମିଲ ହୋଇଯାଇଛି । ସିଏମ୍ ବିଜୟ ଚେନ୍ନାଇ ଥାଲାଙ୍କୁ ଖାସ୍ ଅନ୍ଦାଜରେ ଜନ୍ମଦିନ ୱିଶ୍ କରିଛନ୍ତି । ସିଏମଓ ତାମିଲନାଡୁର ପେଜରେ ଧୋନୀଙ୍କ ବାର୍ଥଡେକୁ ନେଇ ଏକ ପୋଷ୍ଟ ସେୟାର କରିଛନ୍ତି । ଏଥିରେ ଲେଖିଛନ୍ତି କି, ଆପଣଙ୍କ ନାମ ପ୍ରତିଧ୍ୱନିତ କରୁଥିବା ପ୍ରତ୍ୟେକ ସହରଠାରୁ ଆରମ୍ଭ କରି ତୁମେ ପ୍ରେରଣା ଦେଇଥିବା ଅଗଣିତ ଲୋକଙ୍କୁ, ତୁମର ଯାତ୍ରା ତାମିଲନାଡୁର କ୍ରୀଡା-ଆଗ୍ରହର ଏକ ମୂଲ୍ୟବାନ ଅଂଶ ପାଲଟିଛି !'

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com
Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ